
# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୩/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, April 23/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୧୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 148 | ମୂଲ୍ୟ ₹୭/-

**ପ୍ରଜ୍ଞାଙ୍କୁ ରୌପ୍ୟ ପଦକ**

ନ୍ୟାଶନାଲ ଫେଡେରେଶନ ସିନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ମହିଳା ୧୦୦ ମିଟର ହର୍ଡଲ୍ସରେ ରୌପ୍ୟ ପଦକ ହାସଲ କରିଛନ୍ତି ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ।

୧୪ | ୦୮

**‘ଗୋଲ୍ଡ ହାଉସ୍ ଗାଲା ୨୦୨୫’ରେ ସମ୍ମାନିତ ହେବେ ପ୍ରିୟଙ୍କା**

ଆସନ୍ତା ମାସରେ ହେବାକୁ ଥିବା ‘ଗୋଲ୍ଡ ହାଉସ୍ ଗାଲା ୨୦୨୫’ରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କୁ ସମ୍ମାନିତ କରାଯିବ।



### ପର୍ଯ୍ୟଟକଙ୍କୁ ଆତଙ୍କବାଦୀଙ୍କ ଗୁଳି

# ଓଡ଼ିଆଙ୍କ ସମେତ ୩୦ ମୃତ

କିଛିଦିନର ନୀରବତା ପରେ ଜମ୍ମୁ-କଶ୍ମୀରରେ ପୁଣି ରକ୍ତମୁଖା ହୋଇଛନ୍ତି ଆତଙ୍କବାଦୀ। ପହଲଗାମ୍ ଜିଲାରେ ସେମାନେ ମଙ୍ଗଳବାର ଅପରାହ୍ନ ୩ଟାରେ ବଡ଼ଧରଣର ଆକ୍ରମଣ କରିଛନ୍ତି। ପ୍ରାକୃତିକ ଶୋଭାରାଜି ପାଇଁ ‘ମିନି ସୁଇଜରଲାଣ୍ଡ’ ଭାବେ ପରିଚିତ ଦକ୍ଷିଣ କଶ୍ମୀରର ମୁଖ୍ୟ ପର୍ଯ୍ୟଟନସ୍ଥଳ ବୈସରନ୍‌ରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା (ଏଲ୍ଇଟି) ସଦସ୍ୟମାନେ ଅନ୍ୟୂନ ୫୦ ରାଉଣ୍ଡ ଗୁଳି ଚଳାଇଛନ୍ତି। ଏହି ଅତର୍କିତ ଆକ୍ରମଣରେ ଜଣେ ଓଡ଼ିଆ ଓ ୨ ଜଣ ବିଦେଶୀଙ୍କ ସମେତ ୩୦ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ବାଲେଶ୍ୱର ରେମୁଣା ଅଞ୍ଚଳର ପ୍ରଶାନ୍ତ ଶତପଥୀ ସ୍ତ୍ରୀ ଓ ପୁଅଙ୍କ ସହିତ ବୈସରନ୍‌କୁ ବୁଲିବାକୁ ଯାଇଥିବାବେଳେ ସେ ପ୍ରାଣ ହରାଇଥିବା ଅନନ୍ତନାଗ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ଆହତଙ୍କୁ ଉଦ୍ଧାର କରିବା ପାଇଁ ସେନା ହେଲିକପ୍ଟରକୁ ନିୟୋଜିତ କରାଯାଇଛି। ସାଉଦି ଆରବ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆକ୍ରମଣକୁ ନିନ୍ଦା କରିବା ସହିତ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସହ ଫୋନ୍‌ରେ ଏନେଇ ଆଲୋଚନା କରିଛନ୍ତି। ଶାହା ଦିଲ୍ଲୀରେ ସୁରକ୍ଷା ଏଜେନ୍ସିଗୁଡ଼ିକର ମୁଖ୍ୟମାନଙ୍କ ସହ ଉଚ୍ଚସ୍ତରୀୟ ବୈଠକ ପରେ ସ୍ଥିତି ସମୀକ୍ଷା ପାଇଁ ଶ୍ରୀନଗର ଯାଇଛନ୍ତି। ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଆକ୍ରମଣକାରୀଙ୍କୁ ପଶୁଙ୍କ ସହ ତୁଳନା କରିଛନ୍ତି। ଅନ୍ୟପକ୍ଷରେ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଭାରତ ଗସ୍ତରେ ଥିବାବେଳେ ଏହି ଆକ୍ରମଣ ଯୋଜନାବଦ୍ଧ ଭାବେ ଘଟାଯାଇ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସ୍ଥିତିକୁ ଦର୍ଶାଇବା ପାଇଁ ଉଦ୍ୟମ କରାଯାଇଥିବା କୁହାଯାଉଛି।



ମୃତ ପ୍ରଶାନ୍ତ ଶତପଥୀ

**ଶ୍ରୀନଗର/ପହଲଗାମ୍,୨୨।୪**

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ମଙ୍ଗଳବାର ଅପରାହ୍ନରେ ଆତଙ୍କବାଦୀଙ୍କ ଆକ୍ରମଣରେ ଜଣେ ଓଡ଼ିଆଙ୍କ ସମେତ ୩୦ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ବିଦେଶୀ ଓ ୨ ସ୍ଥାନୀୟ ଲୋକ ଥିବା ଜଣାପଡ଼ିଛି। ଆହତଙ୍କ ମଧ୍ୟରୁ କେତେଜଣ ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ପହଲଗାମ୍‌ର ବୈସରନ ପର୍ବତ ଶିଖରରେ ଏକ ୪୦ ଜଣିଆ ପର୍ଯ୍ୟଟକ ଦଳଙ୍କୁ ଟାର୍ଗେଟ କରି ସଶସ୍ତ୍ର ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇଥିଲେ। ଆକ୍ରମଣ ସ୍ଥଳରେ ଅନେକଙ୍କ ରକ୍ତ ଜୁଡୁବୁଡୁ ମରଶରୀର ପଡ଼ିଥିବା ଦେଖାଯାଇଛି। ଆକ୍ରମଣ ପାଇଁ ଲଶ୍କର-ଇ-ତୋଇବାର ଛାମୁଆ ସଂଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍‌ଏଫ୍) ନିଜକୁ ଦାୟୀ କରିଛି।

ଘଞ୍ଚ ଜଙ୍ଗଲ, ସ୍ୱଚ୍ଛ ହ୍ରଦ ଏବଂ ବିସ୍ତୀର୍ଣ୍ଣ ପ୍ରାନ୍ତର ପାଇଁ ଜଣାଶୁଣା ପହଲଗାମ ଏକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ। ଅମରନାଥ ଯାତ୍ରା ପାଇଁ ପଞ୍ଜୀକରଣ ଚାଲିଥିବା ବେଳେ ଉକ୍ତ ଅଞ୍ଚଳରେ ପର୍ଯ୍ୟଟକଙ୍କ ଗହଳି ଲାଗିଛି। ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ଭାରତ ଗସ୍ତ ସମୟରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ୨୦୧୯ ଫେବୃଆରୀରେ ପୁଲ୍‌ଓ୍ୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୪୭ ଜଣ ସିଆର୍‌ପିଏଫ୍ ଯବାନ ପ୍ରାଣ ହରାଇଥିଲେ। ଏହା ପରଠାରୁ ମଙ୍ଗଳବାରର ଆକ୍ରମଣ ସବୁଠୁ ବଡ଼ ଆତଙ୍କବାଦୀ ଆକ୍ରମଣ ବୋଲି କୁହାଯାଉଛି।

ସଶସ୍ତ୍ର ଆତଙ୍କବାଦୀ ପହଲଗାମ ରିସର୍ଟ ସହରଠାରୁ ୬ କି.ମି. ଦୂରରେ ଥିବା ବୈସରନ୍‌ରେ ପହଞ୍ଚି ସେଠାରେ ରେଷ୍ଟୁରାଣ୍ଟ ନିକଟରେ ଚାଲବୁଲ କରୁଥିବା ବା ପିକ୍‌ନିକ୍ କରୁଥିବା ପର୍ଯ୍ୟଟକମାନଙ୍କ ଉପରକୁ ଗୁଳି ଚଳାଇଥିଲେ ବୋଲି ଜଣେ ଅଧିକାରୀ କହିଛନ୍ତି।

# ଆଜିଠୁ ସ୍କୁଲ, କଲେଜ ବନ୍ଦ

**ଭୁବନେଶ୍ୱର,୨୨।୪(ରବିନାରାୟଣ ଜେନା)**

ବୁଧବାରଠାରୁ ସ୍କୁଲ୍ ଓ କଲେଜ ପିଲାଙ୍କ ପାଇଁ ଖରା ଛୁଟି ଘୋଷଣା କରାଯାଇଛି। ଏପ୍ରିଲ ୨୩ରୁ ଅଙ୍ଗନଓ୍ୱାଡି ଓ ଶିଶୁବାଟିକାଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଅନ୍ୟାଦେଶ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ରାଜ୍ୟରେ ଭୀଷଣ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପିଲାମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ସମୀକ୍ଷା କରିବା ପରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମରେ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ସର୍ବାଧିକ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତେବେ ଏହି ସମୟରେ କଲେଜର ପୂର୍ବ ନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ନିର୍ଦ୍ଦିଷ୍ଟ ତାରିଖରେ ହେବ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ ଏଥିପାଇଁ ଯତ୍ନବାନ ହେବାକୁ କୁହାଯାଇଛି।


BGU BIRLA GLOBAL UNIVERSITY BHUBANESWAR

ADMISSIONS OPEN
www.bgu.ac.in
A Hub of Excellence in Education

BIRLA SCHOOL OF COMMERCE
Mastering Analytics to Decode Business Finances

ACADEMIC PROGRAMS OFFERED
- B.Com (Hons.)
- M.Com (Financial Analytics)

OUR EDGE
- Focus on Financial Modeling, Fintech & Business Forecasting
- Continuous Mentoring & Career Counseling
- Advanced Analytics with R, Python, Power BI, Tableau etc.
- Internship opportunities & Industry exposure
- B.K. Birla & Sarala Birla Academic Merit Scholarships

OUR OTHER SCHOOLS
- Birla School of Management
- Birla School of Economics
- Birla School of Communication
- Birla School of Law
- Birla School of Applied Science
- Birla School of Engineering & Technology

Apply online forms.bgu.ac.in

IDCO Plot No. 2, Institutional Area, Gothapatna, Bhubaneswar – 751029
WhatsApp/Call: 9776129900/7381058307 Email: admission@bgu.ac.in
scan to apply


## ଟଙ୍କା ପାଇଁ ଶିଶୁ ଅପହରଣ

### ୬ ଘଣ୍ଟାରେ ଉଦ୍ଧାର, ୭ ଗିରଫ

**ଭୁବନେଶ୍ୱର,୨୨।୪(ସତ୍ୟଜିତ୍ ରାଉତ)**


ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପାଞ୍ଚଗାଁରେ ମଙ୍ଗଳବାର ସ୍କୁଲକୁ ଯାଉଥିବା ୮ବର୍ଷର ଶିଶୁ ପ୍ରତ୍ୟୁଷଙ୍କୁ ଅପହରଣ କରାଯାଇଥିଲା। ମୁଣ୍ଡଚାମିନ ରଖି ଅପହର୍ତ୍ତାମାନେ ଶିଶୁଙ୍କ ମା’ଙ୍କୁ ଫୋନ କରି ଟଙ୍କା ଦାବି କରିଥିଲେ। ହେଲେ ଅପହରଣର ୬ଘଣ୍ଟା ଭିତରେ କମିଶନରେଟ୍ ପୋଲିସ ଖୋର୍ଦ୍ଧା ନିରାକାରପୁରରେ ଚଢ଼ାଉ କରି ଅପହୃତ ଶିଶୁଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ଦୁଇ ମହିଳାଙ୍କ ସମେତ ୭ଜଣଙ୍କୁ ଗିରଫ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଯୁବକ ତଥା ପ୍ରତ୍ୟୁଷଙ୍କ ଟିଉଶନ୍ ମ୍ୟାମ୍‌ଙ୍କ ଭାଇ ହିଁ ଏହି ଘଟଣାର ମାଷ୍ଟରମାଇଣ୍ଡ ବୋଲି ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

# ବିଲ୍ ପୈଠ କରି ନ ଥିଲେ ବି ବିଦ୍ୟୁତ୍ କାଟ ହେବନି: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୨।୪(ସୁନିତ୍ ମିଶ୍ର)**

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ରାଜ୍ୟର ତାପମାତ୍ରା ଏବେ ଅଧିକାଂଶ ଜିଲାରେ ୪୦ ଡିଗ୍ରୀରୁ ଅଧିକ ରହୁଛି। ଏଭଳି ସ୍ଥିତିରେ ଏକାଧିକ ଥର ହେଉଥିବା ବିଦ୍ୟୁତ୍ କାଟ(ପାଓ୍ୱାର୍ କଟ୍) ଲୋକମାନଙ୍କ ପାଇଁ ବଡ଼ ସମସ୍ୟା ହୋଇ ଉଭାହୋଇଛି। ଏହା କେବଳ ଚଳିତ ବର୍ଷର ସମସ୍ୟା ନୁହେଁ। ପ୍ରତ୍ୟେକ ବର୍ଷ ଗ୍ରୀଷ୍ମଋତୁ ଆସିଲେ ବିଦ୍ୟୁତ୍ କାଟ ସମସ୍ୟା କାରଣରୁ ଲୋକମାନଙ୍କ ଭିତରେ ଅସନ୍ତୋଷ ରହିଥାଏ। ବର୍ତ୍ତମାନ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ପାଓ୍ୱାର କଟ୍ ନ କରିବାକୁ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନିର୍ଦ୍ଦେଶ ଦେଇଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବିଦ୍ୟୁତ୍ କାଟ ହେବନାହିଁ। ଗ୍ରୀଷ୍ମପ୍ରବାହ ସମୟରେ କାହାର ମଧ୍ୟ ବିଦ୍ୟୁତ୍ କାଟ କରାଯିବନାହିଁ। ଉପଭୋକ୍ତା ବକେୟା ବିଲ୍ ପ୍ରଦାନ କରି ନ ଥିଲେ ମଧ୍ୟ ଲାଇନ କଟିବନାହିଁ। କିନ୍ତୁ ଉପଭୋକ୍ତାଙ୍କୁ ବକେୟା ବିଲ୍ ପୈଠ କରିବାକୁ ପଡ଼ିବ। ପୂର୍ବରୁ ମଧ୍ୟ ବିଧାନସଭା ସମୟରେ କହିଥିଲେ, ବିଲ୍ ଦେଇ ନ ଥିଲେ ବି ଜୁନ୍ ପର୍ଯ୍ୟନ୍ତ ଲୋକଙ୍କ ବିଦ୍ୟୁତ୍ କାଟ ହେବନାହିଁ। କାଳବୈଶାଖୀ ଯୋଗୁ କୌଣସି ସ୍ଥାନରେ ଯଦି ବିଦ୍ୟୁତ୍ କାଟ ହେଉଛି ତେବେ ତାକୁ ତୁରନ୍ତ କାମ କରିଦିଆଯାଉଛି। ପୂର୍ବ ତୁଳନାରେ ବିଦ୍ୟୁତ୍ ଯୋଗାଣ ଠିକ୍‌ଠାକ୍ କରାଯାଉଛି। ଯେଉଁସବୁ ସ୍ଥାନରେ ବିଦ୍ୟୁତ୍ କାମ ଚାଲୁଛି, ପୂର୍ବରୁ ଏନେଇ ଲୋକମାନଙ୍କୁ ଜଣାଇ ଦିଆଯାଉଛି। କେତେ ସମୟ ପାଇଁ ଏବଂ କେଉଁ କାରଣରୁ ବିଦ୍ୟୁତ୍ କାଟ ହେଉଛି ସେକଥା ମଧ୍ୟ କୁହାଯାଉଛି। ବିଦ୍ୟୁତ୍ ସେବା ବ୍ୟାହତ ହେଉଥିଲେ ମଧ୍ୟ ତୁରନ୍ତ ସମାଧାନ ହେଉଛି। ସରକାର କେବେହେଲେ ଜାଣି ପାଓ୍ୱାର୍ କଟ୍ କରନ୍ତି ନାହିଁ, କାରଣ ଏଥିରୁ ସରକାରଙ୍କୁ ରାଜସ୍ୱ ମିଳୁଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।



କନକ ବର୍ଦ୍ଧନ ସିଂଦେଓ

ସୂଚନାଯୋଗ୍ୟ, କାଳବୈଶାଖୀ ପରେ ରାଜ୍ୟରେ ପୁଣି ପ୍ରଚଣ୍ଡ ତାତି ଫେରିଛି। ଦିନବେଳା ଘରୁ ବାହାରିବା ଲୋକଙ୍କ ପାଇଁ କଷ୍ଟକର ବ୍ୟାପାର ହୋଇଛି। ଗରମ ଗୁଳିଗୁଳିରେ ଘରେ ରହିବା ମଧ୍ୟ କଷ୍ଟକର ହୋଇପଡୁଛି। ମଙ୍ଗଳବାର ସାଢେ ୧୧ଟା ସୁଦ୍ଧା ରାଜ୍ୟରେ ତାପମାତ୍ରା ୪୨ ଡିଗ୍ରୀ ଟପିଛି। ଝାରସୁଗୁଡ଼ାରେ ୪୨.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ହୀରାକୁଦରେ ୪୦, ସମ୍ବଲପୁର ୩୯.୬, ରାଉରକେଲାରେ ୩୯ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। କେନ୍ଦୁଝରରେ ୩୬.୮, ଚାନ୍ଦବାଲି ୩୬.୪, ଭୁବନେଶ୍ୱରରେ ଦିନ ସାଢେ ୧୧ଟା ସୁଦ୍ଧା ୩୫.୪ ଡିଗ୍ରୀ ଛୁଇଁଛି।


**ଆଜିର ସମ୍ପାଦକୀୟ**

୩୦ ବର୍ଷ ପୂର୍ବରୁ ଓ ପରେ


# ସିଭିଲ୍ ସର୍ଭିସ୍‌ରେ ଓଡ଼ିଶାରୁ ୧୮ କୃତକାର୍ଯ୍ୟ

**ଭୁବନେଶ୍ୱର(ସୁଚିସ୍ମିତା ସାହୁ)/ ନୂଆଦିଲ୍ଲୀ(ପି.ଟି.),୨୨।୪**

କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି) ମଙ୍ଗଳବାର ସିଭିଲ୍ ସର୍ଭିସେସ୍ ପରୀକ୍ଷା-୨୦୨୪ର ଫଳାଫଳ ଘୋଷଣା କରିଛି। ଓଡ଼ିଶାରୁ ୧୮ଜଣ କୃତକାର୍ଯ୍ୟ ହୋଇଥିବାବେଳେ ଭୁବନେଶ୍ୱର ବରମୁଣ୍ଡା ଅଞ୍ଚଳରେ ରହୁଥିବା କୋରାପୁଟ ଜିଲା ଜୟପୁରର ରିତିକା ରଥ ୪୮ତମ ସ୍ଥାନରେ ରହିଛନ୍ତି। ଆଲ୍ଲାହାବାଦ ୟୁନିଭର୍ସିଟିରୁ ବାୟୋକେମେଷ୍ଟ୍ରିରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଶକ୍ତି ଦୁବେ ସିଭିଲ୍ ସର୍ଭିସ ପରୀକ୍ଷାରେ ଟପ୍ପର ହୋଇଥିବାବେଳେ ହର୍ଷିତା ଗୋୟଲ ଏବଂ ଡୋଙ୍ଗ୍ରେ ଅର୍ଚିତ ପରାଗ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ର୍‍ୟାଙ୍କ୍ ପାଇଛନ୍ତି।

### ୪୮ତମ ସ୍ଥାନରେ ରିତିକା ରଥ, ଶକ୍ତି ଦୁବେ ଟପ୍ପର



ରିତିକା ରଥ

ଓଡ଼ିଶାର ଦେବିକା ପ୍ରିୟଦର୍ଶିନୀ ୯୫ତମ ସ୍ଥାନରେ ରହିଥିବାବେଳେ ୯୬ତମ ସ୍ଥାନରେ ଆଦର୍ଶ ଆଚାର୍ଯ୍ୟ, ୧୬୪ରେ ଦୀପ୍ତିରଞ୍ଜନ ପତି, ୧୭୫ରେ ରଶ୍ମୀ ପ୍ରଧାନ, ୧୯୩ରେ ନୀଳମାଧବ ପ୍ରଧାନ, ୧୯୮ରେ ଆଶୁତୋଷ ମିଶ୍ର, ୨୧୨ରେ ଅନୁପ ନାୟକ, ୪୧୪ରେ ପଦ୍ମନାଭ ମିଶ୍ର, ୪୧୬ରେ ପ୍ରଶାନ୍ତ ମିଶ୍ର, ୪୨୮ରେ ଧୃତିରାଜ ମିଶ୍ର, ୪୪୩ରେ ଅଙ୍କିତା ରଥ, ୫୩୫ରେ କୌଶିକ ମିଶ୍ର, ୫୬୮ରେ ସିମରନ ସାହୁ, ୮୪୦ରେ ରିଶିତା ଦାଶ, ୯୭୧ରେ ଗୋପୀନାଥ ସାହୁ, ୯୮୭ରେ ଆଦିତ୍ୟ ବେହେରା ଓ ୯୯୪ତମ ସ୍ଥାନରେ ଅର୍ଣ୍ଣପୂର୍ଣ୍ଣା ମିଶ୍ର ରହିଛନ୍ତି।

୨ୟ ର୍‍ୟାଙ୍କରେ ଥିବା ହର୍ଷିତା ଗୋୟଲ ବରୋଦାର ଏମ୍‌ଏସ୍ ୟୁନିଭର୍ସିଟିର ବାଣିଜ୍ୟ ସ୍ନାତକ ହୋଇଥିବାବେଳେ ୩ୟ ସ୍ଥାନରେ ଥିବା ପରାଗ ତାମିଲନାଡୁର ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଇଲେକ୍ଟ୍ରିକାଲ ଏବଂ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂରେ ବିଟେକ୍ ଡିଗ୍ରୀ କରିଛନ୍ତି। ଟପ୍ପର ଦୁବେ ଏବଂ ଗୋୟଲ ରାଜନୀତି ବିଜ୍ଞାନ ଏବଂ ଅନ୍ତର୍ଜାତୀୟ ସମ୍ପର୍କକୁ ଇଚ୍ଛାଧୀନ ବିଷୟ ରଖି କୃତକାର୍ଯ୍ୟ ହୋଇଥିବାବେଳେ ପରାଗ ଦର୍ଶନ ଶାସ୍ତ୍ରକୁ ଇଚ୍ଛାଧୀନ ବିଷୟ ରଖିଥିଲେ। ଗୁଜରାଟ ଟେକ୍ନୋଲୋଜି ୟୁନିଭର୍ସିଟିରୁ କମ୍ପ୍ୟୁଟର ଇଞ୍ଜିନିୟରିଂରେ ବ୍ୟାଚେଲର ଡିଗ୍ରୀ କରିଥିବା ଶାହ ମାର୍ଗି ଚିରାଗ ଚତୁର୍ଥ ର୍‍ୟାଙ୍କ୍ ପାଇଛନ୍ତି।






A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
TOLL FREE NO.: 1800 257 2258 | www.panbahar.in




# ପହଲଗାମ୍‌ରେ ଆତଙ୍କୀ ହମ୍‌ଲାରେ ଓଡ଼ିଆ ପର୍ଯ୍ୟଟକଙ୍କ ମୃତ୍ୟୁ | ଇଶାଣୀ ଗାଁରେ ଶୋକାକୁଳ ପରିବେଶ

ବାଲେଶ୍ୱର,୨୨।୪ (ବାଞ୍ଛାନିଧି ଦେ)

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ମଙ୍ଗଳବାର ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଜଣେ ଓଡ଼ିଆ ପର୍ଯ୍ୟଟକ ପ୍ରାଣ ହରାଇଛନ୍ତି। ସେ ହେଲେ ବାଲେଶ୍ୱର ସଦର ବ୍ଲକ୍ ସାରଗାଁ ପଞ୍ଚାୟତ ଅନ୍ତର୍ଗତ ଇଶାଣୀ ଗ୍ରାମର ପ୍ରଶାନ୍ତ ଶତପଥୀ(୪୧)। ତାଙ୍କ ମୁଣ୍ଡରେ ଗୁଳିମାଡ଼ ହୋଇଥିଲା। ତାଙ୍କର ମୃତ୍ୟୁ ଘଟିଥିବା ନେଇ ଅନନ୍ତନାଗ ପୋଲିସ ସ୍ପଷ୍ଟ କରିଥିବା ପରିବାର ଲୋକେ କହିଛନ୍ତି। ଖବର ପ୍ରଚାରିତ ହେବା ପରେ ସମଗ୍ର ଜିଲା ସମେତ ଇଶାଣୀ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ ପ୍ରଶାନ୍ତଙ୍କ ମା', ୩ ଭାଇ ଓ ଜଣେ ଭଉଣୀ ଅଛନ୍ତି। ବଡ଼ ଭାଉଜ ସବିତା ମଲ୍ଲିକ ସାରଗାଁ ପଞ୍ଚାୟତର ସରପଞ୍ଚ ଅଛନ୍ତି। ପରିବାର ଲୋକେ ପ୍ରଶାନ୍ତଙ୍କ ମୃତ୍ୟୁ ଖବର ପାଇ ହତବାକ୍ ହୋଇପଡ଼ିଛନ୍ତି। ତାଙ୍କ ବାସଭବନରେ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ, ସାଙ୍ଗସାଥୀ ଓ ଗ୍ରାମବାସୀଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ସୂଚନାଯୋଗ୍ୟ, ବାଲେଶ୍ୱର ସିପେଟ୍‌ରେ ପ୍ରଶାନ୍ତ ଆକାଉଣ୍ଟାଣ୍ଟ ଭାବେ ଚାକିରି କରୁଥିଲେ। ଗ୍ରୀଷ୍ମଋତୁରେ ଜମ୍ମୁ-କଶ୍ମୀର ବୁଲିବା ପାଇଁ ସେ ଗତ ୧୯ ତାରିଖରେ ଘରୁ ବାହାରିଥିଲେ। ତାଙ୍କ ସହ ସ୍ତ୍ରୀ ପ୍ରିୟଦର୍ଶିନୀ ଓ ୮ ବର୍ଷୀୟ ପୁଅ ତନୁଜ ଯାଇଥିଲେ। ସେଠାରେ ପହଞ୍ଚି ପହଲଗାମ୍‌ର ବୈସରନ୍ ଭ୍ୟାଲିରେ ରହିଥିଲେ। ମଙ୍ଗଳବାର ସେଠାରେ ପୁଅ ଓ ସ୍ତ୍ରୀଙ୍କ ସହିତ ପ୍ରଶାନ୍ତ ବୁଲୁଥିବା ବେଳେ ଆତଙ୍କବାଦୀମାନେ ପର୍ଯ୍ୟଟକମାନଙ୍କ ଉପରେ ଅତର୍କିତ ଭାବେ ଗୁଳି ଚଳାଇଥିଲେ। ସ୍ତ୍ରୀଙ୍କ ସାମ୍ନାରେ ପ୍ରଶାନ୍ତଙ୍କ ମୁଣ୍ଡରେ ଗୁଳି ବାଜିଥିଲା। ସହାୟତା ପାଇଁ ପ୍ରିୟଦର୍ଶିନୀ ଚିତ୍କାର କରିଥିଲେ। ଦୀର୍ଘ ସମୟ ପରେ ଯବାନମାନେ ସେଠାରେ ପହଞ୍ଚି ପ୍ରଶାନ୍ତଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ନେଇଯାଇଥିବା ପ୍ରିୟଦର୍ଶିନୀଙ୍କଠାରୁ ସୂଚନା ମିଳିଛି।


ପ୍ରଶାନ୍ତ ଶତପଥୀ

**ଓଡ଼ିଆ ପର୍ଯ୍ୟଟକଙ୍କ ମରଶରୀର ଭଲରେ ପଞ୍ଚାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର, ୨୨।୪(ସୁନିତ୍ ମିଶ୍ର)

କଶ୍ମୀରର ପହଲଗାମ୍ ଠାରେ ଉଗ୍ରପନ୍ଥୀମାନେ ମଙ୍ଗଳବାର ଏକ ଜଘନ୍ୟକାଣ୍ଡ ଘଟାଇ ନିରୀହ ପର୍ଯ୍ୟଟକମାନଙ୍କୁ ହତ୍ୟା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାର ଦୃଢ଼ ନିନ୍ଦା କରିବା ସହ ମୃତ ପର୍ଯ୍ୟଟକମାନଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଜଣେ ଓଡ଼ିଆ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ସମ୍ପୃକ୍ତ ଓଡ଼ିଆ ପର୍ଯ୍ୟଟକଙ୍କ ମରଶରୀରକୁ କିପରି ତାଙ୍କ ବାସସ୍ଥାନରେ ସୁରୁଖୁରୁରେ ପହଞ୍ଚିପାରିବ, ସେ ସମ୍ପର୍କରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ଅବସ୍ଥାପିତ ପ୍ରମୁଖ ଆବାସିକ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଦେବପ୍ରସାଦ ଦାଶଙ୍କୁ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୨୨।୪ (ରବିନାରାୟଣ ଜେନା)

ଦୀର୍ଘ ୫୦ଦିନ ବ୍ୟବଧାନ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ପଦ ପୂରଣ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମଙ୍ଗଳବାର ଜାରି ବିଜ୍ଞପ୍ତି ଅନୁଯାୟୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଯୁଗ୍ମସଚିବ ଦେବପ୍ରସାଦ ଦାଶଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସମ୍ପ୍ରତି ଦେବପ୍ରସାଦ ଏବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମସଚିବ ଭାବେ ଅବସ୍ଥାପିତ ଅଛନ୍ତି। ସରକାରଙ୍କ ପକ୍ଷରୁ ନୋସ୍‌ନାଲି ଦୁଇଟି ପର୍ଯ୍ୟାୟରେ ତାଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଏହି ଅବଧି ମଧ୍ୟରେ ସେ ପୂର୍ବ ବକେୟା ସହିତ ଅନ୍ୟାନ୍ୟ ପ୍ରାପ୍ୟ ପାଇବେ ନାହିଁ। ବିଜ୍ଞପ୍ତି ଅନୁଯାୟୀ, ଦେବପ୍ରସାଦ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ। ସୂଚନାଯୋଗ୍ୟ ଯେ, ଫେବୃଆରୀ ୨୮ରେ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ପଦରୁ ସରୋଜ ସାମଲ ଅବସର ଗ୍ରହଣ କରିଥିଲେ। ସେବେଠାରୁ ଉକ୍ତ ପଦ ଖାଲି ପଡ଼ିଥିଲା।



# ହାଇୱା ତଳେ ଚାପିହୋଇ ଯୁବକ ମୃତ


**ଉତ୍ତେଜନା, ରାସ୍ତା ଅବରୋଧ କଲେ ଲୋକେ**

ତିହିଡ଼ି,୨୨।୪(ସଞ୍ଜିତ ବଳ)

ଭଉଣୀଙ୍କୁ କଲେଜରେ ଛାଡ଼ି ଘରକୁ ଫେରୁଥିବା ବେଳେ ହାଇୱା ତଳେ ଚାପିହୋଇ ଚାଲିଗଲା ଭାଇଙ୍କ ଜୀବନ। ଭଦ୍ରକ-ଚାନ୍ଦବାଲି ରାସ୍ତାର ବିନ୍ଧାବଜାରଠାରୁ କିଛି ଦୂରରେ ମଙ୍ଗଳବାର ସକାଳ ୮ଟା ୩୦ ମିନିଟ ବେଳେ ଏହି ଦୁର୍ଘଟଣା ଘଟିଛି। ମୃତକ ହେଲେ ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ସାହାପୁର ପଞ୍ଚାୟତ କଣ୍ଡରାଗଡ଼ିଆ ଗ୍ରାମର ଉତ୍ତମ କୁମାର ଶଙ୍ଖୁଆ(୨୪)। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା।

ସୂଚନା ଅନୁଯାୟୀ, ଉତ୍ତମ ତାଙ୍କ ଭଉଣୀଙ୍କୁ ତିହିଡ଼ି କଲେଜରେ ଛାଡ଼ି ବାଇକ୍‌ରେ ଘରକୁ ଫେରୁଥିଲେ। ବିନ୍ଧାବଜାରଠାରୁ କିଛି ଦୂରରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉତ୍ତମ ଭାରସାମ୍ୟ ହରାଇ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଏହି ସମୟରେ ଭଦ୍ରକରୁ ଚାନ୍ଦବାଲି ଅଭିମୁଖେ ଯାଉଥିବା ଏକ ହାଇୱା ଉତ୍ତମଙ୍କୁ ଚାପି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ସେଠାରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା, ତିହିଡ଼ି ଥାନା ଏସ୍‌ଆଇ ପ୍ରବୀଣ ଗିରି ଓ ଏଏସ୍‌ଆଇ କମଳାକାନ୍ତ ଶତପଥୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ସ୍ଥାନୀୟ ଅଞ୍ଚଳର ଭାଜପା ନେତା ସଂଗ୍ରାମ କେଶରୀ ମହାନ୍ତି, ସନାତନ ମିଶ୍ର, ରତିକାନ୍ତ ମହାକୁଡ଼, ପୂର୍ବତନ ସରପଞ୍ଚ ବଳଭଦ୍ର ମାଠ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ସହଯୋଗ କରିବାରୁ ପରିସ୍ଥିତି ଶାନ୍ତପଡ଼ିଥିଲା। ତେବେ ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ହାଇୱାକୁ ଜବତ କରିଛି। ଏହି ଘଟଣାରେ ପୀରହାଟ ଥାନା ପୋଲିସ ଏକ ମାମଲା (ନଂ.୯୯/୨୫) ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ଛାତ୍ରଙ୍କୁ ଶ୍ୱାସରୁଦ୍ଧ କରି ମାରିଦେଲେ

- ବେସରକାରୀ କଲେଜ ଛାତ୍ରାବାସରେ ହତ୍ୟା
- ୩ ଜଣଙ୍କୁ ଅଟକ ରଖି ପଚରାଉଚରା

କେନ୍ଦୁଝର,୨୨।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଟାଉନ ଥାନା ଅଞ୍ଚଳରେ ଥିବା ଘରୋଇ କଲେଜର ଡାଙ୍ଗରପଡ଼ାସ୍ଥିତ ଛାତ୍ରାବାସରେ ଜଣେ ଛାତ୍ରଙ୍କୁ ହତ୍ୟା ଅଭିଯୋଗ ହୋଇଛି। ସାମାନ୍ୟ ବଚସାକୁ ନେଇ ୩ ଅନ୍ତେବାସୀ ସମ୍ପୃକ୍ତ ଛାତ୍ରଙ୍କ ମୁହଁରେ କମ୍ବଳ ପକାଇ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଚମ୍ପୁଆ ବ୍ଲକ୍ ଜାଲି ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗରପଡ଼ା ଗ୍ରାମର ଜଗବନ୍ଧୁ ମହାନ୍ତଙ୍କ ପୁଅ ଜଳଧର ମହାନ୍ତ(୧୫)। ମାଟ୍ରିକ ପରୀକ୍ଷା ପରେ ଛାତ୍ରାବାସରେ ରହି ଉକ୍ତ କଲେଜରେ ସମର କୋର୍ସ କରୁଥିଲେ। ମୃତକଙ୍କ ବାପା ପୁଅକୁ ହତ୍ୟା କରାଯାଇଥିବା ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୩ ଛାତ୍ରଙ୍କୁ ହେପାଜତକୁ ନେଇ ତଦନ୍ତ କରୁଛି।


ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୧୦ଟା ସମୟରେ ଜଳଧର ସବୁଦିନ ପରି ରାତ୍ରିଭୋଜନ ପରେ ସାଙ୍ଗମାନଙ୍କ ସହ ଦ୍ୱିତୀୟ ମହଲାରେ ଥିବା ରୁମ୍‌ରେ ଶୋଇଥିଲେ। ରାତି ପ୍ରାୟ ୨ଟା ସମୟରେ ଅନ୍ୟ ଜଣେ ଛାତ୍ର ରୁମ ପାଖରେ ଥିବା ଆକ୍ୱାଗାର୍ଡକୁ ପାଣି ପାଇଁ ଆସିଥିଲେ। ସେଠାରେ ଏକ ବେଡ୍‌ରେ ଜଳଧର ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ୱାର୍ଡେନକୁ ଜଣାଇଥିଲେ। ୱାର୍ଡେନ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପରିବାର ଲୋକଙ୍କ ଉପସ୍ଥିତିରେ ତଦନ୍ତ ଆରମ୍ଭ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ପ୍ରାଥମିକ ତଦନ୍ତ ବେଳେ କୌଣସି ଘଟଣାକୁ ନେଇ ୩ ସହପାଠୀଙ୍କ ସହ ତାଙ୍କର ଗଣ୍ଡଗୋଳ ହୋଇଥିଲା। ସହପାଠୀ ଗାମୁଛାରେ ତଣ୍ଟି ଚିପିବା ପରେ କମ୍ବଳରେ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ଉକ୍ତ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ମୃତ ଛାତ୍ରଙ୍କ ବାପା ଏତଲାରେ ଦର୍ଶାଇଛନ୍ତି, କଲେଜ କର୍ତ୍ତୃପକ୍ଷ ତାଙ୍କୁ ରାତି ୩ଟାରେ ପୁଅର ଦେହ ଭଲ ନାହିଁ, ଶୀଘ୍ର ଆସିବାକୁ କହିଥିଲେ। ପହଞ୍ଚିବା ପରେ ପୁଅର ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ପୁଅ ସୁସ୍ଥ ଥିଲା ଏବଂ କୌଣସି ରୋଗ ନ ଥିଲା। ଏଣୁ କଲେଜ, ହଷ୍ଟେଲ କର୍ତ୍ତୃପକ୍ଷ ମାରି ଦେଇଥିବା ଅଭିଯୋଗ କରିଥିଲେ। ଏଥିସହ ତାଙ୍କୁ ରାଗିଂ କରାଯାଇଥିବା ପରିବାର ଲୋକ ସନ୍ଦେହ କରୁଛନ୍ତି।

କଲେଜ ପରିଚାଳନା କମିଟି ସଦସ୍ୟ ରଞ୍ଜିତ କୁମାର ଗୌଡ଼ କହିଛନ୍ତି, ଘଟଣାର ଅନୁଧ୍ୟାନ କରି ମୃତକଙ୍କ ପରିବାର ସଦସ୍ୟଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି। ଗ୍ରୀଷ୍ମକାଳୀନ କୋଚିଂ ପାଇଁ ୧୦୦ ପିଲା ରହୁଛନ୍ତି। ଏଭଳି ଘଟଣା କାହିଁକି ଘଟିଲା ତାହାର ଅନୁଧ୍ୟାନ କରାଯାଉଛି।

ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଏତଲା ମିଳିବା ପରେ ତଦନ୍ତ ବେଳେ ହତ୍ୟା ଘଟଣା ଜଣାପଡ଼ିଥିଲା। ଏକ ମାମଲା(ନଂ. ୨୨୭/୨୦୨୫) ରୁଜୁ ହୋଇ ୩ ଅଭିଯୁକ୍ତ ଛାତ୍ରଙ୍କୁ ଅଟକ ରଖାଯାଇଛି। ତାଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯିବ।


ଜଳଧର ମହାନ୍ତ






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସିଏଆଇଟି ପକ୍ଷରୁ ଖବରଦାତାତ ସମ୍ମିଳନୀ, ସ୍ଥାନ: ଷ୍ଟଲୱାର୍ଟ ଯଯାତି, ସମୟ: ମଧ୍ୟାହ୍ନ ୧୨ଟା ୧୫।
- ୧୩ତମ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ 'ରାଗମାଳା', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ୨୩ତମ ଏକାମ୍ର ନୃତ୍ୟ ମହୋତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ, ସ୍ଥାନ: ଯୋଗ ଗ୍ରାଉଣ୍ଡ, ମନୋରମା ଇଷ୍ଟେଟ ପ୍ରେମିସେସ୍, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଆଶାସନ, ରୂପ୍‌ସା, ସମୟ: ସକାଳ ୯ଟା।

## ଭଦ୍ରକ

- ଦିଶା ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ:ନୌରଙ୍ଗପୁର,ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ବୈଶାଖୀ ଦହି ପଖାଳ, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ମଧ୍ୟହ୍ନ ୧୨ଟା ୩୦।
- ମହାବୀରଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଜୀବନପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ପଞ୍ଚାୟତରେ ସମ୍ପର୍କ ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ଢେଙ୍କିକୋଟ୍, ସମୟ: ସକାଳ ୮ ଟା।
- ଖଜୁରୀଜିଆଣୀ ଗ୍ରାମରେ ବାଦୀପାଲା, ସ୍ଥାନ: ଖଜୁରୀଜିଆଣୀ ପାଲା ମଣ୍ଡପ, ଢେଙ୍କିକୋଟ୍, ସମୟ: ରାତି ୮ ଟା।

## ମୟୂରଭଞ୍ଜ

- ଅଣଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ୍ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ଏଫଆଇଏସ ବୈଠକ, ସ୍ଥାନ: ବ୍ଲକ କୃଷି କାର୍ଯ୍ୟାଳୟ, ଚିତ୍ରଡା, ମୋରଡା, ସମୟ: ସକାଳ ୮ ଟା।
- ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ, ମୋରଡ଼ା, ସମୟ: ସକାଳ ୮ ଟା
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।

## କନ୍ଧମାଳ

- ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର,ମିଡିଆକିଆ, ବାଲିଗୁଡା, ସମୟ : ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- କନିକା ଶହୀଦ ସ୍ମୃତି ସଂସଦ ପକ୍ଷରୁ ବାସୁ ବିଶୁନିଙ୍କ ଆତ୍ମ ବଳିଦାନ ସ୍ମୃତିଚାରଣ ସଭା, ସ୍ଥାନ: ବେବର୍ତ୍ତା ଶହୀଦ ସରୋବର ସ୍ମୃତିପୀଠ, ରାଜକନିକା, ସମୟ: ସକାଳ ୭ଟା।

## ଯାଜପୁର

- ଜିଲା ପରିଷଦର ୬ଷ୍ଠ ସାଧାରଣ ବୈଠକ, ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।

## ନୟାଗଡ଼

- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ୧୮ତମ ଦିବସରେ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସକାଳ ୬ଟା।
- ମା'ରତ୍ନମାଳା ଠାକୁରାଣୀଙ୍କ ପୀଠରେ ଘୃତ ଯଜ୍ଞ, ନାମଯଜ୍ଞ, ଜ୍ଞାନ ଯଜ୍ଞ ଓ ଅନ୍ନ ଯଜ୍ଞ,ସ୍ଥାନ: ଚଢ଼େୟାପଲ୍ଲୀ ଚଣ୍ଡୀମଠ ଆଶ୍ରମ, ସମୟ:ସକାଳ ୮ଟା ।
- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ସେତୁବନ୍ଧ ପ୍ରତିଷ୍ଠା, ରାବଣର ଛତ୍ରଭଙ୍ଗ,ବିଭୀଷଣ ଶରଣ, ସ୍ଥାନ: ଗଣିଆ ଯାତ୍ରା ପଡ଼ିଆ, ସମୟ:ରାତି ୧୦ଟା।

## ରାୟଗଡ଼ା

- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଡାଙ୍ଗସୋରଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଏସ୍‌ଏଚ୍‌ଜିଙ୍କୁ ତାଲିମ୍, ସ୍ଥାନ: ଡାବୁଗାଁ କୃଷି, ସୂଚନା ଓ ପରାମର୍ଶ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ରକ୍ତଦାନ ଶିବିର, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର,ବିଲେଇଗୁଡ଼ା, ସେମିଳିଗୁଡ଼ା, ସମୟ:ସକାଳ ୯ଟା।

## ସମ୍ବଲପୁର

- ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ପ୍ରତିଷ୍ଠା ଦିବସ, ସ୍ଥାନ : ଲାଇବ୍ରେରୀ ପରିସରସ୍ଥ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଟିପିଡବ୍ଲ୍ୟୁଓଡିଏଲ ଆୟୋଜିତ ପେ ଆଣ୍ଡ ଉଇନ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ସ୍ଥିତ କମ୍ପାନୀର ବ୍ୟବସାୟିକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା ୩୦।
- କବାଡି ପ୍ରତିଯୋଗିତା ସକାଶେ ପଶ୍ଚିମାଞ୍ଚଳ ପାନ୍ଥର୍ସ ଖେଳାଳିଙ୍କ ପ୍ରସ୍ତୁତି, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆ, ସମୟ : ଅପରାହ୍ନ ୫ଟା।

## ରାଉରକେଲା

- ସୁଶୀଳାବତୀ ସରକାରୀ ମହାବିଦ୍ୟାଳୟରେ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର–୨, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ବଜରଙ୍ଗ ଦଳ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼,ସମୟ: ସକାଳ ୯ଟା।
- ଓଡ଼ିଶା ଖାଦ୍ୟ ଆୟୋଗ ସଦସ୍ୟଙ୍କ ସମୀକ୍ଷା ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ବିଜେପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭାକକ୍ଷ, ବରଗଡ଼, ସମୟ:ମଧ୍ୟାହ୍ନ ୧୨ଟା।

## କଳାହାଣ୍ଡି

- ନବନିର୍ମିତ ଯାଦବ ଭବନର ପ୍ରତିଷ୍ଠା ସମାରୋହ, ସ୍ଥାନ: ଭବାନୀପାଟଣା ବ୍ଲକ ସଙ୍କରିଗୁଡା, ସମୟ: ପୂର୍ବାହ୍ନ ୧୧ଟା।
- ପର୍ଶୁରାମ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ରାହ୍ମଣ ସମାଜ ଭବନ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଅଷ୍ଟାଦଶ ଦିବସରେ ରାମ ରାବଣ ସମର ଶୋଭାଯାତ୍ରା, ସ୍ଥାନ: ଷ୍ଟାଡିୟମ ଖେଳ ପଡିଆ, ବୌଦ୍ଧ, ସମୟ: ରାତି ୧୦ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଉଲୁଣ୍ଡା ବ୍ଲକ ବାଘପାଲିରେ ଭାଗବତ ସପ୍ତାହର ଚତୁର୍ଥ ଦିବସ, ସ୍ଥାନ: ବାଘପାଲି ହରିବାବା ମଠ, ସମୟ: ସକାଳ ୮ଟା।
- ଚମ୍ପାମାଳ ରାମଲୀଳା ନାଟକରେ ଲକ୍ଷ୍ମଣ ଶକ୍ତି ଭେଦ, ସ୍ଥାନ: ରାମଲୀଳା ମଣ୍ଡପ, ସମୟ: ସମୟ ରାତି ୮ଟା ୩୦।
- ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କ ଦିନିକିଆ ତାଲିମ ଶିବିର, ସ୍ଥାନ: ସୁବର୍ଣ୍ଣପୁର ବିକଳ୍ପ ବିବାଦ ସମାଧାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁ, ସମୟ: ସକାଳ ୮ଟା ୩୫।
- ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁ, ସମୟ: ଅଧାହ୍ନ ୧୨ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ବିରୁନପଦର ଗାଁ, ସମୟ: ସକାଳ ୯ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: ନୂଆପଡ଼ା ସଦର ବ୍ଲକ କୋଦୋମେରୀ ଗାଁ, ସମୟ: ସକାଳ ୯ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ କରଙ୍ଗାଭଟା ଗାଁ, ସମୟ: ପ୍ରାତଃ ୫ଟା ୧୫।

# ମା'କୁ ବଞ୍ଚାଇବାକୁ ଯାଇ ପୁଅର ବି ଜୀବନ ଗଲା

**ଭବାନୀପାଟଣା,୨୨।୪ (ଉତ୍ତମ କୁମାର ଦାଶ)**

### ବିଦ୍ୟୁତ୍ ଆଘାତରେ ମା'ପୁଅଙ୍କ ମୃତ୍ୟୁ

କଳାହାଣ୍ଡି ଜିଲା ଏମ୍. ରାମପୁର ଥାନା ଅନ୍ତର୍ଗତ ସାଇଦଲଙ୍ଗା ପଞ୍ଚାୟତର ଟୁର୍ଚି (ଡଙ୍ଗରପଡ଼ା)ରୁ ମଙ୍ଗଳବାର ସକାଳେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ବିଦ୍ୟୁତ୍ ଆଘାତରେ ମା'ପୁଅଙ୍କ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ମୁତାବକ, ମଙ୍ଗଳବାର ସକାଳ ପ୍ରାୟ ୯ଟା ସମୟରେ ବୃଦ୍ଧା ସୁନାଫୁଲ ସୁନା (୬୨) ଓଦା କପଡ଼ା ଶୁଖାଇବାକୁ ଛାତ ଉପରକୁ ଯାଇ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ମା'ଙ୍କ ଅବସ୍ଥା ଦେଖି ଜୀବନ ବଞ୍ଚାଇବାକୁ ପୁଅ ରବି ସୁନା(୩୫) ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ସ୍ଥାନୀୟ ପୋଲିସ ପାଖରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ସମ୍ପର୍କୀୟମାନେ ଅନ୍ତିମ ସଂସ୍କାର କରିଦେଇଥିବା ଜଣାପଡିଛି।

# ସୋସିଆଲ ମିଡିଆଠାରୁ ପାଠପଢ଼ାକୁ ଅଧିକ ଗୁରୁତ୍ୱ ଦେଉଥିଲି: ରିତିକା

**ଭୁବନେଶ୍ୱର,୨୨।୪(ସୁଚିସ୍ମିତା ସାହୁ)**

ସିଭିଲ ସର୍ଭିସେସ୍ ପରୀକ୍ଷାରେ ୪୮ତମ ର୍‍ୟାଙ୍କ୍ ପାଇଥିବା ରିତିକା ରଥଙ୍କ ଘର କୋରାପୁଟ ଜିଲା ଜୟପୁର ସୁନାରି ସାହିରେ। ସେ ଭୁବନେଶ୍ୱର ବରମୁଣ୍ଡା ଅଞ୍ଚଳରେ ରୁହନ୍ତି। ସେ ନିଜ ସଫଳତା ସମ୍ପର୍କରେ କହିଛନ୍ତି, ଭୁବନେଶ୍ୱରରେ ସ୍କୁଲ ପାଠପଢ଼ା ସରିବା ପରେ ଦିଲ୍ଲୀ ଓ ଇନ୍ଦୋରରେ ସେ ଉଚ୍ଚଶିକ୍ଷା ଲାଭ କରିଥିଲେ। ଗୋଟେ ବର୍ଷ କର୍ପୋରେଟ ଚାକିରି କରିଥିଲେ। ପରେ ଚାକିରି ଛାଡ଼ି ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥିଲେ। ପୂର୍ବରୁ କୌଣସି ର୍‍ୟାଙ୍କ୍ ପାଇ ନ ଥିବାବେଳେ ଚଳିତ ବର୍ଷ ତୃତୀୟ ଚେଷ୍ଟାରେ ସଫଳତା ପାଇଥିବାରୁ ବହୁତ ଖୁସି ବୋଲି ରିତିକା କହିଛନ୍ତି। ତେବେ ଏହାର ଶ୍ରେୟ ସେ ବାପାଙ୍କୁ ଦେଇଛନ୍ତି। ବାପା ତାଙ୍କ ପାଠପଢ଼ା ପାଇଁ ପୂରା ସାଥ୍ ଦେଉଥିଲେ। ତିନିବର୍ଷ ଧରି ନିଜେ ପଢ଼ାପଢ଼ି କରିବା ସହ କୋଚିଂ ନେଉଥିଲେ। ଏଥିପାଇଁ ଆଗୁଆ ଗୋଟିଏ ମାସର ପାଠପଢ଼ା ସିଡ୍ୟୁଲ କରୁଥିଲେ। ସକାଳ ୫ଟା ୩୦ରୁ ପାଠପଢ଼ା ଆରମ୍ଭ କରିଥାନ୍ତି। ସୋସିଆଲ ମିଡିଆକୁ ବହୁତ କମ୍ ବ୍ୟବହାର କରୁଥିଲେ। ତେବେ ସେ ସାଧାରଣ ଲୋକଙ୍କ ସମସ୍ୟା ଶୁଣିବା ସହିତ ସମାଧାନ କରିବା ଦିଗରେ କାର୍ଯ୍ୟ କରିବାକୁ ଅଧିକ ପ୍ରାଧାନ୍ୟ ଦେବେ। ଶିକ୍ଷା ଓ ମହିଳା ସଶକ୍ତୀକରଣ ବିଭାଗରେ କାର୍ଯ୍ୟ କରିବାକୁ ଅଧିକ ଇଚ୍ଛା ରହିଛି ବୋଲି ରିତିକା କହିଛନ୍ତି।

# ସୁନା ଲକ୍ଷେ ଟପିଲା

**ନୂଆଦିଲ୍ଲୀ,୨୨।୪(ପି.ଟି.)**

ସୁନା ଦର ୧୦ ଗ୍ରାମ ପ୍ରତି ୧,୮୦୦ ଟଙ୍କା ବୃଦ୍ଧି ପାଇ ମଙ୍ଗଳବାର ଲକ୍ଷେ ଟଙ୍କା ଅତିକ୍ରମ କରିଛି। ଆଗକୁ ଅକ୍ଷୟ ତୃତୀୟା ଏବଂ ବିବାହ ଋତୁ ଥିବାରୁ ସୁନା କିଣା ବୃଦ୍ଧି ପାଇଛି। ଅଲ୍ ଇଣ୍ଡିଆ ସରାଫ୍ ଆସୋସିଏଶନ୍‌ର ସୂଚନା ଅନୁଯାୟୀ, ୯୯.୯ ପ୍ରତିଶତ ଶୁଦ୍ଧ ସୁନା ୧୦ ଗ୍ରାମ ପ୍ରତି ଦର ନୂଆଦିଲ୍ଲୀରେ ୧,୦୧,୬୦୦ ଟଙ୍କା ରହିଥିବାବେଳେ ୯୯.୫ ପ୍ରତିଶତ ଶୁଦ୍ଧ ସୁନା ଦର ୧,୦୨,୧୦୦ ଟଙ୍କାରେ ପହଞ୍ଚିଛି। ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ଦର ୩,୧୦୦ ଟଙ୍କା ବୃଦ୍ଧି ପାଇ ୧,୦୧,୩୫୦ ଟଙ୍କା ହୋଇଥିବାବେଳେ ୨୨ କ୍ୟାରେଟ୍ ସୁନା ଦର ୨,୭୫୦ ଟଙ୍କା ବଢ଼ି ୯୨,୯୦୦ ଟଙ୍କା ରହିଛି। ଗତବର୍ଷ ଡିସେମ୍ବରରୁ ଇତିମଧ୍ୟରେ ସୁନା ଦର ୧୦ ଗ୍ରାମ ପ୍ରତି ୨୨,୬୫୦ ଟଙ୍କା ବା ପ୍ରାୟ ୨୯ ପ୍ରତିଶତ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ରୁପା ଦର କିଲୋଗ୍ରାମ ପ୍ରତି ୯୮,୫୦୦ ଟଙ୍କା ରହିଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଫଟା ମୃଦଙ୍ଗକୁ ଜଡ଼ା ବାଇଦ**
**କାଣୀ ଦାରୀ ସେଠି ନାଚୁଛି**
**ଅବୁଝା ରଜାକୁ କେମ୍ପା ମୁଖ୍ୟମନ୍ତ୍ରୀ**
**ଯାହା ଇଚ୍ଛା ତାହା କରୁଛି ।**

ଅଯୋଗ୍ୟଙ୍କ ସମାହାର। କିଏ କାହା କଥା ବୁଝିବାକୁ ନାହିଁ। ରାଜ୍ୟ ଦୁଃଖ ସାଗରରେ ଭାସୁଛି। ପ୍ରଶାସନ ଅବ୍ୟବସ୍ଥିତ ଢଙ୍ଗରେ ଚାଲିଲେ ଏହାର ପରିଣତି ଅତ୍ୟନ୍ତ ବିଷମ ହୁଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ଫୁଲ ଫୁଟିଗଲା ଫୁଲରୀ**
**ଲକ୍ଷେ ଭେଣ୍ଡିଆଙ୍କୁ କାହାକୁ ଦେଇ**
**ଭାର ଘେନି ଗଲୁ ସୁନ୍ଦରୀ ।**

ସୁନ୍ଦରୀ ଝିଅ ପଛରେ ଅନେକ ପ୍ରଶଂସକ ବା ପ୍ରେମିକଙ୍କ ଧାଡି ଛୁଟିଥାଏ। ଏପରି ଝିଅକୁ ବିବାହ କରିବା ଲାଗି ପ୍ରତୀକ୍ଷା ଫସର ଫାଟିବା ପରେ ସେ ଜଣଙ୍କୁ ହିଁ ଯଥାର୍ଥରେ ବିବାହ କରିବା ଦେଖି ତାହା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:**




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବେଲବାହାଲିରେ ବାଘ ଆତଙ୍କ



ବନ କର୍ମଚାରୀମାନେ ଘଟଣାସ୍ଥଳାରେ ତନଖି କରୁଛନ୍ତି।

**ଆନନ୍ଦପୁର,୨୨।୪ (ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବେଲବାହାଲିରେ ବାଘ ଆତଙ୍କ ଦେଖାଯାଇଛି। ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକେ ବାଘ ଦେଖିଥିବା କହିଛନ୍ତି। ଖବର ପ୍ରଚାରହେବା ପରେ ବନ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବେଲବାହାଲି ଗାଁର କେତେଜଣ ଲୋକ ମଙ୍ଗଳବାର ସକାଳେ ଛେଳି ଚରାଇବା ଓ କାଠ ଆଣିବାକୁ ପାଖ ଜଙ୍ଗଲକୁ ଯାଇଥିଲେ। ବେଲବାହାଲି ଗାଁରୁ ଟୋଲଙ୍କପଡ଼ା ଯିବା ରାସ୍ତାର କୁଶେଇ ନଦୀକୂଳରେ ଥିବା ଝଙ୍କାଳିଆ ବଣରେ ବାଘ ଦେଖିଥିଲେ। ବାଘକୁ ସମ୍ମୁଖରେ ଦେଖି ଭୟଭୀତ ହୋଇ ଗାଁକୁ ପଳାଇଆସି ଘଟଣା ସମ୍ପର୍କରେ ଜଣାଇଥିଲେ। ଖବର ପାଇ ଆନନ୍ଦପୁର ବନ ବିଭାଗର ଗୋଟିଏ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତଦନ୍ତ ଶେଷ ନ ହେବା ଯାଏ ସତ୍ୟାସତ୍ୟ କହିହେବ ନାହିଁ ବୋଲି ବନ ବିଭାଗ ଅଧିକାରୀ ନବକିଶୋର ନାଏକ ପ୍ରକାଶ କରିଛନ୍ତି।

# ମହିଳାଙ୍କୁ ମୃତ ଦର୍ଶାଇ ରାଶନକାର୍ଡରୁ ନାଁ କାଟିଦେଲେ

**ଆନନ୍ଦପୁର,୨୨।୪(ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତ ବିରିଡ଼ିହା ଗ୍ରାମରେ ଜଣେ ମହିଳା ଜୀବିତ ଥାଇ ବି ତାଙ୍କୁ ମାରି ଦିଆଯାଇଛି। ଏପରିକି ମହିଳାଙ୍କ ମୃତ୍ୟୁ ଘଟିଥିବା ଦର୍ଶାଇ ତାଙ୍କ ନାମକୁ ରାଶନକାର୍ଡରୁ ନାମ କାଟିଦିଆଯାଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ନାମ କଟିଯାଇଥିବା ମହିଳା ପିନାକ୍ଷୀ ପେରେଇ (୨୫)ଙ୍କ ସ୍ୱାମୀ ବ୍ଲକ୍‌ରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ପିନାକ୍ଷୀ ୨ ବର୍ଷ ତଳେ ବିରିଡ଼ିହା ଗ୍ରାମର ଦେବାଶିଷ ଜେନାଙ୍କୁ ବିବାହ କରିଥିଲେ। ସେ ଜଣେ ରାଶନକାର୍ଡ ହିତାଧିକାରୀ ହୋଇଥିବା ବେଳେ ନୂତନ ସରକାରଙ୍କ ସୁଭଦ୍ରା ଯୋଜନାରେ ଆବେଦନକରି ୫୦୦୦ ଟଙ୍କା ପ୍ରଥମ କିସ୍ତି ପାଇଥିଲେ। ଦ୍ୱିତୀୟ କିସ୍ତି ଟଙ୍କା ଖାତାକୁ ନ ଆସିବାରୁ ସ୍ୱାମୀ ଦେବାଶିଷ ମଙ୍ଗଳବାର ଦିନ ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ପଚାରି ବୁଝିଥିଲେ। ସେଠାରେ ସେ ଜାଣିବାକୁ ପାଇଥିଲେ ତାଙ୍କ ସ୍ତ୍ରୀଙ୍କୁ ମୃତ ଦର୍ଶାଇ ରାଶନକାର୍ଡରୁ ନାଁ କାଟିଦିଆଯାଇଛି। ସେହି କାରଣରୁ ସୁଭଦ୍ରା କିସ୍ତି ବନ୍ଦ ହୋଇଥିବା ବ୍ଲକ୍‌ରେ କୁହାଯାଇଥିବା ଦେବାଶିଷ କହିଛନ୍ତି। ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମଞ୍ଜୁଲତା ସିଂଙ୍କ କହିଛନ୍ତି, ରାସନ ବିଭାଗରେ କିପରି ଏଭଳି ଭୁଲ କଲେ। ଯଦି ଏ ନେଇ ଦରଖାସ୍ତ ଦେଇଥିବେ ଠିକ୍ ହୋଇଯିବ।




ପିନାକ୍ଷୀ ପେରେଇ

# ରେକର୍ଡ ଭାଙ୍ଗିଲା ଏପ୍ରିଲ ତାତି

## ୪୬.୨ ଡିଗ୍ରୀ ସହ ଝାରସୁଗୁଡା ସବୁଠୁ ଉତ୍ତପ୍ତ ସହର

**ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)**

ଦିନକୁ ଦିନ ରାଜ୍ୟରେ ତାପମାତ୍ରା ବଢୁଥିବାବେଳେ ମଙ୍ଗଳବାର ପୂର୍ବର ସବୁ ରେକର୍ଡ ଭାଙ୍ଗିଛି। ଝାରସୁଗୁଡା ଏପ୍ରିଲ ମାସର ତାତିରେ ସର୍ବକାଳୀନ ରେକର୍ଡ କରିଛି। ୧୯୫୩ ପରେ ୨୦୧୦ରେ ଏପ୍ରିଲ ମାସର ସର୍ବକାଳୀନ ରେକର୍ଡ ୪୬.୧ ଡିଗ୍ରୀ ସେଲସିୟସ୍ ରହିଥିଲା। ତେବେ ମଙ୍ଗଳବାର ଝାରସୁଗୁଡ଼ାରେ ତାପମାତ୍ରା ୪୬.୨ ଡିଗ୍ରୀ ଛୁଇଁବା ସହ ଏହି ରେକର୍ଡକୁ ଭାଙ୍ଗିଛି। ଏଥିସହ ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ପାରଦ ୪୨ଡିଗ୍ରୀ ଉପରେ ରହିଛି। ଝାରସୁଗୁଡା ତଳକୁ ହୀରାକୁଦରେ ତାପମାତ୍ରା ୪୪.୭ ଡିଗ୍ରୀ ରହିଥିବାବେଳେ ସମ୍ବଲପୁରରେ ୪୪.୬ ଡିଗ୍ରୀ, ବୌଦ୍ଧରେ ୪୪.୫ ଡିଗ୍ରୀ, ଟିଟିଲାଗଡ଼ରେ ୪୪ ଡିଗ୍ରୀ, ସୁନ୍ଦରଗଡ଼ ଓ ସୋନପୁରରେ ୪୩.୮, ବଲାଙ୍ଗୀରରେ ୪୩.୨, ବରଗଡ଼, ଭବାନୀପାଟଣା ଓ ରାଉରକେଲାରେ ୪୨.୮, ଅନୁଗୋଳରେ ୪୨.୩, ନୂଆପଡ଼ାରେ ୪୨, ତାଳଚେରରେ ୪୦.୬, ପାରଳାଖେମୁଣ୍ଡିରେ ୪୦, କେନ୍ଦୁଝରରେ ୩୯.୯, ଚାନ୍ଦବାଲିରେ ୩୮.୭, ଭୁବନେଶ୍ୱର ୩୬.୭ ଓ ବାଲେଶ୍ୱରରେ ୩୫.୫ ଡିଗ୍ରୀ ତାପମାତ୍ରା ରହିଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।



# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଅଧିକାଂଶ କ୍ଷେତ୍ରରେ ମନରେ ଭୟ ସୃଷ୍ଟି ହେବା ସହ ଆଶଙ୍କା କରି ମନ ଅସ୍ଥିର ରହିବ। କେବଳ ରବିଙ୍କ ସୁପ୍ରଭାବ ଯୋଗୁ କାମଗୁଡ଼ିକ ସମାପନ ହେବାର ଆଶା କରାଯାଇପାରେ । ଭ୍ରିଜା ନକ୍ଷତ୍ର ଦୂରଯାତ୍ରା କରିପାରନ୍ତି ଓ ବ୍ୟବସାୟିକ ଦିଗଟି ଆଶାନୁଯାୟୀ ସଫଳତା ମିଳିବ। ସବୁ ସୁବିଧା ଥିଲେ ମଧ ବିଚଳିତ ରହିବା କାରଣରୁ ଅଶାନ୍ତି ଅନୁଭବ କରିବେ।

**ବୃଷ** — ଆଜି ରୋହିଣୀ ନକ୍ଷତ୍ର ଖୁସୀ ମନରେ କାମ କରିବାରେ ଶୁକ୍ର ସହାୟକ ହେବେ। ସାହିତ୍ୟ, ସଙ୍ଗୀତ, ଆନୁଷ୍ଠାନିକ କାମ ଓ ପ୍ରବଚନାଦିରେ ସମ୍ମାନିତ ହେବାର ସୌଭାଗ୍ୟ ଅର୍ଜନ କରିବେ। ପାରିବାରିକ କ୍ଷେତ୍ରରେ ସେପରି କିଛି ବିଶେଷ ଅସୁବିଧା ହେବନାହିଁ। ପରିବାର ଓ ଆତ୍ମୀୟ ସ୍ୱଜନଙ୍କ ସହିତ ଆଳାପ ଆଲୋଚନାର ସୁଯୋଗ ଲାଭ କରିବେ।

**ମିଥୁନ** — ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲରେ ସମର୍ଥ ହେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯିବାରୁ ଏକ ପ୍ରକାର ହାଲୁକା ଅନୁଭବ କରିପାରନ୍ତି। ଆର୍ଦ୍ରା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟ ଲାଭ କରି ଅଭିଳାଷ ପୂରଣ କରିପାରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ ହେବାରେ ନିକଟ ସମ୍ପର୍କୀୟମାନଙ୍କ ଅବଦାନ ରହିବ।

**କର୍କଟ** — କର୍ମକ୍ଷେତ୍ରରେ ମାନସିକ ଚାପ ବଢ଼ିବା ସଙ୍ଗକୁ ଶାରୀରିକ ଅସୁସ୍ଥତା ହେତୁ ବ୍ୟସ୍ତତା ବଢ଼ିବ। ପୁନର୍ବସୁ ନକ୍ଷତ୍ର ସକାଶେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟ ସାହାଯ୍ୟ କରିବ। ବାଣିଜ୍ୟ ଓ ପ୍ରଶାସନ, ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ।

**ସିଂହ** — ସ୍ୱାସ୍ଥ୍ୟ ସମସ୍ୟା ଦୂରେଇଯିବ ଏବଂ ବନ୍ଧୁବର୍ଗ ଓ ସମ୍ପର୍କୀୟଙ୍କ ସହଯୋଗ ପାଇବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିପାରେ। ଶିଳ୍ପ, ବ୍ୟବସାୟରେ ପରୋକ୍ଷ ଶତ୍ରୁତା ଓ ପ୍ରତିବନ୍ଧକ ଯୋଗୁ ଟେନ୍ସନ ଲାଗି ରହିବ। ଆତ୍ମୀୟଙ୍କ ସହୃଦୟତାରୁ ପୂର୍ବାଫାଲଗୁନୀର ପାରିବାରିକ ଉନ୍ନତି ଖୁସି ଆଣିଦେବ।

**କନ୍ୟା** — ଆଜି ହସ୍ତା ନକ୍ଷତ୍ର ପାରିବାରିକ ଜୀବନରେ ମତାନ୍ତରଜନିତ ବିଶୃଙ୍ଖଳିତ ସ୍ଥିତି ଉପୁଜିପାରେ। ବନ୍ଧୁ ଗହଣରେ ଯଥାସମ୍ଭବ କମ୍ କଥାବାର୍ତ୍ତା କଲେ କଳହରୁ ଦୂରେଇ ରହିପାରିବେ। ସାମାଜିକ ସ୍ତରରେ ଖଳଲୋକଙ୍କ ମିଥ୍ୟାଭିଯୋଗ ମନକୁ ଭାରାକ୍ରାନ୍ତ କରିବ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇବେ।

**ତୁଳା** — ଆର୍ଥିକ ସ୍ଥିତି ଭଲ ରହିଲେ ମଧ୍ୟ କାମ ଗଡ୍‌ବଡ୍ ହେବାରୁ ଅସ୍ଥିରତା ଦେଖାଦେବ। ଚିତ୍ରା ନକ୍ଷତ୍ର ଯେମିତି କଲେ ମଧ ପରିବାରରେ ସମାଲୋଚନାର ପାତ୍ର ହେବେ। କୌଣସି କଥା ନ ବୁଝି ବନ୍ଧୁ କ୍ରୋଧ ପ୍ରକାଶ କରିପାରନ୍ତି। ଶୁକ୍ରଙ୍କ ଶୁଭ ସଂସ୍ଥାନ ହେତୁ କଳା, ସାହିତ୍ୟ, ସାମ୍ବାଦିକତା, ରାଜନୀତି, ପ୍ରଶାସନ ପାଇଁ ଭଲ।

**ବିଛା** — ଅନୁରାଧା ନକ୍ଷତ୍ର କୌଣସି କ୍ଷେତ୍ରରେ ମଧ ଧୈର୍ଯ୍ୟ ହରାଇବାର ପରିସ୍ଥିତି ସୃଷ୍ଟି ହେବ ନାହିଁ। ସ୍ଥଗିତ ଥିବା ଅର୍ଥ ଓ ସମ୍ମାନ ପାଇବା ସହ ପ୍ରଶାସନିକ ସଫଳତା ମିଳିବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଆନୁଷ୍ଠାନିକ କ୍ଷେତ୍ର, ରାଜନୀତି, ପ୍ରଶାସନ ତଥା ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**ଧନୁ** — ପୂର୍ବାଷାଢ଼ା ନକ୍ଷତ୍ରର ପାରିବାରିକ ଜୀବନ, ଲୋକ ସମ୍ପର୍କ, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଓ ବନ୍ଧୁମିଳନ ଜନିତ ଆନନ୍ଦ ପ୍ରଦାନ କରିବ। ଛୋଟ ଦୋକାନୀ, ହୋଟେଲ କ୍ଷେତ୍ରରୁ ଲାଭବାନ ହେବେ। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ହିତୈଷୀଙ୍କ ସହ ଆଲୋଚନା କରିବା ଭଲ ହେବ।

**ମକର** — ବାହାର ଦୁନିଆରେ ଲୋକପ୍ରିୟତା ଶୀର୍ଷରେ ରହିଥିବା ସମୟରେ ପାରିବାରିକ କ୍ଷେତ୍ରରେ ଓଲଟା ପ୍ରତିଛବି ଦେଖିବାକୁ ପାଇବେ। ଧନିଷ୍ଠା ନକ୍ଷତ୍ରର ଆର୍ଥିକ ଦୁଃସ୍ଥିତି ମାନସିକ ସ୍ତରକୁ ସଂକୁଚିତ କରିବ। ଅବହେଳାଜନିତ ସବୁ କାମରେ ପଛୁଆ ହେତୁ ନିଜକୁ ଅପାରଗ ମନେ କରିପାରନ୍ତି। ଯେତେ ପାଇଲେ ମଧ ମନରେ ସନ୍ତୋଷ ଆସିବ ନାହିଁ।

**କୁମ୍ଭ** — ବିଭିନ୍ନ ବିବାଦୀୟ ବିଷୟ ଅନୁଶୀଳନ କରି ମନ ଭାରାକ୍ରାନ୍ତ ରହିବ। ସବୁ ସମୟରେ ମିଶୁଥିବା ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ ସନ୍ଦେହଜନକ ଦୃଷ୍ଟିରେ ଦେଖି ପାରନ୍ତି। ପ୍ରଶାସନିକ କ୍ଷେତ୍ର, ଆଇନଅଦାଲତ ଓ ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଶତଭିଷା ନକ୍ଷତ୍ର କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଆନୁଷଙ୍ଗିକ ସାହାଯ୍ୟ ପାଇବେ।

**ମୀନ** — କେତେକ ଅସମାହିତ କାମକୁ ସମ୍ପନ୍ନ କରିବାରେ କୂଟନୀତି ପ୍ରୟୋଗ କରିବାକୁ ପଡ଼ିପାରେ। ରେବତୀ ନକ୍ଷତ୍ରର ବିଳାସବ୍ୟସନ ଦିଗକୁ ମନ ଢଳିବ କିନ୍ତୁ ସମସ୍ୟା ବିଜଡିତ ରହିବେ। ଶିଳ୍ପ, ବାଣିଜ୍ୟ, ରାଜନୀତି, ଓ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିପାରେ।

ଆଜି ଏପ୍ରିଲ ୨୩ ତାରିଖ, ବିଶ୍ୱ ପୁସ୍ତକ ଦିବସ, କପି ରାଇଟ୍ ଦିବସ, ଇଂଲିଶ ଭାଷା ଦିବସ, ବୈଶାଖ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ବୁଧବାର। ରାଶିନକ୍ଷତ୍ର– ଦିବା ଘ.୧୨.୦୬ମି. ଗତେ ଶତଭିଷା/କୁମ୍ଭ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ଦେବତା ଗଠନ, ବାଣିଜ୍ୟକରଣ, ଗୃହପ୍ରବେଶ, ବିଦ୍ୟାରମ୍ଭ, ନବବଧୂଯାତ୍ରା ସକାଶେ ଶୁଭଦିନ। ଦିବା ଘ.୦୫.୨୬ମି. ଗତେ ଘ.୦୭.୦୭ମି. ମଧ୍ୟେ, ଘ.୧୦.୧୦ମି. ଗତେ ଘ.୧୧.୧୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୫ମି. ଗତେ ଘ.୦୧.୧୯ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ପୋଲିସ,ଓକିଲଙ୍କ ଘରୁ ଚୋରି

ସିମୁଳିଆ,୨୨।୪(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ଥାନା ରିଆ ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ୨ ଜଣଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଲୁଟିନେଇଛନ୍ତି ଦୁର୍ବୃତ୍ତ। ସିମୁଳିଆ ତହସିଲର ସରକାରୀ ଓକିଲ ଗୌରାଙ୍ଗ ଚନ୍ଦ୍ର ପଣ୍ଡାଙ୍କ ଘର ଝରକା ଗ୍ରୀଲ୍ ତାଡ଼ି ଦୁର୍ବୃତ୍ତମାନେ ପଶିଥିଲେ। ପରିବାରର ସମସ୍ତ ସଦସ୍ୟ ଏସି ଲାଗିଥିବା ଗୋଟିଏ କୋଠରିରେ ଶୋଇଥିଲେ। ଦୁର୍ବୃତ୍ତମାନେ ଏହି କୋଠରୀର ବାହାର ପଟୁ ବନ୍ଦ କରିବା ସହିତ ଅନ୍ୟ କୋଠରୀରେ ପଶି ନଗଦ ୪୦ ହଜାର ଟଙ୍କା ସମେତ ୫ ଲକ୍ଷ ଟଙ୍କାର ଅଳଙ୍କାର ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ସେହିପରି ଦୁର୍ବୃତ୍ତମାନେ ପୂର୍ବତନ ପୋଲିସ କର୍ମଚାରୀ କାର୍ତ୍ତିକ ଜେନାଙ୍କ ଘରେ ମଧ୍ୟ ଝରକା ଗ୍ରୀଲ୍ ଭାଙ୍ଗି ଚୋରି କରିଥିବା ସିମୁଳିଆ ଥାନାରେ ଅଭିଯୋଗ ହୋଇଛି। ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି।

### ହାତୀ ଭାଙ୍ଗିଲେ ଘର

ଜଳେଶ୍ୱର,୨୨।୪(ନବୀନ ସାହୁ)

ବାଲେଶ୍ୱର ଜିଲା ରାଇବଣିଆ ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ଜଳେଶ୍ୱର ବ୍ଲକ୍ ବରଡ଼ିହା ପଞ୍ଚାୟତର ଡାଳଭଙ୍ଗାଠାରେ କୁନି ସିଂ (୪୫) ରବିବାର ବିଳମ୍ବିତ ରାତିରେ ଏକା ଘରେ ଶୋଇଥିବା ସମୟରେ ୩ଟି ହାତୀ ଆସି ଘରଟିକୁ ଭାଙ୍ଗିବା ସହିତ ଧାନ ଚାଉଳ ମଧ୍ୟ ଖାଇଛନ୍ତି। ତାଙ୍କୁ ସହାୟତା ଯୋଗାଇ ଦେବା ପାଇଁ ସାମାଜିକ କର୍ମୀ ବସନ୍ତ ସୁର ଦାବୀ କରିଛନ୍ତି।

### ପୋଲ ତଳକୁ ଖସି ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ମୃତ୍ୟୁ

ବାଲେଶ୍ୱର,୨୨।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ପାଗନଈ ପୋଲ ତଳକୁ ଖସିପଡ଼ି ମଙ୍ଗଳବାର ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିଆପାଳ ଥାନା ଘଣ୍ଟିଆଡ଼ି ପଞ୍ଚାୟତ ବଡ଼କସବା ଅଞ୍ଚଳର ପ୍ରଶାନ୍ତ ଜେନା (୫୫)। ମଙ୍ଗଳବାର ପୂର୍ବାହ୍ନ ୮ଟା ସମୟରେ ସେ ବାଇକ୍ ଯୋଗେ ନିମିକି ସଡ଼କରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ପୋଲ ତଳକୁ ଖସିପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

# ସ୍ୱଧର୍ମକୁ ଫେରିଲେ ୫ ଆଦିବାସୀ ପରିବାର



ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତା ଓ ସ୍ଥାନୀୟ ଗ୍ରାମବାସୀଙ୍କ ଗହଣରେ ହିନ୍ଦୁଧର୍ମକୁ ଫେରିଥିବା ପରିବାର।

ଖଇରା,୨୨।୪(ଉତ୍କଳବନ୍ଧୁ ପଣ୍ଡା)

ଦେଢ ବର୍ଷ ପରେ ମଙ୍ଗଳବାର ବାଲେଶ୍ୱର ଜିଲା ଖଇରା ବ୍ଲକ ବଡ଼ ଜୟୀପୁର ପଞ୍ଚାୟତ ଅଧୀନ ବାଣପୁର ଗ୍ରାମର ୫ ପରିବାର ହିନ୍ଦୁ ଧର୍ମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବିଶ୍ୱ ହିନ୍ଦୁ ପରିଷଦ ଓ ବାଣପୁର ଗ୍ରାମବାସୀଙ୍କ ମିଳିତ ପ୍ରଚେଷ୍ଟାରେ ରାମ ହୋ, ସୋମବାରୀ ହୋ, ଆଶାମଣି ହୋ, ମକରା ହୋ, ଶ୍ରୀମତୀ ହୋଙ୍କ ସମେତ ମୋଟ ୫ ପରିବାର ଶୁଦ୍ଧି ସଂସ୍କାର ଯଜ୍ଞ ପରେ ମୂଳଧର୍ମ ଓ ସଂସ୍କୃତିକୁ ଫେରିଛନ୍ତି।

ବିଶ୍ୱହିନ୍ଦୁ ପରିଷଦର ଓଡ଼ିଶା ପ୍ରଦେଶ ଧର୍ମ ପ୍ରସାର ବିଭାଗର ସଦସ୍ୟ ହରିହର ତ୍ରିପାଠୀ, ପୂର୍ବତନ ଭଦ୍ରକ ଜିଲା ଉପସଭାପତି ରାମଚନ୍ଦ୍ର ପଣ୍ଡା, ବିଏଚ୍‌ପି ଭଦ୍ରକ ଜିଲା ସଭାପତି କାହ୍ନୁ ଚରଣ ସିଂ, ଜିଲା ମଠମନ୍ଦିର ଦାୟିତ୍ୱ ପ୍ରମୁଖ କୃଷ୍ଣଚନ୍ଦ୍ର ଦାଶ, ଖଇରା ପ୍ରଖଣ୍ଡ ସଭାପତି ବାସୁଦେବ ପଣ୍ଡା, ବିବେକାନନ୍ଦ ସେବା ସଂସ୍ଥାନ ମୁଖ୍ୟ ସତ୍ୟବ୍ରତ ନାରାୟଣ ବେହେରା, ନିଳମଣି ପୃଷ୍ଟିଙ୍କ ଉପସ୍ଥିତିରେ ପୂଜା ହୋମଯଜ୍ଞାଦି କର୍ମ ପରେ ସେମାନଙ୍କୁ ତୁଳସୀମାଳ ଓ ଉତ୍ତରୀୟ ପିନ୍ଧା ଯାଇଥିଲା। ସେହିଭଳି ବାଣପୁର ଗ୍ରାମର ବସନ୍ତ କୁମାର ପଣ୍ଡା, ହୃଷିକେଶ ତ୍ରିପାଠୀ, କାହ୍ନୁଚରଣ ପତି, ରମାକାନ୍ତ ବେହେରା, ପ୍ରଦୀପ କୁମାର ବେହେରା, ଅକ୍ଷୟ କୁମାର ବେହେରା, ଭଗବାନ ଜେନା ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ ପରିବାର ଦେଢ଼ବର୍ଷ ତଳେ ଅନ୍ୟଧର୍ମର ପ୍ରଲୋଭନରେ ପଡି ହିନ୍ଦୁଧର୍ମ ଛାଡ଼ିଥିବା କହିଛନ୍ତି । ଖଇରା ବ୍ଲକର ବାଉଁଶଗଡ଼ିଆ, ଗରସଙ୍ଗ ଭଳି ଜାଗାଗୁଡ଼ିକରେ ହିନ୍ଦୁଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିବା ସମ୍ପର୍କରେ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତାଙ୍କୁ ପଚାରିବାରେ ସ୍ଥାନୀୟ ଲୋକଙ୍କ ସହଯୋଗ ମିଳିଲେ ସେମାନଙ୍କୁ ଫେରାଇ ଆଣିବାକୁ ପ୍ରୟାସ କରାଯିବ ବୋଲି କହିଛନ୍ତି।

# 'ସ୍ୱଚ୍ଛ ପରିବେଶ ହିଁ ମଣିଷକୁ ସୁସ୍ଥ ରଖେ'



ଡଗରା ବେଳାଭୂମିରେ ଅନୁଷ୍ଠିତ ସ୍ୱଚ୍ଛତା କାର୍ଯ୍ୟକ୍ରମ।

କାଳିପଦା,୨୨।୪(ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଡଗରା ବେଳାଭୂମିରେ ଓଡ଼ିଶା ସାମ୍ବାଦିକ ୟୁନିୟନ ପକ୍ଷରୁ ରବିବାର ସକାଳ ୮ଟାରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ବାଲେଶ୍ୱର ଭାଜପା ଜିଲା ସଭାପତି ପ୍ରଦୀପ କୁମାର ପଣ୍ଡା, ବସ୍ତା ଭାଜପାର ବରିଷ୍ଠ ନେତା ରବିନ୍ଦ୍ର ଅଣ୍ଡିଆ, ସାମାଜିକ କର୍ମୀ ନାରାୟଣ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପରିବେଶ ସ୍ୱଚ୍ଛ ରହିଲେ ମଣିଷ ସୁସ୍ଥ ରହେ ବୋଲି ମତବ୍ୟକ୍ତ କରିଥିଲେ। ପର୍ଯ୍ୟଟନସ୍ଥଳୀରେ ସ୍ୱଚ୍ଛତା ରହିଲେ ପରିବେଶ ସ୍ୱଚ୍ଛ ରହିବା ସହିତ ପର୍ଯ୍ୟଟକମାନଙ୍କ ଭ୍ରମଣ ପାଇଁ ଉତ୍ସାହ ତ୍ୱରାନ୍ୱିତ ହେବ ବୋଲି ୟୁନିୟନ ସଭାପତି ଗଙ୍ଗାଧର ରାଉତ କହିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିଆପାଳ ବ୍ଲକର ୟୁନିୟନର ସମସ୍ତ ସଦସ୍ୟ, ସ୍ଥାନୀୟ ଯୁବବର୍ଗ, ସ୍ୱେଚ୍ଛାସେବୀ ସଙ୍ଗଠନ ଯୋଗଦେଇ ଥିଲେ। ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୦୫ ଅଭିଯୋଗର ଶୁଣାଣି କଲେ ବିଧାୟକ



ଅଭିଯୋଗକାରୀଙ୍କ ଅଭିଯୋଗକୁ ଦେଖୁଛନ୍ତି ବିଧାୟକ।

**କଷାଫଳରେ ଜନଶୁଣାଣି**

**■ ତୁରନ୍ତ ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ**

ବାଲେଶ୍ୱର,୨୨।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଷାଫଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ବିଧାୟକଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ୨୦୫ଟି ଅଭିଯୋଗର ଶୁଣାଣି କରିବା ସହ ଉପଯୁକ୍ତ ତଦନ୍ତ ପୂର୍ବକ ଅଭିଯୋଗକାରୀଙ୍କ ସମସ୍ୟାଗୁଡ଼ିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗଗୁଡ଼ିକ ମଧ୍ୟରେ ୧୯୦ଟି ବ୍ୟକ୍ତିଗତ ସମସ୍ୟା ଓ ୧୫ଗୋଟି ସାମୁହିକ ସମସ୍ୟା ରହିଥିଲା। ମୁଖ୍ୟତଃ ବିଭିନ୍ନ ସ୍ଥାନରେ ଜଳ ଯୋଗାଣ, ଜମି ସୀମାଙ୍କନ, ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା, ଗମନାଗମନ, ଦିବ୍ୟାଙ୍ଗଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ସମସ୍ୟା ଗୁଡ଼ିକ ସର୍ବାଧିକ।

ରାଜ୍ୟରେ ପରିଚାଳିତ ଲୋକଙ୍କ ସରକାର ସବୁବେଳେ ଲୋକଙ୍କ ସାଥିରେ ରହିଛି। ତୃଣମୂଳସ୍ତରରେ ସାଧାରଣ ଜନତାଙ୍କ ସମସ୍ତ ସମସ୍ୟାର ତ୍ୱରିତ ସମାଧାନ ପାଇଁ ରାଜ୍ୟର ମୋହନ ମାଝୀ ସରକାର ଦୃଢ଼ ପ୍ରତିବଦ୍ଧ ବୋଲି ବିଧାୟକ ଦତ୍ତ କହିଥିଲେ। ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ , ସଦର ବିଡିଓ, ସଦର ତହସିଲଦାର, ଜିଲା ପରିଷଦ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ବସ୍ତା ଉପଖଣ୍ଡ ପୋଲିସ ଅଧିକାରୀ, ସିଂଲା ଥାନା ଅଧିକାରୀ, ସହକାରୀ ବନଖଣ୍ଡ ଅଧିକାରୀଙ୍କ ସମେତ ପଞ୍ଚାୟତିରାଜ ଓ ଗ୍ରାମ୍ୟ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜଳ ସମ୍ପଦ, ଟାଟା ପାୱାର, ସ୍ୱାସ୍ଥ୍ୟ, ଶିକ୍ଷା ବିଭାଗର ଅଧିକାରୀ ଉପସ୍ଥିତ ରହି ଆବେଦନଗୁଡ଼ିକ ତଦାରଖ କରିଥିଲେ। ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟା, ନାଏବ ସରପଞ୍ଚ, ୱାର୍ଡ଼ ମେମ୍ବର ବୃନ୍ଦ ପ୍ରମୁଖ ଉପସ୍ଥିତ ରହି ଜନଶୁଣାଣୀ କାର୍ଯକ୍ରମ ପରିଚାଳନା କରିଥିଲେ।

### ମୋବାଇଲ ଝାମ୍ପି ନେଲେ ଲୁଟେରା

ସୋର,୨୨।୪(ଜନ୍ମେଜୟ ମିଶ୍ର)

ସାଇକେଲ ଆରୋହୀଙ୍କ ଠାରୁ ମୋବାଇଲ ଲୁଟ କଲେ ବାଇକ ଲୁଟେରା। ସୋର ଥାନା ଅନ୍ତର୍ଗତ ମାଣତ୍ରୀ ଗ୍ରାମର ଲକ୍ଷ୍ମୀଧର ବେହେରାଙ୍କଠାରୁ ଦୁର୍ବୃତ୍ତମାନେ ମୋବାଇଲ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଲକ୍ଷ୍ମୀଧର ସୋରରେ ଟ୍ୟାକ୍ସ ପରାମର୍ଶଦାତା ଭାବେ ବିଭିନ୍ନ ଦୋକାନରେ କାମ କରନ୍ତି। ସୋମବାର ରାତିରେ ସୋରରୁ ନିଜ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ମାଣତ୍ରୀ ପଞ୍ଚାୟତ ଅଫିସ ସାମ୍ନାରେ ମୋବାଇଲରେ କଥା ହୋଇ ଆସୁଥିଲେ। ଏହି ସମୟରେ ପଛ ପଟୁ ଏକ ବାଇକ୍‌ରେ ୨ ଲୁଟେରା ଆସି ତାଙ୍କଠାରୁ ମୋବାଇଲ ଛଡ଼ାଇ ନେଇ ପଳାଇଥିଲେ। ଏନେଇ ଲକ୍ଷ୍ମୀଧର ସୋର ଥାନାରେ ଅଭିଯୋଗ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବେ ଅବସରପ୍ରାପ୍ତ ବିଇଓ

**ଅବସରକୁ ୪ବର୍ଷ ବିତିଲା, ମିଳୁନି ଫାଇନାଲ୍ ପେନ୍‌ସନ୍**

ବାଲେଶ୍ୱର, ୨୨।୪(ବାଞ୍ଛାନିଧି ଦେ)

ଅବସର ଗ୍ରହଣ କରିବାର ୪ ବର୍ଷ ବିତିଗଲାଣି। ହେଲେ ଅଦ୍ୟାବଧି ଫାଇନାଲ ପେନସନ୍ ମିଳୁନାହିଁ। ଶେଷରେ ବାଲେଶ୍ୱର ସଦର ବ୍ଲକର ଅବସରପ୍ରାପ୍ତ ବିଇଓ କବିତା ଜେନା ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ।

୨୦୧୯ ଅଗଷ୍ଟ ୨୭ରେ ସେ ସଦର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ଭାବେ ଯୋଗଦାନ କରିଥିଲେ। ୨୦୨୧ ମାର୍ଚ୍ଚ ୩୧ ତାରିଖରେ ସେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ଫାଇନାଲ ପେନସନ ପାଇଁ ଆବଶ୍ୟକୀୟ କାଗଜପତ୍ର ଓ ଅରିଜିନାଲ ସର୍ଭିସ ବୁକ୍ ଦାଖଲ କରିଥିଲେ। ଫାଇନାଲ ପେନସନ ପାଇଁ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଡିପିଆଇ ଅଧୀନ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ଡିପିଆଇ ଅଫିସ ପକ୍ଷରୁ ବାରମ୍ବାର ଫାଇନାଲ ପେନସନ ହୋଇଯିବ ବୋଲି କୁହାଯାଉଥିଲେ ହେଁ ଏଯାବତ୍ ତାହା କାର୍ଯ୍ୟକାରୀ ହୋଇନାହିଁ। ଜିଲା ଶିକ୍ଷାଧିକାରୀଙ୍କ ଚିଠି (ନଂ.୧୨୮୨୯/୪-୧୧-୨୦୨୩) ଅନୁଯାୟୀ ବିଇଓ ଜେନାଙ୍କ ସମସ୍ତ କାଗଜପତ୍ର ଡାଇରେକ୍ଟରଙ୍କ ଅଫିସକୁ ପ୍ରେରଣ କରାଯାଇଥିଲା। ପୁନଃ ଡାଇରେକ୍ଟରଙ୍କ ଚିଠି (ନଂ. ଆଇପି-୦୨-ଭିଆଇ-୨୦୨୩;୧୮୫୭୧/୩-୯-୨୦୨୪)ର ଅନୁପାଳନ ନିମନ୍ତେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଚିଠି (ନଂ.୧୪୦୯୩/୧୪-୧୦-୨୪) ଦ୍ୱାରା ଫାଇନାଲ ପେନସନ ପାଇଁ ସମସ୍ତ ରେକର୍ଡପତ୍ର ପ୍ରେରଣ କରାଯାଇଥିଲା। କୌଣସି ସୁଫଳ ନ ମିଳିବାରୁ ଗତ ମାର୍ଚ୍ଚ ୩ରେ ସେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ଜଣାଇଛନ୍ତି।

# ସରିଲା ନୀଳକଣ୍ଠେଶ୍ୱର ମହାଦେବଙ୍କ ପାଟଉତ୍ସବ

ଭୋଗରାଇ,୨୨।୪(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଚୌକି ଗ୍ରାମର ଶ୍ରୀଶ୍ରୀ ନୀଳକଣ୍ଠେଶର ମହାଦେବଙ୍କ ଚଡ଼କମେଳା ମଙ୍ଗଳବାର ଶେଷ ହୋଇଛି। ସୋମବାର ଜୀଉଙ୍କ ମହାନୀଳ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପାଟ ଉତ୍ସବରେ ଉପବିତଧାରୀ ଭକ୍ତମାନେ ଶେଷ ଅର୍ଘ୍ୟ ପ୍ରଦାନ କରି ଜୀଉଙ୍କୁ ଶେଷ ଥର ପ୍ରାର୍ଥନାକରି ବ୍ରତ ଶେଷ କରିଥିଲେ। ସହସ୍ରାଧିକ ଶୈବଭକ୍ତଙ୍କ ସହିତ ସେବାୟତ, ପଣ୍ଡା ଓ ଶ୍ରଦ୍ଧାଳୁମାନେ ଜୀଉଙ୍କ ବନାସାଣ ଗ୍ରାମସ୍ଥିତ ହାକାଣ୍ଡ ପୋଖରୀରେ ଶିବଦୁର୍ଗା ଘଟ ଦ୍ୱୟକୁ ଫୁଲ ଚନ୍ଦନ ରେ ଭୂଷିତ କରି ସାହାନାଇ, ଢାକ ଢୋଲ, ରୋଷଣୀ ଓ ଡାକବାଜିଯନ୍ତ୍ର ତାଳେତାଳେ ଦଣ୍ଡ ନୃତ୍ୟ କରି ମନ୍ଦିର ବିଜେ କରିଥିଲେ । ଜୀଉଙ୍କ ଅନ୍ତିମ ଦିବସରେ ପଞ୍ଚୁ ମୁଣ୍ଡିଆ, ଆଧୁନିକ ଶିବଦୁର୍ଗା ଦଣ୍ଡ ନୃତ୍ୟ, ରାକ୍ଷସ ମୂର୍ତ୍ତି, ଦଶ ନଖିଙ୍କ ଅଣ୍ଟା ଜିହ୍ୱା ଓ ଶରୀରରେ ଲୁହା କଣ୍ଟା ଫୋଡ଼ି ଶିବଙ୍କଠାରେ କୁଚ୍ଛ ସାଧନା କରିବା ଭିନ୍ନ ଆକର୍ଷଣ ସୃଷ୍ଟି କରିଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଭୋଗରାଇ ସୀମାନ୍ତ ପଶ୍ଚିମବଙ୍ଗରୁ ୩୦ ହଜାରରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କ ସମାଗମ ହୋଇଥିଲା। ମହାଦେବଙ୍କ ନୀଳ ପୋଖରୀରେ ବିଭିନ୍ନ ପ୍ରକାର ଅତାଶବାଜୀ ପ୍ରଦର୍ଶନ ସମବେତ ଯାତ୍ରୀଙ୍କୁ ମନମୁଗ୍ଧ କରିଥିଲା। ଉତ୍ସବରେ ବହୁ ସ୍ୱେଚ୍ଛାସେବୀ ସଂଗଠନ ଜଳଦାନ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଶାନ୍ତି ଶୃଙ୍ଖଳାର ସହ ମେଳା ପରିଚାଳନା କରାଯାଇଥିଲା ।

## ମହାଦେଇଯୋଡା ପ୍ରିମିୟର ଲିଗ୍

# ଶ୍ରୀମେଟାଲିକ୍ସ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଦଳ।

କେନ୍ଦୁଝର,୨୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ମହାଦେଇଯୋଡ଼ା ମହାଲକ୍ଷ୍ମୀ ପଡ଼ିଆଠାରେ ଚାଲିଥିବା ମହାଦେଇଯୋଡ଼ା ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ୮ଗୋଟି ପଞ୍ଚାୟତର ୬ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଆରକେକେ ଏବଂ ଶ୍ରୀମେଟାଲିକ୍ସ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଶ୍ରୀମେଟାଲିକ୍ସ ବିଜୟୀ ହୋଇଛି।

ଆରକେକେ ପ୍ରଥମେ ବ୍ୟାଟିଂ କରି ୬ ୱିକେଟ୍ ହରାଇ ୩୫ ରନ୍ ସଂଗ୍ରହ କରିଥିଲା। ଶ୍ରୀମେଟାଲିକ୍ସ ନିର୍ଦ୍ଧାରିତ ୫ ଓଭରରେ ୩ ୱିକେଟ୍ ହରାଇ ୩୬ ରନ କରି ଚାମ୍ପିୟନ ହୋଇଛି। ଅମ୍ପାୟାର ତପନ ଖୁଣ୍ଟିଆ, ସୁରେଶ ମହାକୁଡ ଖେଳ ପରିଚାଳନା କରିଥିଲେ। ପରେଶ ମହାନ୍ତ ଓ ରୋହିତ ମହାନ୍ତ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଲିପୁନ ମହାନ୍ତ ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସମାମାଜିକକର୍ମୀ ସଞ୍ଜିବ ସାହୁ, ପ୍ରାଣବନ୍ଧୁ ଖୁଣ୍ଟିଆ, ସରପଞ୍ଚ ରମେଶ ଚନ୍ଦ୍ର ମୁଣ୍ଡା, ଅରୁଣ କୁମାର ଦାସ, ବିଜୟ ଖୁଣ୍ଟିଆ, ବୁବୁ ସାହୁ, ଚିତ୍ରସେନ ସାହୁ, ଅନିଲ ଦାସ, ହନୁମାନ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ୧୦ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଦଳକୁ ଟ୍ରଫି ସହିତ ୮ହଜାର ଟଙ୍କା ପ୍ରଦାନ କରିଥିଲେ। ଶ୍ରେଷ୍ଠଖେଳାଳି ଭାବେ ଅନିଲ ପଲେଇ ବିବେଚିତ ହୋଇଥିଲେ। ଆୟୋଜକ ମହାଦେଇଯୋଡା ଯୁବକସଂଘ ଏବଂ ଶ୍ରୀତମ ସାହୁଙ୍କ ନେତୃତ୍ୱରେ ଚିନ୍ମୟ ସାହୁ, ବିନେଶ ବେହେରା, ଚନ୍ଦନ ସେଠୀ, ପିପୁନ ମହାନ୍ତ, ବୁବୁ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ହାତୀ ଉପଦ୍ରବ ଅଞ୍ଚଳରେ ଲାଗିଲା ସୋଲାର ଲାଇଟ୍

ପାଟଣା,୨୨।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ ବର୍ଷ ତମାମ ବଣୁଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ହାତୀ ଆକ୍ରମଣରେ ଲୋକଙ୍କ ଜୀବନହାନୀ ହେଉଥିବା ବେଳେ ହାତୀ ଉପଦ୍ରବରେ ଅନେକ ଫସଲ ନଷ୍ଟ ହେଉଛି। ହାତୀ ଆସିଲେ ବିଦ୍ୟୁତ୍ ସେବା ବନ୍ଦ କରିଦିଆଯିବା କାରଣରୁ ଲୋକେ ଅନ୍ଧାରରେ ହଇରାଣ ହେଉଛନ୍ତି। ଯାହାକୁ ନେଇ ବନ ବିଭାଗ ପକ୍ଷରୁ ପାଟଣା ରେଞ୍ଜର ପାଟଣା, ଖିରେଇଟାଙ୍ଗିରୀ ଓ ସାହାରପଡା ସେକ୍ସନର ହାତୀ ଚଳ ପ୍ରଚଳ ଅଞ୍ଚଳ ଗ୍ରାମଗୁଡ଼ିକରେ ବନ ବିଭାଗ ପକ୍ଷରୁ ମଙ୍ଗଳବାର ସୋଲାର ଲାଇଟ ଲଗାଯାଇଛି। ଯାହାକି ହାତୀ ମଣିଷ ଲଢ଼େଇକୁ ଏଡ଼ାଇବା ସାଙ୍ଗକୁ ଲୋକଙ୍କ ଧନ ଜୀବନ ସୁରକ୍ଷା କରିବାରେ ସହାୟକ ହେବ ବୋଲି ଅଞ୍ଚଳରେ ମତ ପ୍ରକାଶ ପାଇଛି।

# ବ୍ୟାଙ୍କ ଲୁଟ୍ ମାମଲା: ୨ ଗିରଫ, ୧୫ ଲକ୍ଷ ଜବତ

ବାରିପଦା,୨୨।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପୋଲିସ ଏକ ବ୍ୟାଙ୍କ ଡକାୟତି ଘଟଣାର ୨ ମାସ ପରେ ୨ ଆନ୍ତଃରାଜ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ୧୫ ଲକ୍ଷ ୧୯ହଜାର ୬ ଶହ ଟଙ୍କା ଜବତ କରିଛି। ଅଭିଯୁକ୍ତ ଦ୍ୱୟ ବିହାର ରାଜ୍ୟ ପାଟଣା ଜିଲା ଅଟନମା ସହିଦପୁର ଗ୍ରାମର ରାଜୀବ ରନ(୫୨) ଓ ଜହାନାବାଦ ଜିଲା ଘାସି ଥାନା ଶାହବିଦ୍ଧା ଗ୍ରାମର ପ୍ରମୋଦ ବିନ୍ଦ(୩୩)। ଅଭିଯୁକ୍ତମାନେ ଜେଲରୁ ବାହାରି ବ୍ୟାଙ୍କ ଡକାୟତି କରିବାରେ ସଫଳ ହୋଇଥିଲେ। ପୋଲିସର ୩ଟି ଟିମ୍ ଘଟଣାର ଛାନ୍‌ଭିନ କରି ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଛନ୍ତି।

ସୂଚନାଯୋଗ୍ୟ, ରାଇରଙ୍ଗପୁର ଉପଖଣ୍ଡ ବହଳଦା ଥାନାଠାରୁ ୨ଶହ ମିଟର ଦୂରରେ ଥିବା ବ୍ୟାଙ୍କରୁ ୨୦ ଫେବୃଆରୀ ଦିନ ସଶସ୍ତ୍ର ଡକାୟତି ହୋଇଥିଲା । ବ୍ୟାଙ୍କରୁ ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନେଇ ୫ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଘଟଣାକୁ ନେଇ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶରେ ୩ ଟିମ୍ ଗଠନ କରାଯାଇ ଏହାର ତଦନ୍ତଭାର ଅତିରିକ୍ତ ଏସ୍‌ପି ଯଦୁନାଥ ଜେନାଙ୍କୁ ଦେଇଥିଲେ। ଅଭିଯୁକ୍ତ ବ୍ୟାଙ୍କରୁ ଟଙ୍କା ଲୁଟ୍ କରିବା ପରେ ତିରିଂ ଥାନା ଅଞ୍ଚଳ ଦେଇ ଝାଡ଼ଖଣ୍ଡ ରାଜ୍ୟକୁ ପଳାଇଥିଲେ। ବଡ଼ନାରାୟଣି ଗ୍ରାମ ରାସ୍ତାର ଏକ ହମ୍ପସ୍‌ରେ ଗାଡି ପଡିଯିବାରୁ ଅଭିଯୁକ୍ତମାନେ ବ୍ୟବହାର କରୁଥିବା ଏକ ଛୁରି ଓ ଚଷମାକୁ ପୋଲିସ ଜବତ କରିଥିଲା। ତେବେ ପୂର୍ବରୁ ବାରିପଦା ସହରରେ ଥିବା ମଣପୁରମ ବ୍ୟାଙ୍କ ଡକାୟତି ସିସିଟିଭି ଫୁଟେଜକୁ ନେଇ ପୋଲିସ ଉଭୟ ମାମଲାର ତଦନ୍ତ ଆଗକୁ ବଢ଼ିଥିଲା। ଫଟୋ ଚିତ୍ରକୁ ଦେଖି ବଡ଼ନାରାୟଣୀ ଗ୍ରାମର ଲୋକେ ଅଭିଯୁକ୍ତଙ୍କୁ ଚିହ୍ନିବା ପରେ ଉଭୟଙ୍କୁ ଗିରଫ କରିବା ପାଇଁ ଯୋଜନା କରିଥିଲେ। ଅଭିଯୁକ୍ତ ଝାଡ଼ଖଣ୍ଡ ରାଜ୍ୟ ଘାଗଡ଼ିହୀ ଜେଲରୁ ମୁକୁଳି ଥିବା ନେଇ ଜାଣିବା ପରେ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ରାଜୀବର ଭଡ଼ାଘରୁ ୧୪ଲକ୍ଷ ଓ ପ୍ରମୋଦଙ୍କ ଘରୁ ୧ଲକ୍ଷ ୧୯ହଜାର ୬ଶହ ଟଙ୍କା ଜବତ କରିଥିଲା। ଉଭୟଙ୍କୁ ପୋଲିସ ମଙ୍ଗଳବାର କୋର୍ଟଚାଲାଣ କରିଛି। ଏ ନେଇ ଜିଲା ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସମେତ ଜିଲା ଅତିରିକ୍ତ ଏସପି ଦୀପକ ଗୋଚ୍ଛାୟତ, ବହଳଦା ଥାନା ଆଇଆଇସି ଭାସ୍କର ପ୍ରଧାନ ଓ ବାରିପଦା ଟାଉନ ଆଇଆଇସି କରୁଣାକର ନାୟକ ପ୍ରକାଶ କରିଛନ୍ତି। ତେବେ ଅଭିଯୁକ୍ତ ଝାଡଖଣ୍ଡ, ବିହାର ଓ ଓଡିଶାର ବିଭିନ୍ନ ଥାନାରେ ଏକାଧିକ ମାମଲାରେ ଜଡିତ ରହିଥିବା ପୋଲିସ ସୂଚନା ଦେଇଛି।

ASSISTANT REQUIRED
Qualification- +3 Arts (English language mode) Age 32 to 50 years, PGDCA & 2 wheeler Driving License optional/ preference. Monthly salary - up to Rs 16,000/- basing on merit to be finalised on interview. Annual increment scope available. Apply ( male or female) candidate mother tongue Odia with certificate copies and Aadhar card to Sriram Enterpriser, Red cross Road Bhanjanagar-761126
Phone/ Whatsapp: 9438572007

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଆବଶ୍ୟକ
ଫାୟାର ୱାଟର ଡିଷ୍ଟଲେରୀ ପ୍ରା ଲିଃ. କୋମତାଲପେଟା, ରାୟଗଡ଼ା ନିମନ୍ତେ ସେଲ୍ସ ଏକ୍ଜିକ୍ୟୁଟିଭ୍ ଆବଶ୍ୟକ। ଯୋଗ୍ୟତା – ଯେକୌଣସି ଡିଗ୍ରୀ, ଅଭିଜ୍ଞତା – ସର୍ବନିମ୍ନ ୪ ବର୍ଷ। ଯୋଗାଯୋଗ – ୯୮୬୬୫୩୪୮୮୮, ୭୩୨୫୯୭୧୮୯୯

Job Opportunity at
SB Sahoo & Co Pvt. Ltd., Bhubaneswar
Senior Marketing Executive-5 Positions, Junior Marketing Executive-5 Positions, Salary Negotiable.
Send your resume to
sbsahoo11@gmail.com
Contact : 9437035347, 9437468247

WELDER REQUIRED
ମଞ୍ଚେଶ୍ୱର ଭୁବନେଶ୍ୱର
ୱେଲ୍‌ଡ଼ର ଆବଶ୍ୟକ ।
Salary-12k to 17k
ଖାଇବା ରହିବା ସୁବିଧା ଅଛି ।
Contact - 9124614403

REQUIREMENT
Wanting one staff for our distributorship Godown At Khordha. Experience in marg software.
Mob : 9556070670

Gitanjali AWARDS
WANTED GRAPHIC DESIGNERS
With complete knowledge of CorelDraw.
Interested candidates may send their resume to info@gitanjaliawards.com.
Gitanjali Awards Pvt. Ltd.
59, Saheed Nagar, Bhubaneswar. Ph: 7381092101
www.gitanjaliawards.com

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
| --- | --- | --- |
| DIGITAL MARKETING EXECUTIVES | Well versed with Media Clients and Agencies for Digital Platforms.<br>Must have retail, corporate client base.<br>Capable to aggressively chase sales targets.<br>Hands-on experience in content management.<br>Drive new client acquisition.<br>Proficiency in social media platforms.<br>Should have 3-6 years + experience in Digital Marketing. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

ଆମ ନାକ ଆଗରେ ଯାହା ଯେତିକି ଘଟୁଛି-ତା'ଛଡ଼ା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ- ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। -ଶ୍ରୀଅରବିନ୍ଦ



# ୩୦ ବର୍ଷ ପୂର୍ବରୁ ଓ ପରେ

ବିଶ୍ୱର ପ୍ରାୟ ସମସ୍ତ ବିକଶିତ ଦେଶ ସେମାନଙ୍କ ମାନବ ଶକ୍ତିକୁ ବିଭିନ୍ନ କ୍ଷେତ୍ରରେ ସର୍ବାଧିକ ବିନିଯୋଗ କରିପାରିଛନ୍ତି। ଏହି କ୍ରମରେ ଭାରତ ପାଇଁ ଏଭଳି କରିବା ଅପରିହାର୍ଯ୍ୟ, କାରଣ ଏହା ୨୦୪୭ ସୁଦ୍ଧା ବିକଶିତ ଦେଶ ହେବାର ଲକ୍ଷ୍ୟ ରଖିଛି। ଏବେ ଏହି ଲକ୍ଷ୍ୟ ପୂରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ମାର୍ଗ ସମ୍ପର୍କରେ ମତ ରଖିଛନ୍ତି କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ। କଲମ୍ବିଆ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଇଣ୍ଟରନ୍ୟାଶନାଲ ଆଣ୍ଡ୍ ପବ୍ଲିକ ଆଫେୟାର୍ସରେ ୧୯ ଏପ୍ରିଲରେ ଆୟୋଜିତ କଲମ୍ବିଆ ଇଣ୍ଡିଆ ସମ୍ମିଳନୀକୁ ସମ୍ବୋଧନ କରିବା ଅବସରରେ ନାଗେଶ୍ୱରନ କହିଛନ୍ତି ଯେ, ବିକଶିତ ଲକ୍ଷ୍ୟ ହାସଲ ପାଇଁ ଭାରତକୁ ଆଗାମୀ ୧୦-୧୨ ବର୍ଷ ନିଯୁକ୍ତି ଉପରେ ଗୁରୁତ୍ୱ ଦେବା ସହ ପ୍ରତିବର୍ଷ ୮୦ ଲକ୍ଷ ନିଯୁକ୍ତି ସୃଷ୍ଟି କରିବାକୁ ହେବ । ଏହାସହ ଜିଡିପିରେ ଉତ୍ପାଦନର ଅଂଶ ବୃଦ୍ଧି ଜରୁରୀ ବୋଲି ଦର୍ଶାଇଛନ୍ତି। ଏ କଥା କହିଲାବେଳେ ସେ ମଧ୍ୟ ସତର୍କ କରିଦେଇଛନ୍ତି ଯେ, ଆଗାମୀ ୧୦-୨୦ ବର୍ଷ ବାହ୍ୟ ପରିବେଶ ଏସବୁ ପାଇଁ ଏତେଟା ସହାୟକ ହେବନାହିଁ। ଆଉ ମଧ୍ୟ ସୂଚାଇ ଦେଇଛନ୍ତି, ୩୦ ବର୍ଷ ପୂର୍ବରୁ ଅର୍ଥାତ୍ ୧୯୯୦ରୁ ଏହା ଆରମ୍ଭ କରିବାର ଥିଲା ଯେତେବେଳେ ଏହା ପାଇଁ ସୁଯୋଗ ରହିଥିଲା। ନାଗେଶ୍ୱରନ ୨୮ ଜାନୁଆରୀ ୨୦୨୨ରେ ସିଇଏ ଭାବେ ନିଯୁକ୍ତ ହୋଇଥିଲେ। ଏହାର ୩ ବର୍ଷ ପରେ ସେ ଏଭଳି କହିଛନ୍ତି। ଆଗରୁ ଜଣେ ଅର୍ଥନୀତିଜ୍ଞ ଭାବେ ତାଙ୍କ ମତ ରଖି ନ ଥିଲେ। ଏଥିସହିତ ତାଙ୍କୁ ଯେଉଁ ରାଜନୈତିକ ଦଳର ସରକାର ବିଶେଷକରି ଭାଜପା ସରକାର ନିଯୁକ୍ତି ଦେଇଛନ୍ତି, ସେହି ସରକାର ୧୧ ବର୍ଷ ଶାସନରେ ରହିଲେଣି। ନିଜର ଦାୟିତ୍ୱ ସମ୍ପର୍କରେ କେହି କୌଣସି ସମୟରେ ଉଲ୍ଲେଖ କରନ୍ତି ନାହିଁ। ଏବକାର ଢାଞ୍ଚାରେ ସବୁ ବିଷୟକୁ ଇତିହାସ ଉପରେ ଦୋଷ ଦେଇ ଖସିଯିବାର ଆଭିମୁଖ୍ୟ ସ୍ପଷ୍ଟ ବୁଝାପଡୁଛି।

ନାଗେଶ୍ୱରନଙ୍କ ଏହି କେତୋଟି ପରାମର୍ଶ ଭାରତୀୟ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧିରେ ନିଯୁକ୍ତି ଓ ଉତ୍ପାଦନର ମହତ୍ତ୍ୱପୂର୍ଣ୍ଣ ଦିଗକୁ ସୂଚିତ କରୁଛି। ଏହାସହ ଭାରତ ବିକଶିତ ହେବା ପଥରେ ଜଟିଳତା ରହିଥିବା ମଧ୍ୟ ପରୋକ୍ଷରେ ସ୍ପଷ୍ଟ କରୁଛି। ଅର୍ଥାତ୍ ଯେଉଁ ହାରରେ ନିଯୁକ୍ତି ଓ ଉତ୍ପାଦନ ବୃଦ୍ଧି ହେବା କଥା ତାହା ସମ୍ଭବ ହୋଇପାରିନାହିଁ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଡିସେମ୍ବର ୨୦୨୪ରେ ଘୋଷଣା କରାଯାଇଥିଲା ଯେ, ୨୦୨୨ରୁ ଆରମ୍ଭ ହୋଇଥିବା ନିଯୁକ୍ତିମେଳା ମାଧ୍ୟମରେ ଦେଢ଼ ବର୍ଷରେ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକରେ ୧୦ ଲକ୍ଷ ସରକାରୀ ଚାକିରି ପ୍ରଦାନ କରାଯାଇଛି। କିନ୍ତୁ ଭାରତରେ ବେସରକାରୀ କ୍ଷେତ୍ରରେ କେତେ ପରିମାଣର ନିଯୁକ୍ତି ସୃଷ୍ଟି କରାଯାଇଛି କିମ୍ବା କରାଯିବା ପାଇଁ ଯୋଜନା ହେଉଛି ତାହା ଜାଣିବା କଷ୍ଟକର। ୨୦୧୬ରେ ଆରମ୍ଭ କରାଯାଇଥିବା ଷ୍ଟାର୍ଟଅପ ଇଣ୍ଡିଆ ଯୋଜନା ଏବଂ ମେ ୨୦୨୦ରୁ ଆରମ୍ଭ ହୋଇଥିବା ଆତ୍ମନିର୍ଭର ଭାରତ ଅଭିଯାନର ଅଗ୍ରଗତି ସମ୍ପର୍କିତ ପ୍ରଚାରରେ ନିଯୁକ୍ତି ସଂଖ୍ୟା ଜାଣିବା କଷ୍ଟକର। ଯଦି ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନର ୨୦୨୪ ରିପୋର୍ଟକୁ ଦେଖିବା ତେବେ ଏଥିରେ ପ୍ରକାଶ କରାଯାଇଥିଲା ଯେ, ଭାରତରେ ଚାକିରି ନ ଥିବା ମୋଟ ଲୋକଙ୍କ ମଧ୍ୟରେ ୮୦ ପ୍ରତିଶତରୁ ଅଧିକ ହେଉଛନ୍ତି ଯୁବକ। ଭାରତରେ ଚାକିରି ପାଇ ନ ଥିବା, ଶିକ୍ଷା ପ୍ରାପ୍ତ କରି ନ ଥିବା କିମ୍ବା ପ୍ରଶିକ୍ଷଣ ନେଇ ନ ଥିବା ଯୁବକଙ୍କ ପ୍ରତିଶତ ଦକ୍ଷିଣ ଏସିଆରେ ସର୍ବାଧିକ ବୋଲି ଦର୍ଶାଇଥିଲା। ଭାରତରେ କୁଶଳୀ ଶ୍ରମଶକ୍ତିର ଅଭାବ ରହିଆସିଛି। ଏହା ବ୍ୟତୀତ ଶ୍ରମଶକ୍ତି ଭାଗୀଦାରି ହାର ଅନ୍ୟସବୁ ବିକାଶଶୀଳ ଦେଶ ଏପରିକି ଇଣ୍ଡୋନେସିଆ ଓ ଭିଏତ୍‌ନାମଠାରୁ କମ୍ ରହିଛି। ତେବେ ଅନ୍ତର୍ଜାତୀୟ ସ୍ତରର ରିପୋର୍ଟ ଯାହା ଦର୍ଶାଉଛି ତାହାକୁ ଚ୍ୟାଲେଞ୍ଜ କରି ଏକ ଯୁକ୍ତିଯୁକ୍ତ ରିପୋର୍ଟ ପ୍ରକାଶ କରିବା ଭାରତ ପାଇଁ ସମ୍ଭବପର ନୁହେଁ। ଯଦି କୌଣସି ରିପୋର୍ଟ ପ୍ରସ୍ତୁତ କରାଯାଉଛି ସେଥିରେ ଛବିକୁ ଆକର୍ଷଣୀୟ ଭାବେ ଦେଖାଯାଉଛି, ତାହାର ଏକମାତ୍ର ଉପାୟ ଭାବରେ ତଥ୍ୟକୁ ସମ୍ପୂର୍ଣ୍ଣ ମନଗଢ଼ା କରିଦିଆଗଲାଣି। ଯେଉଁଥିପାଇଁ ନିୟମିତ ସମୟରେ ଜନଗଣନା ମଧ୍ୟ କରାଯାଉନାହିଁ। ଏବେ ଯେଉଁ ଜନଗଣନା ସମ୍ପର୍କରେ ଆଲୋଚନା କିମ୍ବା କାର୍ଯ୍ୟ ଆରମ୍ଭ କରାଯାଉଛି ତାହା କେତେଦୂର ବାସ୍ତବ ହେବ ସେ ସମ୍ପର୍କରେ ସନ୍ଦେହ ସୃଷ୍ଟି ହୋଇଛି।

ଉଲ୍ଲେଖଯୋଗ୍ୟ ଯେ, ନାଗେଶ୍ୱରନ ଜିଡିପିରେ ମାନୁଫାକ୍‌ଚରିଂ ବା ଉତ୍ପାଦନ ହାର ବୃଦ୍ଧି କଥା ଯାହା କହିଛନ୍ତି ତାହା ଏକ ବିକଶିତ ଦେଶର ଚାବିକାଠି। ଏହା ଚାଇନା ପ୍ରମାଣ କରି ଦେଖାଇଛି। ଏବେ ଚାଇନା ବିଶ୍ୱର ଏକ ନମ୍ବର ଅର୍ଥ ବ୍ୟବସ୍ଥା ହେବା ପଥରେ ଅଗ୍ରସର। ଦେଖିବାକୁ ଗଲେ ୧୯୯୦ ବେଳକୁ ଚାଇନା ଓ ଭାରତର ଅଭିବୃଦ୍ଧି ହାର ପ୍ରାୟ ସମାନ ଥିଲା। କିନ୍ତୁ ସେହି ଦେଶ ତାହାର କୁଶଳୀ ଶ୍ରମଶକ୍ତି ବିନିଯୋଗ କରି ବିଶ୍ୱର ଏକ ନମ୍ବର ଉତ୍ପାଦନକାରୀ ଦେଶ ହୋଇଗଲାଣି। ଏଥିରୁ ବୁଝିବାକୁ ହେବ ଯେ, ଭାରତର ଅର୍ଥନୈତିକ ପଥ ଆଜି ମଧ୍ୟ ଅସ୍ପଷ୍ଟ। ବିଗତ ବର୍ଷମାନଙ୍କରେ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ କରିଥିବା ରାଜନୈତିକ ବ୍ୟବସ୍ଥାକୁ ଭାରତୀୟ ଭୋଟର ବାରମ୍ବାର ନାକଚ କରି ଫିଙ୍ଗି ଦେଲେଣି। ଅନ୍ୟପଟେ ଆଜିର ପରିସ୍ଥିତିରେ ମଧ୍ୟ ସୁଧାର ଆସୁଥିବା ଭଳି କୌଣସି ଲକ୍ଷଣ ଦେଖିବାକୁ ମିଳୁନାହିଁ। ବିଶେଷକରି ଦେଶର ମାନସିକ ସ୍ତରରେ ହିନ୍ଦୀଭାଷା ଲଦି ଦେବା, ହିନ୍ଦୁ ମୁସଲମାନ ଆଲୋଚନାକୁ ଗୁରୁତ୍ୱ ଦେବା, ଜନସଂଖ୍ୟା ଅନୁଯାୟୀ ଲୋକ ସଭା ଆସନ ନିର୍ଦ୍ଧାରଣ କରିବା ଭଳି ଅନେକ ଅବାଞ୍ଛିତ କଥାରେ ଦେଶର ଶକ୍ତିକୁ ଜାଣିଶୁଣି ବିନିଯୋଗ କରାଯାଉଥିବା ହେତୁ ଦକ୍ଷତା ବୃଦ୍ଧି ଭଳି ଅର୍ଥନୈତିକ ଲକ୍ଷ୍ୟ ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଆଜିଠାରୁ ୩୦ ବର୍ଷ ପରେ ମଧ୍ୟ ଯେଉଁ ବ୍ୟକ୍ତି ନାଗେଶ୍ୱରନଙ୍କ ଆସନରେ ବସିବେ ସେତେବେଳେ ମଧ୍ୟ ଏହି ବାକ୍ୟଗୁଡ଼ିକୁ ପୁନରାବୃତ୍ତି କରିବାକୁ ବାଧ୍ୟ ହେବେ ବୋଲି ମନେ ହେଉଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 5 | | |
| | | | 6 | | 7 | | 4 | 3 |
| | | 8 | | | 3 | | | 6 |
| | 7 | | | | | 1 | | |
| | 3 | 9 | | | 5 | | | |
| | 4 | | | 7 | 8 | | | 2 |
| | | | 7 | | | | | |
| | | | | 8 | | | 9 | |
| | 9 | 6 | | 1 | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 1 | 6 | 5 | 3 | 2 | 4 | 8 |
| 2 | 5 | 6 | 4 | 1 | 8 | 3 | 9 | 7 |
| 4 | 3 | 8 | 9 | 2 | 7 | 1 | 5 | 6 |
| 7 | 6 | 3 | 5 | 9 | 1 | 8 | 2 | 4 |
| 5 | 9 | 2 | 8 | 6 | 4 | 7 | 1 | 3 |
| 1 | 8 | 4 | 7 | 3 | 2 | 9 | 6 | 5 |
| 3 | 4 | 5 | 1 | 7 | 9 | 6 | 8 | 2 |
| 6 | 1 | 7 | 2 | 8 | 5 | 4 | 3 | 9 |
| 8 | 2 | 9 | 3 | 4 | 6 | 5 | 7 | 1 |

ଗତକାଲିର ଉତ୍ତର

# ବାକ୍ ସଂଯମ: ଏକ ସାଧନା



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଷୋଡ଼ଶ ଶତାବ୍ଦୀର ଏକ ଘଟଣାରୁ ପ୍ରବନ୍ଧଟି ଆରମ୍ଭ କରୁଛି। ଇଂରେଜ ମନୀଷୀ ଥୋମାସ୍ କୁପାର ଆଠବର୍ଷ କଠିନ ପରିଶ୍ରମ କରି ଏକ ଅଭିଧାନ ସଂକଳନ କରୁଥିଲେ। ଅନେକ ବର୍ଷର ଅଧ୍ୟବସାୟ ପରେ କାମଟି ସମ୍ପୂର୍ଣ୍ଣ ହେବାରୁ ସେ ଆନନ୍ଦିତ ହେଲେ। ଦିନେ ସନ୍ଧ୍ୟା ସମୟରେ ସେ ତାଙ୍କର ଦୁଇଜଣ ବନ୍ଧୁଙ୍କୁ ସେହି ପାଣ୍ଡୁଲିପିଟି ଦେଖାଇବା ପାଇଁ ନିଜ ଘରକୁ ନେଇ ଆସିଲେ। ମାତ୍ର ଟେବୁଲ ଉପରେ ପାଣ୍ଡୁଲିପି ନ ଥିଲା। ତାଙ୍କ ପତ୍ନୀ ଡିନା ଭାବୁଥିଲେ ତାଙ୍କ ସ୍ୱାମୀ ଗୋଟିଏ ଅଯଥା କାମର ପ୍ରେମରେ ପଡ଼ି ବିଶ୍ରାମବିହୀନ ଜୀବନଯାପନ କରୁଛନ୍ତି ଓ ସ୍ୱାସ୍ଥ୍ୟହାନି କରୁଛନ୍ତି। ଏହି ମୋହରୁ ତାଙ୍କୁ ମୁକୁଳାଇବା ପାଇଁ ସେ ସବୁ ପାଣ୍ଡୁଲିପିକୁ ନିଆଁରେ ପୋଡ଼ି ପାଉଁଶ କରିଦେଲେ। କୁପାର ସ୍ତବ୍ଧ ହେଲେ, ମାତ୍ର କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ। କେବଳ ପତ୍ନୀଙ୍କୁ ଏତିକି କହିଲେ- 'ଡିନା! ତୁମେ ମୋତେ ବଡ଼ କଷ୍ଟ ଦେଲ।' ପୁଣି ଆରମ୍ଭ କଲେ ସଂକଳନ ଓ ଆଠ ବର୍ଷ ଅକ୍ଳାନ୍ତ ପରିଶ୍ରମ କରି ଅଭିଧାନଟି ପ୍ରସ୍ତୁତ କଲେ। ଜଣେ ସ୍ଥିତପ୍ରଜ୍ଞ ଭଳି ନିଜର ଶାନ୍ତି ଓ ସମତାଭାବ ବଜାୟ ରଖିଲେ। ଫଳରେ ଦଗ୍ଧ ପାଣ୍ଡୁଲିପି ଜୀବନ୍ୟାସ ପାଇଲା। ଅନୁତପ୍ତ ପତ୍ନୀ ମଧ୍ୟ ତାଙ୍କୁ ନୀରବରେ ସାହାଯ୍ୟ କଲେ। ବାକ୍‌ଶକ୍ତିର ଉପଯୁକ୍ତ ପ୍ରୟୋଗ ଓ ବାକ୍‌ସଂଯମ ଜୀବନରେ ଏହିଭଳି ଦୁଃଖଦ ଅନୁଭୂତିକୁ ପ୍ରଶାନ୍ତ ଭାବରେ ଗ୍ରହଣ କରିବା ପାଇଁ ଶକ୍ତି ଦିଏ।

ଗୌତମ ବୁଦ୍ଧ ଥିଲେ ଆତ୍ମସଂଯମର ମୂର୍ତ୍ତିମନ୍ତ ପ୍ରତୀକ। ଥରେ ସେ ଜଣେ ଗୃହସ୍ୱାମୀଙ୍କ ଦ୍ୱାରଦେଶରେ ଭିକ୍ଷାପାତ୍ର ଧରି ଉପସ୍ଥିତ ହୋଇ ଭିକ୍ଷା ମାଗନ୍ତେ ଗୃହସ୍ୱାମୀ ତାଙ୍କୁ କଟୁ ଭାଷାରେ ଭର୍ତ୍ସନା କଲେ। ବୁଦ୍ଧ ନୀରବରେ ସବୁ ଶୁଣିଗଲେ ଓ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ। ତାଙ୍କ ପାଖରୁ କୌଣସି ପ୍ରତିକ୍ରିୟା ନ ପାଇଁ ଗୃହସ୍ୱାମୀ ଆହୁରି ରାଗିଗଲେ ଓ କହିଲେ, ''ତୁମେ ମୋ କଥାର ଜବାବ ଦେଉନ କାହିଁକି? ମୁଁ ଏତେ କଥା କହୁଛି, ତୁମକୁ କ'ଣ ବାଧୁନି?'' ବୁଦ୍ଧଦେବ କହିଲେ ''ମୁଁ ଯଦି ତୁମ ଉଦ୍ଦେଶ୍ୟରେ ମୋର ଏହି ଭିକ୍ଷାପାତ୍ରଟିକୁ ଅର୍ପଣ କରିବି ଓ ତୁମେ ତାକୁ ଗ୍ରହଣ ନ କର, ଏହି ପାତ୍ରଟି କୁଆଡ଼େ ଯିବ?'' ଗୃହସ୍ୱାମୀ ଉତ୍ତର ଦେଲେ, 'ତାହା ତୁମର ହୋଇ ରହିବ।' ବୁଦ୍ଧ କହିଲେ, ''ଠିକ୍ ସେପରି ତୁମେ ମୋ ପ୍ରତି ଯେଉଁ କଟୁବାକ୍ୟ ପ୍ରୟୋଗ କରିଛ ମୁଁ ତାକୁ ଗ୍ରହଣ କରିନାହିଁ। ଏଣୁ ତାହା ତୁମ ପାଖରେ ରହିଲା।'' ଗୃହସ୍ୱାମୀ ସ୍ତବ୍ଧ ହେଲେ। ସେହି ମୁହୂର୍ତ୍ତରେ ତାଙ୍କ ଚେତନାରେ ଏକ ବଡ଼ ପରିବର୍ତ୍ତନ ହେଲା। ସେ ହେଲେ ବୁଦ୍ଧଙ୍କ ଶିଷ୍ୟ। ଏହିଭଳି ଆତ୍ମସଂଯମ ସାଧନା କରି ଅନ୍ୟ କାହାରି ପ୍ରତି ଅସଦିଚ୍ଛା ଓ ଈର୍ଷାପୋଷଣରୁ ନିଜକୁ ସମ୍ପୂର୍ଣ୍ଣ ମୁକ୍ତ କରିପାରିଲେ ନିଜକୁ ନିରାପଦ ରଖିହୁଏ ଏବଂ ତଦ୍ୱାରା ଅସୂୟାଭାବ ପୋଷଣ କରିଥିବା ବ୍ୟକ୍ତି ଅନୁତପ୍ତ ହୋଇ ସେ ନିଜର ଜୀବନଧାରାକୁ ପରିବର୍ତ୍ତନ କରେ।

ଦୈନନ୍ଦିନ ଜୀବନରେ ଆମେ ଯେତେ କଥା



କହିଥାଉ ତା'ର ବହୁ ଅଂଶ ନ କହିଥିଲେ ଚଳିଥାନ୍ତା। ମାତ୍ର ଆମେ ଅନେକ ସମୟରେ ଅନାବଶ୍ୟକ ଭାବେ ବହୁ କଥା ଗପିଥାଉ ଓ ଆମର ଶବ୍ଦସ୍ଫୀତି ବେଳେବେଳେ ସମାଜରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରେ ଓ ବେଳେବେଳେ ଜୀବନକୁ ବିପଦାପନ୍ନ କରେ। ବିଷ୍ଣୁ ଶର୍ମାଙ୍କ ପଞ୍ଚତନ୍ତ୍ରରେ ବର୍ଣ୍ଣିତ ଏହି ସମ୍ପର୍କିତ ଏକ କାହାଣୀ ଏକ ଭିନ୍ନ ରୂପରେ ପହଞ୍ଚିଥିଲା ଇଂଲଣ୍ଡରେ। ଚତୁର୍ଦ୍ଦଶ ଶତାବ୍ଦୀରେ କବି ଚସର୍ 'କାଣ୍ଟରବରି ଟେଲସ୍'ରେ ବାକ୍‌ସଂଯମକୁ ଗୁରୁତ୍ୱ ଦେଇ ଲେଖିଲେ ଗୋଟିଏ ଗଞ୍ଜାର କାହାଣୀ। ଗୋଟିଏ ପଲ୍ଲୀରେ ବୁଢ଼ୀଟିଏ ପୋଷିଥାଏ ଏକ ଗଞ୍ଜା। ନାମଟି ତା'ର ଚଣ୍ଟିକ୍ଲିଅର୍। ତା'ର କଣ୍ଠର ସୁଲଳିତ ସଂଗୀତରେ ସମଗ୍ର ପକ୍ଷୀକୁଳ ମୋହିତ ହୁଅନ୍ତି। ମାତ୍ର ଗଞ୍ଜା ଉପରେ ଲୋଲୁପ ଦୃଷ୍ଟି ପକାଇଥାଏ ଏକ ଶୃଗାଳ। ଦିନେ ଶୃଗାଳ ତାକୁ କହିଲା ''ତୁମକୁ ଦେଖିଲେ ତୁମ ସ୍ୱର୍ଗତ ପିତାଙ୍କ କଥା ମନେପଡ଼ିଯାଏ। ଯେତେବେଳେ ସେ କଣ୍ଠ ଖୋଲି ଗୀତ ବୋଲନ୍ତି ମୁଁ ଅଭିଭୂତ ହେଉଥାଏ। ତୁମେ ତାଙ୍କର କଳାକୁ ବଜାୟ ରଖିଛ।'' ଗଞ୍ଜାଟି ପୁଲକିତ ହେଲା ଓ ଆହୁରି ଉଚ୍ଚ ସ୍ୱରରେ ଗୀତ ଗାଇବାକୁ ଚେଷ୍ଟା କଲା। ଶୃଗାଳ କହିଲା ''ମାତ୍ର ତୁମ ପିତା ସଂଗୀତ ଗାଇବା ବେଳେ ଆଖି ବନ୍ଦ କରୁଥିବାରୁ ଏକ ଅପୂର୍ବ ଭାବାବେଶ ସୃଷ୍ଟି ହେଉଥିଲା। ତାହା ଥିଲା ତାଙ୍କର ବିଶିଷ୍ଟ ଶୈଳୀ।'' ଗଞ୍ଜା ଆହୁରି ପୁଲକିତ ହୋଇ ଆଖି ଦୁଇଟି ବନ୍ଦକରି ଗୀତ ଗାଆନ୍ତେ ଶୃଗାଳ ତା' ଉପରକୁ କୁଦିପଡ଼ି କାମୁଡ଼ି ଧରି ଅରଣ୍ୟ ଭିତରକୁ ଚାଲିଗଲା।

ଘଟଣା ବିଷୟରେ ମାଲିକାଣୀ ବୁଢ଼ୀ ଅବଗତ ହେଲାପରେ ତା'ର ଦଳବଳ ଧରି ଗଞ୍ଜାର ପୁନରୁଦ୍ଧାର ସକାଶେ ଶୃଗାଳର ଅନୁଧାବନ କଲା। ଶୃଗାଳ ପାଟିରେ ଥାଇ ଗଞ୍ଜାଟି କହିଲା, ''ଦେଖ ବନ୍ଧୁ! ଏହି ବୁଢ଼ୀ ଓ ତା' ଦଳ କେତେ ଓଲୁ। ସେମାନେ ତୁମଭଳି ଶକ୍ତିଶାଳୀ ପଶୁର ଅନୁଧାବନ କରୁଛନ୍ତି। ତାଙ୍କୁ ଉପହାସ କରି କହି ଦେଉନ ଯେ ସେମାନଙ୍କ ଶ୍ରମ ବୃଥା ହେବ।'' ପୁଲକିତ ହେଲା ଶୃଗାଳ ଓ କହିଲା 'ତୁମେ ଠିକ୍ କହୁଛ। ମୁଁ କହିଦେଉଛି।' ସେ ମୁହଁ ଖୋଲିବା ମାତ୍ରେ ଗଞ୍ଜାଟି ତା' ପାଟିରୁ ଖସି ଯାଇ ଗଛ ଉପରକୁ ଚାଲିଗଲା। ଶୃଗାଳ ତା'ର ମୂର୍ଖତା ପାଇଁ ଅନୁତାପ କଲା ଓ କହିଲା, ''ହେ ଅନିନ୍ଦ୍ୟ ଗାୟକ। ତୁମ ସହ ମୋ ସମ୍ପର୍କ ଏମାନେ କିପରି ବୁଝିବେ? ମୁଁ ଚାହୁଁଥିଲି ତୁମକୁ ନେଇ ନିକାଞ୍ଚନରେ ତୁମଠାରୁ ଗୀତ ଶୁଣିବି। ଆସ ଶୀଘ୍ର ପଳାଇବା। ତୁମେ ଗାଇବ ଓ ମୁଁ ଶୁଣିବି।'' ମାତ୍ର ଗଞ୍ଜା କହିଲା, ''ଆଉ ଧୂର୍ତ୍ତ ବୁଦ୍ଧିଦ୍ୱାରା ତୁମେ ମୋତେ ପ୍ରତାରଣା କରିପାରିବ ନାହିଁ। ମୁଁ ଯେତେବେଳେ ଆଖି ଖୋଲା ରଖିବା କଥା, ସେତେବେଳେ ଆଖି ବନ୍ଦ କରି ଦୁର୍ଦ୍ଦଶା ଭୋଗିଲି।'' ଶୃଗାଳ ମଧ୍ୟ କହିଲା, ''ମୁଁ ଯେତେବେଳେ ପାଟି ବନ୍ଦ କରିବା କଥା ସେତେବେଳେ ପାଟି ଖୋଲି ମୂର୍ଖାମି କଲି ଓ ତୁମକୁ ହରାଇଲି।''

କାହାଣୀଟି ଚମତ୍କାର ଭାବରେ ସ୍ଥାନ କାଳ ପାତ୍ର ଅନୁସାରେ ବାକ୍‌ଶକ୍ତିର ଉପଯୋଗ କରିବା ଉପରେ ଚେତାବନୀ ଦେଇଛି। ଶାସ୍ତ୍ରରେ ଅଛି ''ବ୍ୟାଘ୍ରୀ ଯଥା ହରେତ୍ ପୁତ୍ରାନ୍ ଦ୍ରଂଷ୍ଟ୍ରୟୋର୍ମଧ୍ୟେ ସଂସ୍ଥିତାନ୍। ଭୀତା ପତନଭେଦଭ୍ୟାଂ ତଦ୍‌ବତ୍ ବର୍ଣ୍ଣାନ୍ ପ୍ରୟୋଜୟେତ୍।'' ଅର୍ଥାତ୍ ବ୍ୟାଘ୍ରୀ ନିଜ ଶାବକକୁ ଉପରତଳ ଦୁଇ ଦାନ୍ତ ମଧ୍ୟରେ ଅତି ସତର୍କତାର ସହ ବହନ କରେ, କାରଣ ଅନ୍ୟଥା ଶାବକ ଭୂଇଁକୁ ଖସି ପଡ଼ିବାର ଅଥବା ତା'ର ଦାନ୍ତ ଶାବକ ଶରୀରକୁ ଭେଦ କରି କ୍ଷତାକ୍ତ କରିବାର ଭୟ ଥାଏ। ଜଣେ ସଂଭ୍ରାନ୍ତ ଯୁବକ ଲଜ୍ଜାବଶତଃ ମହିଳାମାନଙ୍କ ସହ ମିଶି ପାରୁ ନ ଥିବାରୁ ଆତ୍ମଗ୍ଳାନି ଅନୁଭବ କରନ୍ତେ ଜଣେ ବନ୍ଧୁ ତାକୁ କହିଲେ, ''ପ୍ରଥମେ ମହିଳାଙ୍କ ବିଭିନ୍ନ ଜିନିଷକୁ ପ୍ରଶଂସା କରିବୁ। ସେ ବିବାହିତା ନା ନୁହେଁ, ତାଙ୍କର ପିଲାପିଲି କେତେ ଆଦି ସୌହାର୍ଦ୍ଦପୂର୍ଣ୍ଣ ପ୍ରଶ୍ନ ପଚାରିବୁ, ଦେଖିବୁ ସେ ନିଶ୍ଚୟ ତୋ ସଙ୍ଗେ କଥାବାର୍ତ୍ତା କରିବେ।'' ଦିନେ ଯୁବକଟି ଜଣେ ମହିଳାଙ୍କ ସଙ୍ଗେ କଥାବାର୍ତ୍ତା ଆରମ୍ଭ କରିବାକୁ ଯାଇ ତାଙ୍କ ବ୍ୟାଗ୍‌ର ପ୍ରଶଂସା କଲା। ମହିଳାଟି ଖୁସି ବ୍ୟକ୍ତ କଲେ। ତା'ପରେ ସେ ପଚାରିଲା ''ଆପଣଙ୍କ ପିଲାପିଲି କେତେ? ମହିଳା ଜଣକ ଉତ୍ତର ଦେଲେ, ପୁଅଟିଏ, ଝିଅଟିଏ।'' ତା'ପରେ ସେ ପଚାରିଲେ, 'ଆପଣ ବିବାହିତା?' ସଙ୍ଗେ ସଙ୍ଗେ ଭଦ୍ରମହିଳା ଉତ୍କ୍ଷିପ୍ତ ହୋଇ ତାକୁ ଅଭଦ୍ର ବୋଲି କହନ୍ତେ ଯୁବକଟି ଚାଲି ଆସିଲା ଓ ତାକୁ ତାଲିମ ଦେଇଥିବା ବନ୍ଧୁଙ୍କ ପାଖରେ ସବୁକଥା କହିଲା। ବନ୍ଧୁ କହିଲେ ''ମୂର୍ଖ, ତୁ ସିନା ପ୍ରଥମେ ବିବାହ କଥା ପଚାରିଥାନ୍ତୁ। ତୁ କ୍ରମ ରକ୍ଷା ନ କରି ଅସୁବିଧାରେ ପଡ଼ିଲୁ।'' ଆଉ ଦିନକର କଥା। ସେ ଆଉ ଜଣେ ମହିଳାଙ୍କ ସହ କଥାବାର୍ତ୍ତା ଆରମ୍ଭ କରିବାକୁ ଯାଇ କଥା ପ୍ରସଙ୍ଗରେ ପଚାରିଲା, 'ମ୍ୟାଡାମ୍ ଆପଣ ବିବାହିତା?' ସେ କହିଲେ 'ନା'। ତା'ପରେ ସେ ପଚାରିଲା 'ଆପଣଙ୍କ ପିଲାପିଲି କେତେ?' ମହିଳା ଜଣକ ଉତ୍କ୍ଷିପ୍ତ ହୋଇ ତାକୁ ଅଭଦ୍ର କହିଲେ ଓ ଗାଳି ବର୍ଷଣ କଲେ। ଯୁବକଟି ସଚେତନ ହେଲା ଓ ତାଙ୍କୁ କ୍ଷମା ମାଗି ଚାଲିଆସିଲା। ଏହା ଅବଶ୍ୟ ଯୁବକର ନିର୍ବୋଧତା ବା ନିରୀହତା ହୋଇପାରେ। ମାତ୍ର ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ମତରେ ଏ ପର୍ଯ୍ୟାୟରେ ନିରୀହତା ମଧ୍ୟ ଅଜ୍ଞାନତାର ଅଭିବ୍ୟକ୍ତି। ଏଣୁ ସତର୍କତା ଅବଲମ୍ବନ ନ କଲେ ପାଟିରୁ ଉଚ୍ଚାରିତ ଶବ୍ଦ ଅନ୍ୟକୁ ଆଘାତ ଦେବା ସଙ୍ଗେ ସଙ୍ଗେ ସମାଜରେ ବିଷମ ସମସ୍ୟା ସୃଷ୍ଟିକରେ ଓ ଶାନ୍ତିଭଙ୍ଗ କରେ। ଆମେ କହୁଥିବା ପ୍ରତ୍ୟେକ ଶବ୍ଦ ଆମର ଅନ୍ତଃକରଣରେ ଏକ ଅଲିଭା ଦାଗ ଛାଡ଼ିଯାଏ। ତାହା ଆମ ସ୍ୱଭାବ ଓ ଚରିତ୍ର ନିର୍ମାଣ କରିବାରେ ସାହାଯ୍ୟ କରେ। ଏଣୁ ଭାରତୀୟ ଋଷିଗଣ ଶବ୍ଦ ଉଚ୍ଚାରଣ ଉପରେ ଅତ୍ୟନ୍ତ ସାବଧାନ ରହିବାକୁ ପରାମର୍ଶ ଦେଇଛନ୍ତି। ଛାନ୍ଦୋଗ୍ୟ ଉପନିଷଦରେ ବାକ୍‌କୁ ବ୍ରହ୍ମ କୁହାଯାଇଛି। ଏଣୁ ବାକ୍‌ର ଯଥାର୍ଥ ପ୍ରୟୋଗ ହିଁ ବ୍ରହ୍ମୋପସାନା।

ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼
ମୋ:୯୪୩୭୩୨୯୨୬୩

# ନିଯୁକ୍ତିର ମରୀଚିକା



ସୁନୀଲ କୁମାର ମିଶ୍ର

ଉପଯୁକ୍ତ ଜୀବିକା ଓ କର୍ମନିଯୁକ୍ତି ପ୍ରତ୍ୟେକ ମନୁଷ୍ୟକୁ ବିକାଶ ଦିଗକୁ ଟାଣି ନେଇଥାଏ। ନିଯୁକ୍ତି ଦେଇଥାଏ ନୂଆ ଆଶାର ଆଲୋକ, ଯାହା ଫଳରେ ବ୍ୟକ୍ତିଟିଏ ନିଜ ପରିବାରର ଭରଣପୋଷଣ କରିବାରେ ସକ୍ଷମ ହୋଇଥାଏ। ସମାଜରେ ବଞ୍ଚିବା ପାଇଁ ହେଲେ ସମସ୍ତଙ୍କର ଆବଶ୍ୟକତା ଥାଏ କର୍ମନିଯୁକ୍ତି, ଯେଉଁଥିରୁ ମିଳୁଥିବା ପାରିଶ୍ରମିକରେ ସେ ନାନା ପ୍ରକାର ଦାୟିତ୍ୱ ବହନ କରିଥାଏ। ପ୍ରତ୍ୟେକ ପରିବାର, ଯାହାର ଗୋଟେ କିମ୍ବା ଦୁଇଟି ପୁଅ କିମ୍ବା ଝିଅ ଥାଏ, ତା'ଠାରୁ ତା'ର ମା'ବାପା ବୃଦ୍ଧ ବୟସରେ କର୍ମ ନିଯୁକ୍ତିର ଆଶା ରଖିଥାଆନ୍ତି। ଏମିତି ଅନେକ ପରିବାରର ପିଲା କର୍ମନିଯୁକ୍ତି ଆଶାରେ ଦିନ ମଜୁରିଆ ରୂପେ ବାହାରେ ଖଟି ପରିବାରର ଭାର ବହନ କରିଥାନ୍ତି। ଉପଯୁକ୍ତ ସରକାରୀ ନିଯୁକ୍ତି ପାଇ ନ ପାରି ଯୌବନ ଅବସ୍ଥାରେ ଭାରାକ୍ରାନ୍ତ ହୋଇ ପଡ଼ନ୍ତି। ନିଯୁକ୍ତିକୁ ଚାହିଁ ଚାହିଁ ଝିଅଟିଏର ବୟସ ଯଦି ୨୧ ବର୍ଷ ଛୁଇଁଯାଏ ଓ ଯଦି ସେ କୌଣସି ନିଯୁକ୍ତି ନ ପାଇଥାଏ, ତାକୁ ବିବାହ ବନ୍ଧନରେ ଛନ୍ଦି ଦବାରେ ମା'ବାପା ଲାଗିପଡ଼ନ୍ତି। ଓଡ଼ିଶାରେ ନିଯୁକ୍ତି ଉପଯୁକ୍ତ ଭାବରେ ନ ବାହାରୁ ଥିବାରୁ ବେରୋଜଗାରି ଓ ବେକାରି ସମସ୍ୟା ବଢ଼ି ଚାଲିଛି। ରାଜ୍ୟରେ ମୋଟ ୧୧ ଲକ୍ଷ ୯୭ ହଜାର ୪୯୭ ଜଣ ବେରୋଜଗାରୀ ଯୁବତୀ ଯୁବକ ନାମ ପଞ୍ଜୀକରଣ କରିଛନ୍ତି। ଏହି ସଂଖ୍ୟା ଗତ ୫ ବର୍ଷରେ ୩ ଲକ୍ଷ ୧୩ ହଜାର ୮୫୮କୁ ବଢ଼ିଛି। ଏହି ତଥ୍ୟ ବିଧାନସଭାରେ ସରକାର ଉପସ୍ଥାପନ କରିଛନ୍ତି।

ନିଯୁକ୍ତି କ୍ଷେତ୍ରରେ ଅଧିକ ପଦବୀ ଖାଲି ପଡ଼ିଥିବା ସତ୍ତ୍ୱେ କମ୍ ସଂଖ୍ୟକ ପଦବୀ ବାହାର କରି ସରକାରଗୁଡ଼ିକ ଯୁବତୀ ଯୁବକମାନଙ୍କୁ ହତୋତ୍ସାହିତ କରି ଦେଉଛନ୍ତି। କମ୍ ସଂଖ୍ୟକ ପଦବୀକୁ ମାତ୍ରାଧିକ ଯୁବତୀ ଯୁବକଙ୍କ ସଂଖ୍ୟା ଯୋଗୁ ଚାକିରି ପ୍ରାପ୍ତ କରିବା ଏବେ କଷ୍ଟକର ବିଷୟ ପାଲଟିଛି। ବିଭିନ୍ନ ବିଭାଗରେ ଦୁଇ ଲକ୍ଷରୁ ଅଧିକ ପଦବୀ ଖାଲିପଡ଼ିଛି। ନିଯୁକ୍ତିକୁ ସରକାର ଗୁରୁତ୍ୱ ଦେଉନାହାନ୍ତି। ବିଧାନସଭାରେ ସରକାର ଦର୍ଶାଇଥିଲେ ଯେ, ନାନା ସଂଖ୍ୟକ ପଦବୀ ଖାଲିପଡ଼ିଛି; କିନ୍ତୁ ତାହା ପୂରଣ କରିବା ଉଦ୍ୟମର ଅଭାବ ଦେଖାଦେଇଛି। ରାଜ୍ୟର ପ୍ରଶାସନିକ ସେବା କ୍ଷେତ୍ରରେ ଖାଲିପଡ଼ିଛି ବହୁ ପଦବୀ ଯଥା: ୬୭ ଆଇଏଏସ୍, ୬୯ ଆଇପିଏସ୍, ୨୫୩ ଓଏଏସ୍, ୨୭୪ ଓଡ଼ିଶା ଅର୍ଥ ସେବା, ୬୧୧ ଓଡ଼ିଶା ବନ ସେବା, ୨୬୩ ଓଡ଼ିଶା ରାଜସ୍ୱ ସେବା।

ଯୁବକ ଓ ଯୁବତୀମାନଙ୍କ ମନରେ ନିଯୁକ୍ତି ପାଇବାର ଆଶା କିଛିକ୍ଷଣ ପାଇ ଉଇଁ ଉଠୁଛି, ଉପଯୁକ୍ତ ପଦବୀ ପୂରଣ ନ ହେଉଥିବାରୁ ତାହା ମଉଳି ଯାଉଛି। ଓଡ଼ିଶା ପୋଲିସ ସର୍ଭିସର ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ୨୦୧୬ରେ ୧୪ ପଦବୀ, ୨୦୧୭ରେ ୯, ୨୦୧୮ରେ ୧୫, ୨୦୧୯ରେ ୭, ୨୦୨୦ ଓ ୨୦୨୧ ମସିହାରେ ଏହାର ସଂଖ୍ୟା ୬ ଥିଲା। ୨୦୨୩ରେ ମଧ୍ୟ ସେହି



ସଂଖ୍ୟା ୬ ଥିଲା। କ୍ରମେ ଏହାର ପଦବୀ ୨୦୨୨ ମସିହାରେ ଶୂନ୍ୟ(୦) ଥିଲା ଏବଂ ୨୦୨୪ରେ ବି ଶୂନ୍ୟ(୦) ଅଛି। ଏତେ କମ୍ ଓଡ଼ିଶା ପୋଲିସ ସେବା ପଦବୀର ବିଜ୍ଞପ୍ତି ହବାର କାରଣ କ'ଣ । ଓଡ଼ିଶାରେ ସରକାରୀ ଚାକିରି ପରୀକ୍ଷା ନିମନ୍ତେ ବର୍ଷ ବର୍ଷ ଧରି ନିଜକୁ ପ୍ରସ୍ତୁତ କରୁଥିବା ଯୁବକ ଓ ଯୁବତୀମାନେ ପଦବୀ ସଂଖ୍ୟା କମ୍ ହୋଇଥିବା ଯୋଗୁ ହତାଶ ହୋଇଯାଉଛନ୍ତି। ଓଡ଼ିଶାରେ ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ଜିଲା ପାଠାଗାର, ଉପଖଣ୍ଡ ପାଠାଗାର ଓ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର ଓ ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ଗ୍ରନ୍ଥାଗାର ପଦବୀ ମଧ୍ୟ ବହୁତ ବର୍ଷ ହେଲା ଖାଲିପଡ଼ିଛି ତାହା ମଧ୍ୟ ପୂରଣ କରିବାର ନା ଧରୁନାହାନ୍ତି। ସରକାର ମାଗଣା ବାଣ୍ଟିବା ବଦଳରେ କର୍ମ ନିଯୁକ୍ତି ଦିଅନ୍ତେ ସେଟା ସବୁଠାରୁ ଭଲହୁଅନ୍ତା। ନିଯୁକ୍ତି ଆଶାରେ ଯୁବତୀ ଯୁବକମାନେ ବି ଏ, ବି.ଏସ୍.ସି, ଏମ୍ଏ, ଗ୍ରନ୍ଥାଗାର ସୂଚନା ବିଜ୍ଞାନରେ ସ୍ନାତକୋତ୍ତର ହୋଇ ମଧ୍ୟ ଅଧିକ ପଦବୀ ନ ବାହାରୁ ଥିବାରୁ କିମ୍ବା ପଦବୀ ଖାଲି ପଡୁଥିବାରୁ ସେମାନେ ନିଯୁକ୍ତି ପାଇ ପାରୁନାହାନ୍ତି । ସରକାର କିଛି ପଦକ୍ଷେପ ନେବେ ବୋଲି ଆଶା କିନ୍ତୁ ଏପର୍ଯ୍ୟନ୍ତ ସେମିତି କିଛି ପଦକ୍ଷେପ ନେଇନାହାନ୍ତି। ତେଣୁ ପଦବୀ ପୂରଣ ହବ କି ନାହିଁ ଆଉ ଭରସା କରିପାରିନାହାନ୍ତି।

ନିଯୁକ୍ତିର ଅଭାବ ଅର୍ଥନୀତିର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଶିକ୍ଷା ଓ ଦକ୍ଷତାର ଅପଚୟ ଘଟୁଛି। ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ଠିକ୍ ସମୟରେ ନିଯୁକ୍ତି ନ ପାଇ ଯୁବକ ଓ ଯୁବତୀମାନଙ୍କର ବୟସ ସୀମା ବଢ଼ିବା ସହିତ ସେମାନେ କେତେକ ପଦବୀରେ ଆବେଦନ କରିବାକୁ ସକ୍ଷମ ହୋଇ ପାରୁନାହାନ୍ତି। ଅନ୍ୟ ରାଜ୍ୟମାନଙ୍କ ପରି ଓଡ଼ିଶାରେ ସରକାରୀ ଚାକିରି ଆବେଦନ କରିବାର ବୟସ ସୀମା ୪୩ ବର୍ଷକୁ ବୃଦ୍ଧି କରିବାରେ ଅସମର୍ଥ। ଯଦି ଭିତ୍ତିଭୂମି ସୁଦୃଢ଼ ନ ରହିଲେ ସୁନ୍ଦର ଘରଟିଏ କେମିତି ଗଢ଼ିଉଠିବ? ଯଦି ସରକାର ଅସଂଖ୍ୟ ଯୁବତୀ ଯୁବକମାନଙ୍କ ଡାକରା ନ ଶୁଣିବେ, ତେବେ କିଏ ଶୁଣିବ? ଏ ଡାକରା କେବେ ସରକାରଙ୍କ କର୍ଣ୍ଣପାତ ହବ ଓ ଉପଯୁକ୍ତ ନିଯୁକ୍ତି ବାହାରିବା ସହିତ ମାତ୍ରାଧିକ ଖାଲିଥିବା ପଦବୀଗୁଡ଼ିକ ମଧ୍ୟ ପୂରଣ ହେବ। ''ଧୁଆ ମୂଳା ଅଧୁଆ ମୂଳା ସମାନ'' ଅର୍ଥାତ୍ ଯେଉଁଠି ଭଲ ମନ୍ଦ ଉତ୍କୃଷ୍ଟ ନିକୃଷ୍ଟ ବିଚାର ହୁଏ ନାହିଁ । ଓଡ଼ିଶାରେ ବାରମ୍ବାର ଏହିପରି ପରିସ୍ଥିତି ଉପୁଜି ଚାଲିଛି। ଆମ ରାଜ୍ୟ ସରକାର ବହୁତ କମ ପରିମାଣର ନିଯୁକ୍ତି ସୃଷ୍ଟି କରିବା ଓ ଆମ ରାଜ୍ୟର ରାଷ୍ଟ୍ରାୟତ୍ତ କମ୍ପାନୀମାନଙ୍କରେ ୨୦,୦୦୦ରୁ ଊର୍ଦ୍ଧ୍ୱ ପଦବୀ ଖାଲିପଡ଼ିଛି, କିନ୍ତୁ ବିଗତ ରାଜ୍ୟ ସରକାର ତାକୁ ପୂରଣ କରିବାକୁ ଇଚ୍ଛା ପ୍ରକାଶ କରିନଥିଲେ ଆଉ ଉପସ୍ଥିତ ସରକାର କ'ଣ କରୁଛନ୍ତି ସେଟା ଦେଖିବା ବାକି ରହିଲା।

ମୋ: ୯୭୭୬୮୪୨୬୭୨

## ଏଇ ଭାରତରେ

ଜନସଂଖ୍ୟା ନିୟନ୍ତ୍ରଣ କରିବା ଲାଗି ଏକ ନିଆରା ପଦ୍ଧତି ଆପଣାଇଛନ୍ତି ଉତ୍ତରପ୍ରଦେଶ ମିରଟର ଏକ ଦମ୍ପତି ଦିନେଶ ତଲୱାର ଓ ଦିଶା ତଲୱାର। ସେମାନେ ଲୋକଙ୍କୁ ସଚେତନ କରିବା ପାଇଁ ରାସ୍ତାରେ ଓଲଟା ଚାଲୁଛନ୍ତି। ସେମାନେ ହାତରେ ଜନସଂଖ୍ୟା ନିୟନ୍ତ୍ରଣର ପ୍ଲାକାର୍ଡ ଧରି ଚାଲୁଛନ୍ତି। ସବୁଠୁ ଆଶ୍ଚର୍ଯ୍ୟ କଥା ହେଉଛି ଏହି ଦମ୍ପତି ରାସ୍ତାରେ ଓଲଟା ଚାଲୁଛନ୍ତି, ଅର୍ଥାତ ପଛକୁ ପାଦ ପକାଇ ଚାଲୁଛନ୍ତି। ଏହି କାମ ସେମାନେ ଦୀର୍ଘ ୩୨ ବର୍ଷ ହେଲା କରିଆସୁଛନ୍ତି। ଏଭଳି ଅଭିନବ ପଦଯାତ୍ରା ସମୟରେ ସେମାନେ ଦୁଇଟି ସନ୍ତାନ ଯଥେଷ୍ଟ ବୋଲି ବାର୍ତ୍ତା ଦେଉଛନ୍ତି। ଦିନେଶ ଓ ଦିଶା ଏଯାବତ ଭାରତରେ ୪୦୦ରୁ ଊର୍ଦ୍ଧ୍ୱ ସହର ବୁଲି ସାରିଲେଣି। ଏହି ଦମ୍ପତି କହନ୍ତି ଯେ, ଏବେ ପରିବେଶ ସନ୍ତୁଳନ ଠିକ୍ ରଖିବା ପାଇଁ ଜନସଂଖ୍ୟା ନିୟନ୍ତ୍ରଣର ଆବଶ୍ୟକତା ଦେଖାଦେଇଛି। ଏଥିପାଇଁ ସେମାନେ ଲୋକଙ୍କୁ ସଚେତନ କରୁଛନ୍ତି ଓ ସରକାର ଏ ନେଇ ଆଇନ ଆଣିବା ଆବଶ୍ୟକ ବୋଲି ମତ ଦିଅନ୍ତି। ସେମାନେ ଏହି ଅଭିଯାନ ଚଳାଇଥିବାବେଳେ ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଛନ୍ତି। ହେଲେ ସେମାନଙ୍କ ଲକ୍ଷ୍ୟରୁ କେବେ ବି ବିଚ୍ୟୁତ ହୋଇନାହାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ଏପ୍ରିଲ ୧୯୭୬

- ରାସ୍ତାରେ ଯାନବାହନ ଚଳାଚଳ ନିୟନ୍ତ୍ରଣ ସମ୍ପର୍କୀୟ ବିଶେଷଜ୍ଞମାନେ ସାରା ଦେଶ ପାଇଁ ଏକ ପ୍ରକାରର କେତେକ ରାସ୍ତା ସଙ୍କେତ ଉଦ୍ଭାବନ କରିଛନ୍ତି।
- ନାଇଜେରିଆରେ ସାମରିକ ବିଦ୍ରୋହ ଉଦ୍ୟମରେ ଅଭିଯୁକ୍ତ ହୋଇଥିବା ୭ ଜଣଙ୍କୁ ଫାଶୀ ଦିଆଯାଇଛି।
- ୫୪ ବର୍ଷୀୟା ଭାଲେରି ଆନ୍‌ଫ୍ରେ ଫ୍ରାନ୍ସ ସୈନ୍ୟ ବାହିନୀର ଇତିହାସରେ ପ୍ରଥମ ଥର ପାଇଁ ଜେନେରାଲ ପାହ୍ୟାକୁ ଉନ୍ନୀତ।

## ପାଠକ ଶ୍ରେଷ୍ଠ ବିଚାରକ

### ପରିବେଶ ଅନୁକୂଳ ସାମଗ୍ରୀର ବ୍ୟବହାର

ମହାଶୟ,

ସ୍କୁଲଗୁଡିକରେ ବିଦ୍ୟାର୍ଥୀମାନେ ବିଭିନ୍ନ କିସମର ମଡେଲ ପ୍ରସ୍ତୁତ କରିଥାନ୍ତି ଯାହାକି ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥାଏ । ପ୍ରକଳ୍ପଭିତ୍ତିକ ଶିକ୍ଷା ହେଉଛି ଏକ ଉପକରଣାତ୍ମକ ପଦ୍ଧତି, ଯାହା ଛାତ୍ରୀଛାତ୍ରମାନଙ୍କୁ ପ୍ରକଳ୍ପରେ ନିୟୋଜିତ କରି ଦକ୍ଷତା ଏବଂ ଜ୍ଞାନ ବିକାଶ କରିବାରେ ସହାୟକ ହୋଇଥାଏ । ସାଧାରଣତଃ ବିଦ୍ୟାର୍ଥୀମାନେ ମଡେଲଗୁଡିକୁ ପ୍ରସ୍ତୁତ କଲାବେଳେ ପରିବେଶ ପ୍ରତିକୂଳ ସାମଗ୍ରୀ ଯଥା ସୋଲ, ପ୍ଲାଷ୍ଟିକ ଇତ୍ୟାଦି ବ୍ୟବହାର କରିଥାନ୍ତି । ଏହି ପରିପ୍ରେକ୍ଷୀରେ ଶିକ୍ଷକମାନେ ବିଦ୍ୟାର୍ଥୀଙ୍କୁ ସେମାନଙ୍କର ମଡେଲଗୁଡ଼ିକୁ ପ୍ରସ୍ତୁତ କରିବା ପାଇଁ ଯଥାସମ୍ଭବ ପରିବେଶ ଅନୁକୂଳ ସାମଗ୍ରୀ ବ୍ୟବହାର କରିବାକୁ ପରାମର୍ଶ ଦେବା ଆବଶ୍ୟକ। ଶିକ୍ଷାନୁଷ୍ଠାନଗୁଡିକରେ ପରିବେଶ ପ୍ରତିକୂଳ ସାମଗ୍ରୀ ଦ୍ୱାରା ହେଉଥିବା ପ୍ରଦୂଷଣ ବିଷୟରେ ପିଲାଙ୍କୁ ଧାରଣା ଦେବା ଦରକାର । ଯେଉଁଠାରେ ନ ହେଲେ ନ ଚଳେ ସେଠାରେ ଅବଶ୍ୟ ପ୍ଲାଷ୍ଟିକ ବ୍ୟବହାର କରାଯାଇପାରିବ । ଫଳସ୍ୱରୂପ ବିଦ୍ୟାର୍ଥୀମାନେ ପିଲାଦିନରୁ ହିଁ ପରିବେଶ ପ୍ରତି ସଚେତନ ହୋଇପାରିବେ ।

-ନବନୀତ ପାଣିଗ୍ରାହୀ, ରାୟଗଡ଼ା

## ଚିରନ୍ତନୀ

ଯୁଗ ଯୁଗ ଧରି କବି ଗଦା ଗଦା
ଲେଖିଲେ କବିତା ପୀରତି ଘେନି
କାବ୍ୟର ରୂପ ବିଷୟ ବିଚାର
କେବଳ ରମଣୀ ପୁରୁଷ ବେନି।
-(ପ୍ରେମର ଅର୍ଥ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନାରୀ ବିରୋଧୀ କାର୍ଯ୍ୟ ବନ୍ଦ ନ ହେବା ଯାଏ ସଂଘର୍ଷ ଜାରି ରହିବ: ଲଲ୍ଲୁ




ଛାତ୍ରନେତା ଓ କର୍ମୀଙ୍କୁ ଝାରପଡ଼ା ଜେଲ ପରିସରରେ ମଙ୍ଗଳବାର କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓ ଅନ୍ୟମାନେ ଭେଟି ଫେରୁଛନ୍ତି।

**ଭୁବନେଶ୍ୱର,୨୨।୪(ରବିନାରାୟଣ ଜେନା)**

ରାଜ୍ୟରୁ ନାରୀ ବିରୋଧୀ ସରକାରର ମୂଳୋତ୍ପାଟନ ନ ହେବା ଯାଏ କଂଗ୍ରେସର ସଂଘର୍ଷ ଜାରି ରହିବ ବୋଲି କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି। ମଙ୍ଗଳବାର ଛାତ୍ରନେତା ଓ କର୍ମୀଙ୍କୁ ଝାରପଡ଼ା ଜେଲରେ ଭେଟିବା ଅବସରରେ ଲଲ୍ଲୁ ଖବରଦାତାଙ୍କୁ କହିଛନ୍ତି ଯେ, ରାଜ୍ୟରେ ୬୪ହଜାର ମହିଳା ଓ ଶିଶୁ ନିଖୋଜ ଅଛନ୍ତି। ସେମାନଙ୍କୁ ଖୋଜିବା ପରିବର୍ତ୍ତେ ରାଜ୍ୟ ସରକାର ସେମାନଙ୍କ ପାଇଁ ଯିଏ ସ୍ୱର ଉଠାଉଛନ୍ତି ତାଙ୍କୁ ଦମନ କରିବାରେ ଲାଗିଛନ୍ତି। ସେ କହିଛନ୍ତି, ମାର୍ଚ୍ଚ ୨୭ରେ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ବେଳେ ପୋଲିସ ଅଗଣତାନ୍ତ୍ରିକ ଭାବେ କଂଗ୍ରେସ କର୍ମୀ ଓ ଛାତ୍ର ନେତା ମିର୍ଜା ଇସ୍‌ଲାମ ବେଗ୍, ଚନ୍ଦନ ସାହୁ, ଆସିଫ୍ ଖାନ୍, ବିଜୟ ସାହୁ ଓ ପ୍ରତୀକ ଦାସଙ୍କୁ ଗିରଫ କରିଛି। ଛାତ୍ରାବାସରେ ରହୁଥିବା ଷଷ୍ଠ, ସପ୍ତମ ଶ୍ରେଣୀରେ ପଢୁଥିବା ଛାତ୍ରୀ ଗର୍ଭବତୀ ହେବା ସହିତ ବହୁ ମହିଳା ନିର୍ଯାତିତ ଓ ବଳାତ୍କାରର ଶିକାର ହେବା ଘଟଣା ସବୁଦିନ ଘଟୁଛି। ମହିଳା ଓ ଶିଶୁମାନଙ୍କ ଉପରେ ହେଉଥିବା ନିର୍ଯାତନା ବିରୋଧରେ ଓ ସେମାନଙ୍କ ସୁରକ୍ଷା ପାଇଁ କଂଗ୍ରେସ ବିଧାନସଭା ଘେରାଉ କରିଥିଲା। ଏହି କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହିତ ଚାଲିଥିବା ବେଳେ ଅମାନୁଷିକ ଭାବେ ଆମକୁ ପୋଲିସ ଲାଠି ପ୍ରହାର, ପାଣିମାଡ଼ ଓ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା, ଯାହାଦ୍ୱାରା କି ଆମର ଅନେକ ନେତୃବୃନ୍ଦ ଓ କର୍ମୀ ଗୁରୁତର ଆହତ ହୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି ବୋଲି ଲଲ୍ଲୁ କହିଛନ୍ତି। ଏହାକୁ ଆମେ ଦୃଢ଼ ନିନ୍ଦା କରୁଛୁ। ଆମେ ଏବଂ ଆମର କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଡରିଯିବା ଲୋକ ନୁହନ୍ତି। ମହିଳାଙ୍କୁ ନ୍ୟାୟ ଓ ସୁରକ୍ଷା ଦାବିରେ ଏବଂ ସରକାରଙ୍କ ଅନ୍ୟାୟ, ଅତ୍ୟାଚାର ଓ ଦୁର୍ନୀତି ବିରୋଧରେ ଆମ ଆନ୍ଦୋଳନ ଜାରି ରହିବ ବୋଲି ଲଲ୍ଲୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ ପ୍ରମୁଖ ସାମିଲ ଥିଲେ।

# ବିଜେଡିକୁ ୪ରୁ ୫ ନେତା କବ୍‌ଜା କରିଛନ୍ତି: ଅମରେଶ

**ଭୁବନେଶ୍ୱର, ୨୨।୪(ସୁନିତ୍ ମିଶ୍ର)**

ବିଜେଡିରେ ଏବେ ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟାକୁ ନେଇ ବିବାଦ ଆରମ୍ଭ ହୋଇଯାଇଛି। ଦଳର ୫ ଜଣ ନେତା ଦାୟିତ୍ୱ ପାଇବାକୁ ନେଇ କର୍ପୋରେଟର ଅମରେଶ ଜେନା ସିଧାସଳଖ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ଅମରେଶ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ୪ରୁ ୫ ଜଣ ନେତା ଏବେ ଦଳକୁ କବ୍‌ଜାକରି ନେଇଛନ୍ତି। ଉତ୍ତର, ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶା ନେତାମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ପ୍ରସନ୍ନ ଆଚାର୍ଯ୍ୟ, ରୋହିତ ପୂଜାରୀ, ଏ.ୟୁ. ସିଂଦେଓ, ବିକ୍ରମ ଆରୁଖ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସୁଦାମ ମାରାଣ୍ଡିଙ୍କ ଭଳି ଅନେକ ନେତାଙ୍କୁ ଏମାନେ ଡାକୁନାହାନ୍ତି କି ପଚାରୁନାହାନ୍ତି। ୨୪ ବର୍ଷ ହେଲା ଦଳ ପାଇଁ ଏଭଳି ବହୁ ନେତା ଅନେକ କାର୍ଯ୍ୟ କରିଛନ୍ତି। ଯେଉଁ ୪ରୁ ୫ ଜଣ ନେତା ଦଳକୁ କବ୍‌ଜା କରିଛନ୍ତି ସେମାନେ ହାରିଛନ୍ତି। ହାରିଥିବା ନେତାମାନେ ନିଜ ଅଞ୍ଚଳରେ ଅଧିକ ବୁଲିବା କଥା। ଏମାନେ ମୂଷା ହୋଇ ଦଳର ଚେର କାଟୁଛନ୍ତି। ଯେଉଁ ନେତାମାନେ ଦାୟିତ୍ୱ ସମ୍ଭାଳିବାକୁ ଆସିଛନ୍ତି ସେମାନେ ନିଜ ଅଞ୍ଚଳରେ ୧୦ରୁ ୨୫ ହଜାର ପର୍ଯ୍ୟନ୍ତ ଭୋଟ ବ୍ୟବଧାନରେ ହାରିଛନ୍ତି। ନିଜ ଅଞ୍ଚଳ ଛାଡ଼ି କେବଳ ଭୁବନେଶ୍ୱରରେ ବସି ମାମଲତି କଲେ ବୋଲି ବହୁ ନେତା ହାରିଲେ। ଏମାନେ ବିଜେଡିକୁ ବଙ୍ଗୋପସାଗରରେ ବୁଡ଼ାଇବା ଲାଗି ଯୋଜନା କରୁଛନ୍ତି। ବିଜେଡି ଏବେ ଚାରିଫାଳ ହୋଇଗଲାଣି। ସେମାନଙ୍କୁ ଲୋକଲୋଚନକୁ ଆଣିବୁ, ପ୍ରତ୍ୟେକ ଛକରେ ସେମାନଙ୍କୁ ପ୍ରଶ୍ନ ପଚରାଯିବ ବୋଲି ଅମରେଶ କହିଛନ୍ତି। ଅନ୍ୟପଟେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଜେଡିରେ କୌଣସି କନ୍ଦଳ ନାହିଁ। ବିଜେଡି ଓଡ଼ିଶା ସ୍ୱାର୍ଥର ଜାଗ୍ରତ ପ୍ରହରୀ। ଦଳ ଚଳଚଞ୍ଚଳ ଅଛି। ଲୋକଙ୍କ ସ୍ୱାର୍ଥ ଲାଗି ଦଳ ସ୍ୱର ଉଠାଇଥିଲା ଏବଂ ଉଠାଇବ ବୋଲି ପ୍ରସନ୍ନ କହିଛନ୍ତି।

**ଦଳରେ କନ୍ଦଳ ନାହିଁ: ପ୍ରସନ୍ନ**

# ସଦାଶିବଙ୍କ ଜୟନ୍ତୀରେ ଅବିଭକ୍ତ କୋରାପୁଟ ଜିଲା ଲୋକ ପ୍ରତିନିଧିଙ୍କୁ ଉପେକ୍ଷା: ମୁନା ଖାଁ

**ନବରଙ୍ଗପୁର,୨୨।୪ (ସଦାଶିବ ପ୍ରହରାଜ)**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ଅବିଭକ୍ତ କୋରାପୁଟ ଜିଲାର ଲୋକ ପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଇଛି ବୋଲି ରାଜ୍ୟ ସଭା ସଦସ୍ୟ ମୁନା ଖାଁ ଅଭିଯୋଗ କରିଛନ୍ତି। ମଙ୍ଗଳବାର ନବରଙ୍ଗପୁରସ୍ଥିତ ସର୍କିଟ ହାଉସ୍‌ରେ ଖବରଦାତା ସମ୍ମିଳନୀ କରି ସେ କହିଛନ୍ତି, ସୋମବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ୧୧୫ତମ ଜୟନ୍ତୀ ପାଳନ ହୋଇଥିଲା। ଏଥିରେ ଅନ୍ୟ ଜିଲାରୁ ଭାଜପାର କର୍ମକର୍ତ୍ତା ଅତିଥିଭାବେ ଯୋଗଦେଇଥିଲେ। ହେଲେ ଡ. ତ୍ରିପାଠୀଙ୍କ ଜନ୍ମସ୍ଥାନ ନବରଙ୍ଗପୁର ଓ ଅବିଭକ୍ତ କୋରାପୁଟ ଜିଲାର କୌଣସି ଲୋକ ପ୍ରତିନିଧି ଉପସ୍ଥିତ ନ ଥିଲେ। ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଦଳର ୧୪ ବିଧାୟକ, ୨ ଜଣ ଲୋକ ସଭା ସଦସ୍ୟ ଓ ଜଣେ ରାଜ୍ୟ ସଭା ସଦସ୍ୟ ରହିଛନ୍ତି। କାହାରିକୁ ନିମନ୍ତ୍ରଣ ନ କରି ଲୋକ ପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଇଥିବା ମୁନା ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନବରଙ୍ଗପୁର ଜିଲାର ତଥା ଶାବରୀ ସଂସ୍କୃତି ପରିଷଦର ଅଧ୍ୟକ୍ଷ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିଲେ। ଏଥି ପୂର୍ବରୁ ଲୋକ ପ୍ରତିନିଧିମାନଙ୍କୁ ଏଭଳି କେବେ ଅବହେଳା କରାଯାଇ ନ ଥିବା କହି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏଭଳି ତ୍ରୁଟି କାହିଁକି ହେଲା ସେ ନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ରାଜ୍ୟ ସରକାର ଜବାବ ରଖନ୍ତୁ ବୋଲି ମୁନା ଖାଁ ଦାବି କରିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ଉପ ସଭାପତି ବଦ୍ରିନାରାୟଣ ସିଂ ଓ ନଗର ସଭାପତି ପ୍ରମୋଦ ରଥ ଉପସ୍ଥିତ ଥିଲେ।



ନବରଙ୍ଗପୁରସ୍ଥିତ ସର୍କିଟ୍ ହାଉସଠାରେ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ (ମଝି)ଙ୍କ ସମେତ ଅନ୍ୟ ବିଜେଡି ନେତା।

# ତଥ୍ୟ ଅନୁଧ୍ୟାନ କମିଟି ଗଠନ କଲା କଂଗ୍ରେସ

**ତଳସରା ନାବାଳିକା ବଳାତ୍କାର ମାମଲା**

**ଭୁବନେଶ୍ୱର,୨୨।୪ (ରବିନାରାୟଣ ଜେନା)**

ସୁନ୍ଦରଗଡ଼ ଅନ୍ତର୍ଗତ ତଳସରାଠାରେ ହୋଇଥିବା ନାବାଳିକା ବଳାତ୍କାର ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଏକ ତଥ୍ୟାନୁସନ୍ଧାନ କମିଟି ଗଠନ କରାଯାଇଛି। ମଙ୍ଗଳବାର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନକ୍ରମେ କମିଟିରେ କଂଗ୍ରେସ ବିଧାୟକ ସି.ଏସ୍. ରାଜନ ଏକ୍କା ଅଧ୍ୟକ୍ଷ ରହିଥିବା ବେଳେ ଅମିତା ବିଶ୍ୱାଳ, ଅନିମା ମିଞ୍ଜ ଓ ନିର୍ମଳ ନାୟକ ସଭ୍ୟ ରହିଛନ୍ତି ବୋଲି ପିସିସି ପକ୍ଷରୁ କୁହାଯାଇଛି।

# ଅକ୍ଷୟ ତୃତୀୟାରେ ରାଜ୍ୟବ୍ୟାପୀ ଚାଷୀ ସମାବେଶ କରିବ ଭାଜପା

**ଭୁବନେଶ୍ୱର, ୨୨।୪(ସୁନିତ୍ ମିଶ୍ର)**

ଅକ୍ଷୟ ତୃତୀୟା ହେଉଛି ଏକ କୃଷିଭିତ୍ତିକ ପର୍ବ। ଓଡ଼ିଶାରେ ଏହିଦିନ ଚାଷୀ ନିଜ ଜମିରେ ମୁଠି ଅନୁକୂଳ କରିଥାଆନ୍ତି। ଆସନ୍ତା ୩୦ ତାରିଖ ଅକ୍ଷୟ ତୃତୀୟାରେ ଭାଜପା କୃଷକ ମୋର୍ଚ୍ଚା ସବୁ ବିଧାନସଭା କ୍ଷେତ୍ରରେ ଅଖିମୁଠି ଅନୁକୂଳ କରିବ। ସେହିପରି ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ଚାଷୀ ସମାବେଶ କରାଯିବ ବୋଲି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମଙ୍ଗଳବାର ସୂଚନା ଦେଇଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ମହେଶ୍ୱର କହିଛନ୍ତି, କୃଷି ଓ କୃଷକର ଉନ୍ନତି ପାଇଁ ଭାଜପା ସରକାର ବଦ୍ଧପରିକର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀମାନଙ୍କର ଆୟକୁ ଦୁଇଗୁଣା କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଧାନର ସହାୟକ ମୂଲ୍ୟ ୩,୧୦୦ ଟଙ୍କାକୁ ବୃଦ୍ଧି କରିବା ସହ ସବୁ ବ୍ଲକ୍‌ରେ ଶୀତଳଭଣ୍ଡାର ଖୋଲିବା ପାଇଁ ଯୋଜନା କରିଛନ୍ତି। ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ଅନେକ କୃଷି କଲ୍ୟାଣୀକାରୀ ଯୋଜନା କରିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏସବୁ ଯୋଜନା ଉପରେ ଚାଷୀମାନଙ୍କୁ ଭାଜପା କୃଷକ ମୋର୍ଚ୍ଚା ତରଫରୁ ଅବଗତ କରାଯିବ। ରାଜ୍ୟବ୍ୟାପୀ ହେବାକୁ ଥିବା କାର୍ଯ୍ୟକ୍ରମରେ ସମସ୍ତ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଦଳର ବରିଷ୍ଠ ନେତୃବୃନ୍ଦ ଯୋଗଦାନ କରିବା ପାଇଁ ନିମନ୍ତ୍ରଣ କରାଯିବ ବୋଲି ସେ କହିଛନ୍ତି।

# ନୂଆପଡ଼ା, ସୁନ୍ଦରଗଡ଼ ଓ ପୁରୀ ଜିଲା କଂଗ୍ରେସ ସଂଯୋଜକ ନିଯୁକ୍ତ

**ଭୁବନେଶ୍ୱର,୨୨।୪(ରବିନାରାୟଣ ଜେନା)**

ନୂଆପଡ଼ା, ସୁନ୍ଦରଗଡ଼ ଓ ପୁରୀ ଜିଲାରେ କଂଗ୍ରେସ ସଙ୍ଗଠନକୁ ମଜଭୁତ କରିବା ଓ ଦଳୀୟ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ ଲାଗି ନୂତନ ସଂଯୋଜକ ନିଯୁକ୍ତ କରାଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନକ୍ରମେ ନୂଆପଡ଼ା ଜିଲା ନିମନ୍ତେ ବରିଷ୍ଠ କଂଗ୍ରେସ ନେତା ଘାସିରାମ ମାଝୀ ଜିଲା ସଂଯୋଜକ ଭାବେ ନିଯୁକ୍ତି ପାଇଥିବା ବେଳେ ସୁନ୍ଦରଗଡ଼ ପାଇଁ ନିର୍ମଳ ନାୟକ ଓ ପୁରୀ ପାଇଁ ଇଂ. ରାଜେଶ କୁମାର ମିଶ୍ର ନିଯୁକ୍ତ ହୋଇଛନ୍ତି ବୋଲି ପିସିସି କାର୍ଯ୍ୟାଳୟ ସୂତ୍ରରୁ କୁହାଯାଇଛି।


**ପୂର୍ବ ତଟ ରେଳପଥ**

Tender No.: MCSW-ISO-GREENCO-25-26-01, ତାରିଖ : 15.04.2025

କାର୍ଯ୍ୟର ନାମ : ମଞ୍ଚେଶ୍ୱରରେ ରେଳ ଡବା ମରାମତି କାରଖାନା ପାଇଁ ଗ୍ରୀନକୋ ରେଟିଂରେ ପୁନଃ ସାର୍ଟିଫିକେଶନ।

ବିଜ୍ଞାପିତ ମୂଲ୍ୟ : ଟ. 7,08,752.98, EMD: ଟ. 14,200/-

କାର୍ଯ୍ୟସମାପ୍ତିର ଅବଧି: 36 ମାସ

ବିଡ୍ଡିଂ ଆରମ୍ଭ ତାରିଖ: 25.04.2025

ଟେଣ୍ଡର ବନ୍ଦ ତାରିଖ ଏବଂ ସମୟ : ତା. 09.05.2025 ରିଖ 1500 ଘଟିକାରେ

ଟେଣ୍ଡର କାଗଜାତର ସମସ୍ତ ବିବରଣୀ ୱେବ୍‌ସାଇଟ୍ : www.ireps.gov.in. ରେ ଉପଲବ୍ଧ।

ଉପମୁଖ୍ୟ ଯାନ୍ତ୍ରିକ ଯନ୍ତ୍ରୀ (POH) ମଞ୍ଚେଶ୍ୱର

PR-52/Q/25-26



**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, HAZARIBAG**

**Short e-Procurement Re-Tender Notice**

Tender Reference No. :- DMFT/MID/HAZARIBAG/F2-01/2025-26

Letter no - 379 Date :- 22.04.2025

| Group No | Scheme Name | Estimated Cost (In Rs.) | Time of Completion |
|---|---|---|---|
| 1. | Construction work of boundary wall, gate, toilet etc. of Kasturba Gandhi Balika Vidyalaya, Chouparan, Block- Chouparan, Dist.- Hazaribag. | 1,54,93,500.00 | 11 Months |
| 2. | Miscellaneous construction work for the upgradation of Shepherd Primary School, Gauriyakarma, Block- Barhi Dist.- Hazaribag. | 43,41,300.00 | 11 Months |

| | | |
|---|---|---|
| 1. | Date of Publication of e-Tender on website | 28.04.2025 at 3:00 P.M (e-Procurement Portal- http://jharkhandtenders.gov.in) |
| 2. | Last date/Time for Submission of e-Tender bids Online | 06.05.2025 up to 5:00 P.M |
| 3. | Last Date for Online Submission of Tender Fee and EMD | 06.05.2025 up to 5:00 P.M |
| 4. | Date of opening of e-Tender | 08.05.2025 at 03:00 P.M |
| 5. | Name & address of office Inviting tender | Executive Engineer, Minor Irrigation Division, Hazaribag |
| 6. | Contact no. of e-Procurement officer | 06546-270485 |
| 7. | E-mail of e- Procurement officer | eemidhbg-cemr-jhr@nic.in |

Note:- 1.) Only e-Tender will be accepted.
2.) Published Estimated Cost may be increased or decreased.
3.) Further details can be seen and Mode of Submission of Online Tender/Tender Fee/EMD through http://jharkhandtenders.gov.in

Executive Engineer, Minor Irrigation Division, Hazaribag

PR 350845 Minor Irrigation (25-26)_D



**ପୂର୍ବ ତଟ ରେଳପଥ**

Auction Catalogue No. SDCM-KUR-PAY PAY & USE TOILETS ନିମନ୍ତେ ଇ-ନିଲାମ

ଷ୍ଟେସନ ଏବଂ ସ୍ଥାନ: ୧) ଜେନାପୁର (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୨) ଚିଲିକା (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୩) ରାଜସୁନାଖଳା (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୪) କାଳୁପଡାଘାଟ (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୫) ରମ୍ଭା (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୬) ବେଗୁନିଆ (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୭) ଭୁଷଣ୍ଡପୁର (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୮) ମୋଟାରି (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ)

ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ : ତା 02.05.2025 ରିଖ 1100 ଘଟିକାରେ (ସମସ୍ତ ଲଟ୍ ନିମନ୍ତେ)

ନିଲାମ ସମାପ୍ତି ତାରିଖ ଏବଂ ସମୟ : ତା02.05.2025ରିଖ 1130 ଘଟିକାରେ (କ୍ର.ସଂ. ୧ ନିମନ୍ତେ), 1140 ଘଟିକାରେ (କ୍ର.ସଂ. ୨ ନିମନ୍ତେ), 1150 ଘଟିକାରେ (କ୍ର.ସଂ. ୩ ନିମନ୍ତେ), 1200 ଘଟିକାରେ (କ୍ର.ସଂ. ୪ ନିମନ୍ତେ), 1210 ଘଟିକାରେ (କ୍ର.ସଂ. ୫ ନିମନ୍ତେ), 1220 ଘଟିକାରେ (କ୍ର.ସଂ. ୬ ନିମନ୍ତେ), 1230 ଘଟିକାରେ (କ୍ର.ସଂ. ୭ ନିମନ୍ତେ) ଏବଂ 1240 ଘଟିକାରେ (କ୍ର.ସଂ. ୮ ନିମନ୍ତେ)

ଷ୍ଟେସନ ଏବଂ ସ୍ଥାନ: ୧) କପିଳାସ ରୋଡ୍ (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୨) ଧାନମଣ୍ଡଳ (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୩) କେନ୍ଦୁଝରଗଡ (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୪) ଗଞ୍ଜାମ (PF-1ମଧ୍ୟରେ), ୫) ହରିଚନ୍ଦନପୁର (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୬) ସୀତାବିଞ୍ଜି (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୭) ବାଲୁଗାଁ (PF-1, ବିଶାଖାପଟନମ୍ ଶେଷ), ୮)ଇଚ୍ଛାପୁରମ୍ (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ)

ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ : ତା 03.05.2025 ରିଖ 1000 ଘଟିକାରେ (ସମସ୍ତ ଲଟ୍ ନିମନ୍ତେ)

ନିଲାମ ସମାପ୍ତି ତାରିଖ ଏବଂ ସମୟ : ତା 03.05.2025 ରିଖ 1030 ଘଟିକାରେ (କ୍ର.ସଂ. ୧ ନିମନ୍ତେ), 1040 ଘଟିକାରେ (କ୍ର.ସଂ. ୨ ନିମନ୍ତେ), 1050 ଘଟିକାରେ (କ୍ର.ସଂ. ୩ ନିମନ୍ତେ), 1100 ଘଟିକାରେ (କ୍ର.ସଂ. ୪ ନିମନ୍ତେ), 1110 ଘଟିକାରେ (କ୍ର.ସଂ. ୫ ନିମନ୍ତେ), 1120 ଘଟିକାରେ (କ୍ର.ସଂ. ୬ ନିମନ୍ତେ), 1130 ଘଟିକାରେ (କ୍ର.ସଂ. ୭ ନିମନ୍ତେ) ଏବଂ 1140 ଘଟିକାରେ (କ୍ର.ସଂ. ୮ ନିମନ୍ତେ)

ଷ୍ଟେସନ ଏବଂ ସ୍ଥାନ: ୩) ବାରବାଟିଆ (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୨) କଣାସ ରୋଡ୍ (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୩) ବୈତରଣୀ ରୋଡ୍ (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ)

ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ : ତା 06.05.2025 ରିଖ 1400 ଘଟିକାରେ (ସମସ୍ତ ଲଟ୍ ନିମନ୍ତେ)

ନିଲାମ ସମାପ୍ତି ତାରିଖ ଏବଂ ସମୟ : ତା 06.05.2025ରିଖ 1430 ଘଟିକାରେ (କ୍ର.ସଂ. ୧ ନିମନ୍ତେ), 1440 ଘଟିକାରେ (କ୍ର.ସଂ. ୨ ନିମନ୍ତେ) ଏବଂ 1450 ଘଟିକାରେ (କ୍ର.ସଂ. ୩ ନିମନ୍ତେ)

ଦ୍ରଷ୍ଟବ୍ୟ : ଏହି ଇ-ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକୀୟ ସୂଚନା ପ୍ରାପ୍ତ କରିବା ନିମନ୍ତେ, ଆଗାମୀ ଇ-ନିଲାମ ଲିଙ୍କିଂ ଟାବ୍‌କୁ ଯାଞ୍ଚ କରିବା ପାଇଁ, ଆଶାୟୀ ବିଡର ମାନଙ୍କୁ http://www.ireps.gov.in ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

PR-59/Q/25-26



**झारखण्ड सरकार**
**खेलकूद एवं युवाकार्य निदेशालय**
**(पर्यटन, कला–संस्कृति, खेलकूद एवं युवाकार्य विभाग)**
**गेट नं० – 28, बिरसा मुण्डा फुटबॉल स्टेडियम, मोराबादी, राँची – 834008**
**E-mail Id - directorsportsjharkhand@gmail.com**

**आवश्यक सूचना**

एतद् द्वारा सूचित किया जाता है कि खेलकूद एवं युवाकार्य निदेशालय, झारखण्ड, राँची द्वारा "Rate Contract For Supply Of Sports & Generic Kits" के निमित्त आमंत्रित निविदा (10/2024–25 दिनांक 07.02.2025) विज्ञापन संख्या – PR No. 346900 (Art, Culture, Sports & Youth Affairs) Dt. 22-02-2025 को पर्याप्त संख्या में तकनीकी रूप से योग्य निविदादाता नहीं पाये जाने के कारण निरस्त किया जाता है।

ह०/–निदेशक,
खेलकूद एवं युवाकार्य निदेशालय,
झारखण्ड, राँची

PR 350847 (Art Culture Sports and Youth Affairs)25-26*D



**Govt. of Jharkhand**
**ROAD CONSTRUCTION DEPARTMENT**
**Road Divison , Seraikella-Kharsawan**
**e-Procurement Notice**
**Tender Reference No. RCD/SERAIKELLA/01 Date :- 21.04.2025**

| | | |
|---|---|---|
| 1. | Name of the work | Improvement of Riding Quality work of Kandr Khunti Icharagh From Km 21.10 to Km 30.00 Road (Total Length 8.90 Km) for the Year 2025-26 |
| 2. | Estimated Cost (Rs.) | Rs.6,88,34,583.58 (RupeesSixCroreEighty EightlakhThirty Fourthousand FiveHundred Eighty Threeand PaiseFifty Eightonly) |
| 3. | Cost of BoQ (Rs.) | Rs. 10,000.00 (Rupees Ten Thousand Only) |
| 4. | Earnest Money (Rs.) | Rs. 689,000.00 (Rupees Six LakhEighty NineThousand Only) |
| 5. | Time of Completion | 04 (Four) Months |
| 6. | Last Date /Time for receipt of bids | 20.05.2025(12.00Noon) |
| 7. | Date of Publication of Tender on website | 30.04.2025 (10.30 AM) |
| 8. | Name & Address of office Inviting tender | Ashok Kumar Rajak O/o Executive Engineer , Road Construction Department Road Division , Seraikella-Kharsawan |
| 9. | Contact no. of Procurement Officer | 9199867872 |
| 10. | Helpline number of e-Procurement cell | 0651-2401010 |

Estimated and Earnest Money can be increase or decrease
Further details can be seen on website http://jharkhandtenders.gov.in

Executive Engineer
RCD , Road Division
Seraikella-harsawan

PR 350773 Road(25-26)D


See Career Appointment on every Wednesday & Saturday


**FORM NO. 3**
[See Regulaton-15(1)(a)]
**IN DEBTS RECOVERY APPELLATE TRIBUNAL AT KOLKATA**
**9, old post office Street, 7th Floor, Kolkata-700001**
**Appeal No.: 52 OF 2019**
**Arising out of S.A. No.4 of 2019 in DRT, Cuttack**

**STATE BANK OF INDIA** ... **Appellant**

-Versus-

**ANSHUMAN MISHRA & ORS.** ... **Respondents**

To,

(1-A) **ANSHUMAN MISHRA**, residing at Parada Padia, Ward No.:10, behind Surya Niwas, P.O & P.S.: Baripada, Dist.: Mayurbhanj, PIN-757001. **(Respondent no.1-A)**

(1-B) **ARATI MISHRA**, residing at Parada Padia, Ward No.: 10, behind Surya Niwas, P.O & P.S.: Baripada, Dist.: Mayurbhanj, PIN-757001. **(Respondent no.1-B)**

(1-C) **LINU MISHRA**, residing at Brahma Mandir Sahi, Unit No.: 10, P.O & P.S.: Baripada, Dist.: Mayurbhanj, PIN-757001. **(Respondent no.1-C)**

(1-D) **LIPI DAS**, residing at Brahma Mandir Sahi, Unit No.: 10, P.O & P.S.: Baripada, Dist.: Mayurbhanj, PIN-757001. **(Respondent no.1-D)**

(2) **M/S. KAMYAB TELEVISION PVT. LTD.**, represented through its Managing Director Sri Manoj Dash, at 159, Alaka Building, Unit-2, Ashok Nagar, Bhubaneswar-751009. **(Respondent no.2)**

(3) **SRI MANOJ DASH**, Son of Goura Charan Das, at 159, Alaka Building, Unit-2, Ashok Nagar, Bhubaneswar-751009. **(Respondent no.3)**

(4) **SMT. LIPI DAS, W/o.: Sri Manoj Dash, Director of M/S. Kamyab Television Pvt. Ltd.**, at 159, Alaka Building, Unit-2, Ashok Nagar, Bhubaneswar-751009. **(Respondent no.4)**

(5) **SRI SUKANTA NAYAK,** Son of Late Sadhu Charan Nayak, at Plot No.:176, Baramunda Housing Board Colony, P.S.: Khandagiri, Bhubaneswar-751003. **(Respondent no.5)**

**SUMMONS**

1. WHEREAS the appellant has filed an appeal U/s. 18 of the Securitisation and Reconstruction of Financial Assets & Enforcement of Security interest Act, 2002 against the order passed by the Ld. Presiding Officer, DRT, Cuttack and other reliefs. You are hereby summoned to appear and file written statement before this Tribunal at 10.30a.m. or at such time immediately thereafter according to the convenience of Tribunal on **14.05.2025** to answer the claim.
2. If you intend to file any documents, you may file the same with a list along with the written Statement.
3. You should file your registered address and a memo of appearance when you enter appearance before the Tribunal either in person or by a pleader/Advocate duly instructed.
4. Take notice that, in default of, your appearance on the day mentioned herein before, the proceeding will be heard and determined in your absence.

Given under my hand and the seal of this Tribunal on this **17th** day of **April, 2025.**

**Sd/- Registrar**
**Debts Recovery Appellate Tribunal**
**Kolkata**



**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank** Together for the better

Oriental United

**ଡିମାଣ୍ଡ ନୋଟିସ୍**

**ମଣ୍ଡଳ ଶସ୍ତ୍ର କେନ୍ଦ୍ର, ସମ୍ବଲପୁର : ମଣ୍ଡଳ କାର୍ଯ୍ୟାଳୟ, ବାଲାଜୀ ମିଡ୍‌ଟାଉନ୍, ପ୍ରଥମ ମହଲା, ଦେହେରିପାଲି, ପୋ: ବୁଢ଼ାରାଜା, ସମ୍ବଲପୁର-୭୬୮୦୦୪, ଇମେଲ୍: cs8310@pnb.co.in**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରୀଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨, ଏବଂ ଧାରା ୧୩(୨) ଓ ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ ୨୦୦୨ ଧାରା ଅନୁଯାୟୀ, ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ଦର୍ଶିତ ରାଶି ସହିତ ସୁଧ ଓ ଚୁକ୍ତି ଅନୁଯାୟୀ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ନୋଟିସ୍ ପ୍ରକାଶିତ ହେବାର **୬୦ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। କଥିତ ଡ଼ିମାଣ୍ଡ ନୋଟିସ୍‌କୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ପାଖକୁ ଏ./ଡ଼ି. ସହିତ ରେଜେଷ୍ଟ୍ରି ଡ଼ାକ ଯୋଗେ ପଠାଯାଇଥିଲା କିନ୍ତୁ ତାହା ପ୍ରଦାନ କରାଯାଇନପାରି ନିମ୍ନସ୍ୱାକ୍ଷରକାରୀଙ୍କ ପାଖକୁ ଫେରସ୍ତ ଆସିଅଛି। ତେଣୁ ପୁନଶ୍ଚ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ କୁହାଯାଉଛିଯେ ସେମାନେ ଏହି ନୋଟିସ୍ ପ୍ରକାଶନର **୬୦ଦିନ** ମଧ୍ୟରେ ସେମାନଙ୍କର ବକେୟା ଦେୟ ସହ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବ୍ୟାଙ୍କକୁ ପଇଠ କରନ୍ତୁ। ଯଦି ସେମାନେ ଉକ୍ତ ଦେୟ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କ କଥିତ ଆଇନର ବ୍ୟବସ୍ଥା ଅନୁସାରେ ଅନ୍ୟ କୌଣସି ଅଧିକାରକୁ ପ୍ରତିହତ ନକରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାଧ୍ୟ ହେବେ। ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଛିକି କଥିତ ଆକ୍ଟର ଧାରା ୧୩ ଉପଧାରା ୧୩ ଅନୁସାରେ ବ୍ୟାଙ୍କର ଲିଖିତ ଅନୁମତି ବିନା ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି କାରବାର କରିବେ ନାହିଁ, ଯଦି କରନ୍ତି ତେବେ ନିମ୍ନଲିଖିତ ରାଶି ପାଇଁ **ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଟିଟିଲାଗଡ ଶାଖା (୬୮୦୮୦୦) ଋଣଗ୍ରହୀତା / ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ / ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ରୀ ଦୁର୍ଗା ଟ୍ରେଡ଼ର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ରଘୁନାଥ କୁମ୍ଭାର, ପିତା: ଶ୍ରୀ ଭୁବନେଶ୍ୱର କୁମ୍ଭାର / ଜାମିନ୍‌ଦାର: ଶ୍ରୀ ଭୁବନେଶ୍ୱର କୁମ୍ଭାର, ପିତା: ଶ୍ରୀ ନୀଳମଣି କୁମ୍ଭାର, ଉଭୟଙ୍କ ଠିକଣା– ସା: ବାନ୍ଧୁପଲା, ପୋ: ଦେଶିଲ, ଟିଟିଲାଗଡ, ଜିଲ୍ଲା: ବଲାଙ୍ଗୀର, ଓଡ଼ିଶା, ପିନ୍-୭୬୭୦୩୩ | ୩୧.୦୩.୨୦୨୨ / ୦୭.୦୨.୨୦୨୫ / ନଗଦ ଋଣ : ଟ.୪,୫୦,୦୦୦/- | ୩୧.୦୧.୨୦୨୫ ସୁଦ୍ଧା ଟ.୬,୫୪,୯୬୧.୦୦ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ଶ୍ରୀ ଭୁବନେଶ୍ୱର କୁମ୍ଭାର, ପିତା: ଶ୍ରୀ ନୀଳମଣି କୁମ୍ଭାରଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୨୩/୩୪୪, ପ୍ଲଟ୍ ନଂ.: ୪୭୧, କ୍ଷେତ୍ର: ଏକର ୦.୦୨୦ |

ଡିସିମିଲି ଏବଂ ଖାତା ନଂ.: ୧୨୩/୩୬୫, ପ୍ଲଟ୍ ନଂ.: ୪୭୫, କ୍ଷେତ୍ର: ଏକର୦.୦୧୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୩୦ ଡିସିମିଲି,** ମୌଜା: ବାନ୍ଧୁପଲା, ତହସିଲ/ଥାନା: ଟିଟିଲାଗଡ, ଜିଲ୍ଲା: ବଲାଙ୍ଗୀର

**ସ୍ଥାନ: ସମ୍ବଲପୁର, ତାରିଖ: ୨୨.୦୪.୨୦୨୫** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ**

## ସଂକ୍ଷେପରେ

### ବ୍ରିଜ୍‌ରୁ ଖସିଲା ଏସ୍‌ୟୁଭି, ୮ ମୃତ



**ଭୋପାଳ ୨୨।୪**

ମଧ୍ୟପ୍ରଦେଶ ଦାମୋହ ଜିଲାର ସିମ୍ରି ଗ୍ରାମ ନିକଟରେ ମଙ୍ଗଳବାର ଏକ ଏସ୍‌ୟୁଭି କାର୍ ନିୟନ୍ତ୍ରଣ ହରାଇ ବ୍ରିଜ୍‌ରୁ ଖସି ଶୁଖିଲା ନଦୀରେ ପଡ଼ିଯାଇଛି। ଘଟଣାସ୍ଥଳରେ କାର୍‌ରେ ଗୋଟିଏ ପରିବାରର ୮ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ଦାମୋହ ଏସ୍‌ପି ଶ୍ରୁତ୍‌କୀର୍ତ୍ତି ସୋମବଂଶୀ କହିଛନ୍ତି। ଏହି ପରିବାର ମଧ୍ୟପ୍ରଦେଶର ଜବଲପୁର ନିବାସୀ ହୋଇଥିବାବେଳେ ସେମାନେ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ବେଳେ ଉକ୍ତ ଦୁର୍ଘଟଣା ଘଟିଛି।

### ଗୁଆହାଟୀ ହାଇକୋର୍ଟଙ୍କୁ ବୋମା ଧମକ

**ଗୁଆହାଟୀ, ୨୨।୪**

ଆସାମର ଗୁଆହାଟୀ ହାଇକୋର୍ଟକୁ ମଙ୍ଗଳବାର ବୋମାରେ ଉଡ଼ାଇ ଦିଆଯିବ ବୋଲି ଇ-ମେଲ ଯୋଗେ ଏକ ଧମକ ହସ୍ତଗତ ହୋଇଛି। ଇ-ମେଲରେ ଧମକ ମିଳିବା ପରେ ତୁରନ୍ତ ପୋଲିସ ଏବଂ ସୁରକ୍ଷା ବଳ ହାଇକୋର୍ଟରେ ପହଞ୍ଚି ତଲାସି ଅଭିଯାନ ଆରମ୍ଭ କରିଥିଲେ। ବୋମା ନିରୋଧୀ ଦଳ ହାଇକୋର୍ଟର ପ୍ରତ୍ୟେକ କୋଣକୁ ତନ୍ନ ତନ୍ନ କରି ଯାଞ୍ଚ କରିବା ସତ୍ତ୍ୱେ ମଧ୍ୟ କୌଣସି ସନ୍ଦିଗ୍ଧ ବସ୍ତୁ ମିଳି ନାହିଁ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ପ୍ରାରମ୍ଭିକ ତଦନ୍ତରୁ ଏହି ବୋମା ଧମକ ଏକ ଗୁଜବ ପରି ମନେହେଉଥିବା ସେ କହିଛନ୍ତି।

### ଓଠ ସିଲ୍ ହୋଇଥିବା ମହିଳାଙ୍କ ମୃତଦେହ ଟ୍ରଲିବ୍ୟାଗ୍‌ରୁ ଜବତ


**କୋଲକାତା,୨୨।୪**

କୋଲକାତା ଉପକଣ୍ଠ ବାଗୁଇହାଟିର ଏକ ରାସ୍ତା ପାର୍ଶ୍ୱରେ ପଡ଼ିରହିଥିବା ଟ୍ରଲିବ୍ୟାଗ୍‌ରୁ ଜଣେ ମହିଳାଙ୍କ ଓଠ ସିଲ୍ ହୋଇଥିବା ମୃତଦେହ ମିଳିଛି। ସୋମବାର ରାତିରେ କେହି ଉକ୍ତ ଟ୍ରଲିବ୍ୟାଗ୍‌କୁ ସେଠାରେ ପକାଇଦେଇ ପଳାଇଥିଲେ। ମଙ୍ଗଳବାର ସକାଳେ ଖବରକାଗଜ ହକର ତାହାକୁ ଦେଖିବା ପରେ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ପୋଲିସ ଟ୍ରଲିବ୍ୟାଗ୍ ଖୋଲି ତା' ଭିତରୁ ଜଣେ ସାଲୱାର କୁର୍ତ୍ତା ପିନ୍ଧିଥିବା ଯୁବତୀଙ୍କ ମୃତଦେହ ଠାବ କରିଥିଲା। ତାଙ୍କ ଓଠକୁ ଟେପ୍ ଲଗାଇ ସିଲ୍ କରିଦିଆଯାଇଥିଲା। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ତେବେ ମହିଳାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଟ୍ରଲିବ୍ୟାଗ୍‌ରେ ଭର୍ତ୍ତି କରାଯାଇଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି।

# ନ୍ୟାୟପାଳିକାକୁ ଧନ୍‌କରଙ୍କ ପୁଣି ଟାର୍ଗେଟ

**ନୂଆଦିଲ୍ଲୀ,୨୨।୪(ପି.ଟି.)**

ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ମଙ୍ଗଳବାର ପୁଣିଥରେ ନ୍ୟାୟପାଳିକାକୁ ଟାର୍ଗେଟ କରିଛନ୍ତି। ଦିଲ୍ଲୀ ୟୁନିଭର୍ସିଟିରେ ଉଦ୍‌ବୋଧନ ଦେବା ଅବସରରେ ବ୍ୟବସ୍ଥାପିକା ଏବଂ କାର୍ଯ୍ୟକାଳିକାର କାର୍ଯ୍ୟ ପରିସରରେ ନ୍ୟାୟପାଳିକାର ହସ୍ତକ୍ଷେପକୁ ସମାଲୋଚନା କରିବା ସହ ପାର୍ଲାମେଣ୍ଟ ସର୍ବୋପରି ବୋଲି ଦୋହରାଇଛନ୍ତି। ସଂସଦ ଉପରେ ଅନ୍ୟ କାହାର କର୍ତ୍ତୃତ୍ୱ ନାହିଁ। ସାମ୍ବିଧାନିକ ପଦାଧିକାରୀଙ୍କ ଦ୍ୱାରା କୁହାଯାଉଥିବା ପ୍ରତ୍ୟେକଟି ଶବ୍ଦ ସର୍ବୋଚ୍ଚ ଜାତୀୟ ସ୍ୱାର୍ଥ ଦ୍ୱାରା ମାର୍ଗଦର୍ଶିତ ହୋଇଥାଏ ବୋଲି ସେ କହିଛନ୍ତି। ଦେଶରେ ଜରୁରୀ ପରିସ୍ଥିତି ଜାରି କରିଥିବା ଜଣେ ପ୍ରଧାନମନ୍ତ୍ରୀଙ୍କୁ ୧୯୭୭ରେ ଉତ୍ତରଦାୟୀ କରାଯାଇଥିଲା। ତେଣୁ ଏହା ନିଃସନ୍ଦେହ ଯେ ସମ୍ବିଧାନ ଲୋକମାନଙ୍କ ପାଇଁ ଏବଂ ଏହାର ସୁରକ୍ଷାର ଭଣ୍ଡାର ହେଉଛନ୍ତି ନିର୍ବାଚିତ ଲୋକ ପ୍ରତିନିଧି ବୋଲି ଧନ୍‌କର କହିଛନ୍ତି। ସୁପ୍ରିମକୋର୍ଟଙ୍କ ଦୁଇଟି ପରସ୍ପର ବିରୋଧୀ ବିବୃତିର ଉଦାହରଣ ଦେଇ ଉପରାଷ୍ଟ୍ରପତି କହିଛନ୍ତି, ଗୋରକନାଥ ମାମଲାରେ ପ୍ରସ୍ତାବନା ସମ୍ବିଧାନର ଅଂଶବିଶେଷ ନୁହେଁ ବୋଲି କୁହାଯାଇଥିବାବେଳେ କେଶବାନନ୍ଦ ଭାରତୀ ମାମଲାରେ ପ୍ରସ୍ତାବନାକୁ ଏହାର ଅଂଶବିଶେଷ କୁହାଯାଇଥିଲା। ଏକ ଗଣତନ୍ତ୍ରରେ ଆଲୋଚନାର ଗୁରୁତ୍ୱକୁ ପ୍ରାଧାନ୍ୟ ଦେଇ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରାଯାଇପାରିବ


ଜଗଦୀପ୍ ଧନ୍‌କର

ନାହିଁ ବୋଲି ଉପରାଷ୍ଟ୍ରପତି କହିଛନ୍ତି। ଅନ୍ୟପକ୍ଷରେ ଧନ୍‌କରଙ୍କ ମନ୍ତବ୍ୟକୁ ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ସଭା ସଦସ୍ୟ କପିଲ ସିବଲ୍ ବିରୋଧ କରିଛନ୍ତି। ପାର୍ଲାମେଣ୍ଟ କିମ୍ବା କାର୍ଯ୍ୟନିର୍ବାହୀ ସର୍ବୋଚ୍ଚ କର୍ତ୍ତା ନୁହନ୍ତି ବରଂ ସମ୍ବିଧାନ ସର୍ବୋଚ୍ଚ ବୋଲି ସିବଲ କହିଛନ୍ତି। ସମ୍ବିଧାନରେ ରହିଥିବା ବ୍ୟବସ୍ଥା ସୁପ୍ରିମକୋର୍ଟଙ୍କ ଦ୍ୱାରା ବ୍ୟାଖ୍ୟା କରାଯାଇଥାଏ। ସେଥିପାଇଁ ଦେଶ ଆଜି ପର୍ଯ୍ୟନ୍ତ ଆଇନକୁ ବୁଝିପାରିଥିବା ସିବଲ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟପାଳ ପଠାଇଥିବା ବିଲ୍ ଉପରେ ୩ ମାସ ମଧ୍ୟରେ ନିଷ୍ପତ୍ତି ନେବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ଘଟଣାକୁ ଉପରାଷ୍ଟ୍ରପତି ବିରୋଧ କରିଥିଲେ। ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେବା କ୍ଷମତା ସୁପ୍ରିମକୋର୍ଟଙ୍କର ନାହିଁ ବୋଲି ସେ କହିଥିଲେ। ଏହାକୁ ନେଇ ବିବାଦ ଜାରି ରହିଥିବାବେଳେ ଧନ୍‌କର ପୁଣିଥରେ ନ୍ୟାୟପାଳିକାକୁ ଟାର୍ଗେଟ କରିଛନ୍ତି।

## ନିଶିକାନ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା ବାର୍ ଆସୋସିଏଶନ

**ନୂଆଦିଲ୍ଲୀ,୨୨।୪**

ସୁପ୍ରିମକୋର୍ଟଙ୍କ ବିରୋଧରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟକୁ ସର୍ବୋଚ୍ଚ ଅଦାଲତର ବାର୍ ଆସୋସିଏଶନ୍ ନିନ୍ଦା କରିଛି। ଏହା କେବଳ ମାନହାନି ନୁହେଁ ବରଂ ଅଦାଲତ ଅବମାନନା। ଭାଜପା ନେତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚଳାଇବା ପାଇଁ ଆର୍ଟର୍ନି ଜେନେରାଲ ସହମତ ହେବେ ବୋଲି ଆଶା କରାଯାଉଥିବା ଆସୋସିଏଶନ ପକ୍ଷରୁ ଏକ ସଂକଳ୍ପନାମାରେ କୁହାଯାଇଛି। ଭାଜପା ନେତା କେବଳ ସୁପ୍ରିମକୋର୍ଟଙ୍କ ଉପରେ ନୁହେଁ ଭାରତର ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ଉପରେ ମଧ୍ୟ ବ୍ୟକ୍ତିଗତ ଆକ୍ରମଣ କରିଛନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ ଏବଂ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଆଇନଜୀବୀମାନେ ଆଣିଥିବା ସଂକଳ୍ପନାମାରେ କୁହାଯାଇଛି।

ସୁପ୍ରିମକୋର୍ଟ ଆଇନ ପ୍ରଣୟନ କଲେ ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ଆବଶ୍ୟକତା କ'ଣ ବୋଲି ଗତ ରବିବାର ନିଶିକାନ୍ତ କହିଥିଲେ। ଦେଶରେ ଗୃହଯୁଦ୍ଧ ପାଇଁ ସେ ସିଜେଆଇ ସଞ୍ଜୀବ ଖାନ୍ନାଙ୍କୁ ଦାୟୀ କରିଥିଲେ। ବିଲ୍ ଉପରେ ୩ ମାସ ମଧ୍ୟରେ ନିଷ୍ପତ୍ତି ନେବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ପରେ ଏହାକୁ ବିରୋଧ କରି ନିଶିକାନ୍ତ କହିଥିଲେ, ପାର୍ଲାମେଣ୍ଟ ଦେଶର


ନିଶିକାନ୍ତ ଦୁବେ

ଆଇନ ପ୍ରଣୟନ କରିଥିବାବେଳେ ଆପଣମାନେ ପାର୍ଲାମେଣ୍ଟକୁ ନିର୍ଦ୍ଦେଶ ଦେଉଛନ୍ତି। ଆପଣମାନେ କିପରି ନୂଆ ଆଇନ ତିଆରି କଲେ ବୋଲି ସେ ସର୍ବୋଚ୍ଚ ଅଦାଲତଙ୍କୁ ପ୍ରଶ୍ନ କରିଥିଲେ।

## ବିମାନ ଦୁର୍ଘଟଣାରେ ପାଇଲଟ୍ ମୃତ



ଅମରେଲୀର ଗିରିୟା ରୋଡ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ପ୍ରଶିକ୍ଷଣ ବିମାନ।

**ଅମରେଲୀ, ୨୨।୪**

ଗୁଜରାଟର ଅମରେଲୀରେ ଏକ ପ୍ରଶିକ୍ଷଣ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଯାଇଛି। ଏହି ଦୁର୍ଘଟଣାରେ ପାଇଲଟ୍‌ଙ୍କ ମୃତ୍ୟୁ ହୋଇଥିବା ନେଇ ପୋଲିସ ସୂଚନା ଦେଇଛି। ଏକ ଘରୋଇ ବିମାନ ଏକାଡେମୀର ଏହି ପ୍ରଶିକ୍ଷଣ ବିମାନଟି ମଙ୍ଗଳବାର ଦ୍ୱିପ୍ରହର ସମୟରେ ଅମରେଲୀ ସହରର ଗିରିୟା ରୋଡ୍ ନିକଟସ୍ଥ ଏକ ଆବାସିକ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଯାଇଥିଲା ଏବଂ ସେଥିରେ ନିଆଁ ଲାଗିଯାଇଥିଲା। ଫଳରେ ବିମାନ ମଧ୍ୟରେ ଥିବା ଜଣେ ଟ୍ରେନିଂ ପାଇଲଟଙ୍କର ମୃତ୍ୟୁ ଘଟିଛି ବୋଲି ଅମରେଲୀ ଏସ୍‌ପି ସଞ୍ଜୟ ଖରାଟ କହିଛନ୍ତି। ବିମାନଟି ଏକ ଗଛରେ ପିଟିହୋଇ ତଳେ ପଡ଼ିଯାଇଥିବା ନେଇ ସେ କହିଛନ୍ତି। ଏହି ଦୁର୍ଘଟଣାକୁ ନେଇ ତଦନ୍ତ ଜାରି ରହିଛି। ଅମରେଲୀ ବିମାନବନ୍ଦରରୁ ଉଡ଼ାଣ କରିଥିବା ଏହି ପ୍ରଶିକ୍ଷଣ ବିମାନରେ କେବଳ ପାଇଲଟ ଏକୁଟିଆ ଥିଲେ ବୋଲି ଖରାଟ କହିଛନ୍ତି।

## ଆତଙ୍କବାଦୀଙ୍କୁ ଛଡ଼ାଯିବ ନାହିଁ: ମୋଦି

**ଶ୍ରୀନଗର,୨୨।୪**

ଜମ୍ମୁ-କଶ୍ମୀରର ପହଲଗାମ୍ ଅନ୍ତର୍ଗତ ବିପହଲଗାମ୍‌ରେ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢ଼ ନିନ୍ଦା କରିବା ସହ ଏହି ଜଘନ୍ୟ କାର୍ଯ୍ୟ ପାଇଁ ଯେଉଁମାନେ ଦାୟୀ ସେମାନଙ୍କୁ ଆଇନର କାଠଗଡ଼ାକୁ ଅଣାଯିବ ବୋଲି କହିଛନ୍ତି। ମୃତକଙ୍କ ପରିବାରକୁ ସେ ସମବେଦନା ଜଣାଇବା ସହ ଆତଙ୍କବାଦୀଙ୍କୁ ଛଡ଼ାଯିବ ନାହିଁ କିମ୍ବା ସେମାନଙ୍କ ନକାରାତ୍ମକ ଯୋଜନାକୁ ସଫଳ ହେବାକୁ ଦିଆଯିବ ନାହିଁ ବୋଲି ସାଉଦି ଆରବ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି। ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ କଥା ହୋଇ ସ୍ଥିତିର ମୁକାବିଲା ଲାଗି ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶାହା ଶ୍ରୀନଗରରେ ପହଞ୍ଚି ସୁରକ୍ଷା ଏଜେନ୍ସିଗୁଡ଼ିକ ସହ ସ୍ଥିତି ସମୀକ୍ଷା କରିଛନ୍ତି। ସେ ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ତଥା ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ବୈଠକ କରିଛନ୍ତି।

ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଆକ୍ରମଣକୁ ନିନ୍ଦା କରିବା ସହ ମୃତକମାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ସ୍ଥିତି ସମୀକ୍ଷା ପାଇଁ ସେ ଘଟଣାସ୍ଥଳକୁ ଯାଇଛନ୍ତି। ପ୍ରକୃତ ମୃତ୍ୟୁସଂଖ୍ୟା ଅସ୍ପଷ୍ଟ ରହିଛି। ନିକଟ ଅତୀତରେ ଏହା ସାଧାରଣ ନାଗରିକଙ୍କ ଉପରେ ସବୁଠୁ ବଡ଼ ଆକ୍ରମଣ ବୋଲି ଓମାର କହିଛନ୍ତି। ଆହତମାନଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବାକୁ ଉପରାଜ୍ୟପାଳ ମନୋଜ ସିହ୍ନା ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପର୍ଯ୍ୟଟକଙ୍କ ଉପରେ ଆକ୍ରମଣକୁ ପିଡିପି ଅଧ୍ୟକ୍ଷ ମେହବୁବା ମୁଫ୍‌ତି ନିନ୍ଦା କରିଛନ୍ତି।

ପର୍ଯ୍ୟଟକମାନଙ୍କୁ ସହାୟତା ପାଇଁ ଜମ୍ମୁ-କଶ୍ମୀର ସରକାର ମଙ୍ଗଳବାର ୨୪ ଘଣ୍ଟିଆ ଜରୁରୀ ହେଲ୍ପଲାଇନ ଜାରି କରିଛନ୍ତି। ଅନନ୍ତନାଗ ଜିଲା ପ୍ରଶାସନ ଦ୍ୱାରା ଏହି ଜରୁରୀ ହେଲ୍ପଡେସ୍କ ସ୍ଥାପନ କରାଯାଇ ପର୍ଯ୍ୟଟକଙ୍କୁ ଆବଶ୍ୟକ ସହାୟତା ଓ ସୂଚନା ଯୋଗାଇ ଦିଆଯାଉଛି। ପର୍ଯ୍ୟଟକମାନେ ୦୧୯୩୨୨୨୨୩୩୭, ୭୭୮୦୮୮୫୭୫୯, ୯୬୯୭୯୮୨୫୨୭ କିମ୍ବା ୬୦୦୬୩୬୫୨୪୫ ନମ୍ବରରେ ଯୋଗାଯୋଗ କରିପାରିବେ। ଶ୍ରୀନଗରରେ ଏକ ଜରୁରୀ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ପହଲଗାମ ଆକ୍ରମଣ ଘଟଣାରେ ସହାୟତା ପାଇଁ ପର୍ଯ୍ୟଟକ ୦୧୯୪୨୪୫୭୫୪୩, ୦୧୯୪୨୪୮୩୬୫୧ କିମ୍ବା ୭୦୦୬୦୫୮୬୨୩ ସହ ଯୋଗାଯୋଗ କରିପାରିବେ।

### ଶ୍ରୀନଗରରେ ସ୍ଥିତି ସମୀକ୍ଷା କଲେ ଶାହା


ଜେଦ୍ଦା ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରାଯାଉଛି।

## ସାଉଦି ଆରବରେ ପ୍ରଧାନମନ୍ତ୍ରୀ ମୋଦି

**ଜେଦ୍ଦା, ୨୨।୪**

ଦୁଇଦିନିଆ ସାଉଦି ଆରବ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜେଦ୍ଦା ବିମାନବନ୍ଦରରେ ୨୧ ତୋପ ସଲାମୀ ସହ ସ୍ୱାଗତ କରାଯାଇଛି। ଏହି ଅବସରରେ ପ୍ରବାସୀ ଭାରତୀୟମାନେ ମୋଦି ମୋଦି ସ୍ଲୋଗାନ ଦେଇଥିଲେ। ଏହି ଗସ୍ତ ଭାରତ ଏବଂ ସାଉଦି ଆରବର ବନ୍ଧୁତାକୁ ଆହୁରି ମଜଭୁତ କରିବ ବୋଲି ମୋଦି ଏକ୍ସ'ରେ ଲେଖିଛନ୍ତି। ହଜ୍ କୋଟା, ପ୍ରତିରକ୍ଷା, ବାଣିଜ୍ୟ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା ହେବ ବୋଲି ଜଣାପଡ଼ିଛି।

## ସଂରକ୍ଷଣ ପାଇଁ ଜାତିକୁ ବର୍ଗୀକୃତ କରାଯାଇ ପାରିବନି: ହାଇକୋର୍ଟ

**ବେଙ୍ଗାଲୁରୁ, ୨୨।୪**

ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ପାଇଁ କୌଣସି ଜାତିକୁ ବିଭିନ୍ନ ଶ୍ରେଣୀରେ ବର୍ଗୀକୃତ କରାଯାଇ ପାରିବ ନାହିଁ ବୋଲି ମଙ୍ଗଳବାର ଏକ ମାମଲାର ଶୁଣାଣି ବେଳେ କର୍ନାଟକ ହାଇକୋର୍ଟ କହିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ବାଲାଜିଗା/ବନାଜିଗା ସମ୍ପ୍ରଦାୟକୁ ବର୍ଗୀକୃତ କରାଯିବାକୁ ଚ୍ୟାଲେଞ୍ଜ କରି ମହୀଶୂର ଜିଲାର ଭି. ସୁମିତ୍ରା ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଉଭୟ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ବାଲାଜିଗା/ବନାଜିଗା ସମ୍ପ୍ରଦାୟକୁ ସମାନ ଭାବେ ଗ୍ରୁପ୍ ବି ଅଧୀନରେ ରଖିବାକୁ ଜଷ୍ଟିସ୍ ସୁରଜ ଗୋବିନ୍ଦରାଜ୍‌ଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ବାଲାଜିଗା/ବନାଜିଗା ସମ୍ପ୍ରଦାୟକୁ ଗ୍ରୁପ୍ ବି ଏବଂ ନିଯୁକ୍ତି କ୍ଷେତ୍ରରେ ଗ୍ରୁପ୍ ଡି'ରେ ସ୍ଥାନିତ କରାଯିବା ପକ୍ଷପାତପୂର୍ଣ୍ଣ ଏବଂ ଅସାମ୍ବିଧାନିକ ହୋଇଥିବା ଉଚ୍ଚ ଅଦାଲତ କହିଛନ୍ତି।

## ୨୦୦୦ରୁ କଶ୍ମୀରରେ ଘଟିଥିବା ବଡ଼ ଆତଙ୍କବାଦୀ ଆକ୍ରମଣ

**ଶ୍ରୀନଗର,୨୨।୪(ପି.ଟି.)**

୨୦୦୦ରୁ ଜମ୍ମୁ-କଶ୍ମୀରରେ ବିଭିନ୍ନ ସମୟରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣରେ ବହୁ ନିରୀହ ଜନସାଧାରଣଙ୍କ ଜୀବନ ଯାଇଛି। ଏଠାରେ କେତୋଟି ବଡ଼ ଆକ୍ରମଣର ତଥ୍ୟ ଉପସ୍ଥାପନ କରାଗଲା।

**୨୦୦୦ ମାର୍ଚ୍ଚ ୨୧:** ଆତଙ୍କବାଦୀମାନେ ଅନନ୍ତନାଗ ଜିଲାର ଛତିସିଂପୋରା ଗ୍ରାମରେ ଥିବା ସଂଖ୍ୟାଲଘୁ ଶିଖ୍ ସମ୍ପ୍ରଦାୟକୁ ଟାର୍ଗେଟ କରି ଆକ୍ରମଣ କରିଥିଲେ। ଏଥିରେ ୩୬ ଜଣଙ୍କ ମୃତ୍ୟୁ ଘଟିଥିଲା।

**୨୦୦୦ ଅଗଷ୍ଟ:** ଅମରନାଥ ଯାତ୍ରା ବେଳେ ନୁନ୍‌ୱାନ୍ ବେସ୍ କ୍ୟାମ୍ପ ଉପରେ ଆତଙ୍କବାଦୀ ଆକ୍ରମଣ ଯୋଗୁ ୩୨ ଜଣଙ୍କ ମୃତ୍ୟୁ ହୋଇଥିଲା। ସେଥିରୁ ଅଧିକାଂଶ ଅମରନାଥ ତୀର୍ଥଯାତ୍ରୀ ଥିଲେ। ସେହି ମାସରେ ଅନନ୍ତନାଗର ଶେଷନାଗ ବେସ୍ କ୍ୟାମ୍ପରେ ଆକ୍ରମଣ ଯୋଗୁ ୧୩ ଜଣ ପ୍ରାଣ ହରାଇଥିଲେ।

**୨୦୦୧ ଅକ୍ଟୋବର ୧:** ଶ୍ରୀନଗରସ୍ଥିତ ଜମ୍ମୁ-କଶ୍ମୀର ରାଜ୍ୟ ବିଧାନସଭା କମ୍ପ୍ଲେକ୍ସ ଉପରେ ଆତ୍ମଘାତୀ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁ ୩୬ ଜଣଙ୍କ ମୃତ୍ୟୁ ଘଟିଥିଲା।

**୨୦୦୨:** ଅମରନାଥ ଯାତ୍ରୀଙ୍କୁ ଟାର୍ଗେଟ କରି ଚନ୍ଦନୱାରି ବେସ୍ କ୍ୟାମ୍ପରେ ଆତଙ୍କବାଦୀ ଆକ୍ରମଣ କରିବାରୁ ୧୧ ଯାତ୍ରୀ ନିହତ ହୋଇଥିଲେ। ସେହିବର୍ଷ ନଭେମ୍ବର ୨୩ରେ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥର ଦକ୍ଷିଣ କଶ୍ମୀର ଅନ୍ତର୍ଗତ ଲୋୟର ମୁଣ୍ଡାରେ ଆଇଇଡି ବିସ୍ଫୋରଣ ଘଟି ୧୯ ଜଣଙ୍କ ଜୀବନ ଯାଇଥିଲା। ସେମାନଙ୍କ ମଧ୍ୟରେ ୯ ଜଣ ସୁରକ୍ଷା ଯବାନ, ୩ ମହିଳା ଓ ୨ ଛୋଟ ପିଲା ଥିଲେ।

**୨୦୦୩ ମାର୍ଚ୍ଚ ୨୩:** ପୁଲ୍‌ୱାମା ଜିଲାର ନନ୍ଦିମାର୍ଗ ଗ୍ରାମରେ ଆତଙ୍କବାଦୀଙ୍କ ଗଣସଂହାରରେ ୧୧ ମହିଳା ଏବଂ ୨ ପିଲାଙ୍କ ସମେତ ଅନ୍ୟୁନ ୨୪ କଶ୍ମୀର ପଣ୍ଡିତଙ୍କ ଜୀବନ ଯାଇଥିଲା।

**୨୦୦୫ ଜୁନ୍ ୧୩ :** ପୁଲ୍‌ୱାମାର ଏକ ସରକାରୀ ସ୍କୁଲ୍ ସମ୍ମୁଖ ବଜାରରେ ବିସ୍ଫୋରକଭର୍ତ୍ତି କାର ବିସ୍ଫୋରଣ ଘଟି ୩ ସିଆର୍‌ପିଏଫ୍ ଯବାନ, ୨ ସ୍କୁଲ୍ ପିଲାଙ୍କ ସମେତ ୧୬ ଜଣଙ୍କ ମୃତ୍ୟୁ ଘଟିଥିଲା।

**୨୦୦୬ ଜୁନ୍ ୧୨:** କୁଲ୍‌ଗାମରେ ଆତଙ୍କବାଦୀ ଆକ୍ରମଣରେ ୯ ଜଣ ନେପାଳୀ ଓ ବିହାରୀ ଶ୍ରମିକ ପ୍ରାଣ ହରାଇଥିଲେ।

**୨୦୧୭ ଜୁଲାଇ ୧୦:** କୁଲ୍‌ଗାମରେ ଅମରନାଥ ଯାତ୍ରା ବସ୍‌କୁ ଟାର୍ଗେଟ କରି ଆତଙ୍କବାଦୀ ଆକ୍ରମଣ କରିବାରୁ ୮ ଜଣଙ୍କ ମୃତ୍ୟୁ ଘଟିଥିଲା।

## ଫୁରସତ୍

# ନିଆରା କାର୍ ସଂଗ୍ରହାଳୟ

### ରହିଛି ଜୋତା, ଭ୍ୟାନିଟ୍ ବ୍ୟାଗ୍, ବର୍ଗର, କମ୍ପ୍ୟୁଟର ଆକୃତିର କାର୍

**ହାଇଦ୍ରାବାଦ**

ହାଇଦ୍ରାବାଦର ନେହେରୁ ପାର୍କ ନିକଟରେ ଏକ ଅନନ୍ୟ କାର୍ ସଂଗ୍ରହାଳୟ ରହିଛି, ଯେଉଁଠାରେ ବିଭିନ୍ନ ଅଜବ ଡିଜାଇନ୍‌ର କାର୍ ବହୁ ବର୍ଷ ଧରି ଲୋକଙ୍କର ଦୃଷ୍ଟି ଆକର୍ଷଣ କରିଆସୁଛି। ସୁଧା କାର୍ ସଂଗ୍ରହାଳୟ ନାମକ ଏହି ମ୍ୟୁଜିୟମରେ ବିଭିନ୍ନ ଅଜବ ଡିଜାଇନ୍ ବିଶିଷ୍ଟ କାର୍ ଥିବାରୁ ଏହା ଗିନିଜ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ମଧ୍ୟ ସ୍ଥାନ ପାଇଛି।

ଏହି କାର୍ ସଂଗ୍ରହାଳୟରେ ଏକ ବଡ଼ ଜୋତା ଆକୃତିର କାର୍ ରହିଛି, ଯାହାକୁ ଦେଖିବା ପରେ ଯେ କେହି ବି ଏହା ଏକ କାର୍ ହୋଇଥିବା ନେଇ ବିଶ୍ୱାସ କରିପାରନ୍ତି ନାହିଁ। ସେହିପରି ଏହି ମ୍ୟୁଜିୟମରେ ଏକ ପେନ୍‌ସିଲ ଆକୃତିର ମଧ୍ୟ କାର୍ ରହିଛି, ଯାହାକୁ ପିଲାମାନେ ଖୁବ୍ ପସନ୍ଦ କରିଥାନ୍ତି। ସେହିପରି ଏଠାରେ ଲେଡିଜ୍ ପର୍ସ, ଚପଲ,











ବର୍ଗର, ସୋଫା ସେଟ୍, କମ୍ପ୍ୟୁଟର ଏବଂ ଟଏଲେଟ୍ ପରି ଦେଖାଯାଉଥିବା ବିଭିନ୍ନ ବିଚିତ୍ର ଡିଜାଇନ୍‌ର କାର୍ ମଧ୍ୟ ରହିଛି, ଯାହାକୁ ଦେଖି ଲୋକେ ବିସ୍ମିତ ହୋଇଯାଇଥାନ୍ତି। ଏହି କାର୍‌ଗୁଡ଼ିକର ଉତ୍ପାଦନ ମୂଲ୍ୟ ୮୫ ହଜାର ଟଙ୍କାରୁ ୧.୫ ଲକ୍ଷ ଟଙ୍କା ମଧ୍ୟରେ ରହିଥାଏ।

ସୁଧା କାର୍ ସଂଗ୍ରହାଳୟର ନିର୍ଦ୍ଦେଶକ ସୁଧାକର ଯାଦବ କହିଛନ୍ତି, ପିଲାଦିନୁ ତାଙ୍କର ମୋଟର କାର୍ ଏବଂ ମେକାନିକ୍ସ ପ୍ରତି ରୁଚି ରହିଥିଲା। ମାତ୍ର ୧୪ ବର୍ଷ ବୟସରେ ସେ ପୁରୁଣା ସାମଗ୍ରୀ ଫୋପଡ଼ା ଯାଉଥିବା ସ୍ଥାନରୁ ବିଭିନ୍ନ ବ୍ୟବହାର ଯୋଗ୍ୟ ଜିନିଷ ସଂଗ୍ରହ କରି ନିଜ ପ୍ରଥମ କାର୍‌କୁ ନିର୍ମାଣ କରିଥିଲେ। ୨୦୦୫ରେ ସର୍ବବୃହତ ଟ୍ରାଇସାଇକେଲର ନିର୍ମାଣ କରିଥିବାରୁ ତାଙ୍କ ନାମ ଜିଡବ୍ଲ୍ୟୁଆର୍‌ରେ ସ୍ଥାନିତ ହୋଇଥିଲା। ୨୦୦୫ ଜୁଲାଇ ୧ରେ ସେ ହାଇଦ୍ରାବାଦ ସଡ଼କରେ ୪୧.୬ ଫୁଟ ଉଚ୍ଚ ଏବଂ ୩୭.୩ ଫୁଟ ଲମ୍ବାର ଟ୍ରାଇ ସାଇକେଲର ନିର୍ମାଣ କରି ଏହାକୁ ଚଲାଇଥିଲେ। ପ୍ରକାଶ ଯେ, ଏହି ଅନନ୍ୟ କାର୍ ସଂଗ୍ରହାଳୟ ପ୍ରତ୍ୟେକ ଦିନ ସକାଳ ୯.୩୦ରୁ ସନ୍ଧ୍ୟା ୬.୩୦ ପର୍ଯ୍ୟନ୍ତ ଦର୍ଶକଙ୍କ ପାଇଁ ଖୋଲା ରହିଥାଏ। ଏଠାରେ ପ୍ରବେଶ ପାଇଁ ବୟସ୍କଙ୍କୁ ୧୦୦ ଟଙ୍କା ଏବଂ ପିଲାଙ୍କୁ ୮୦ ଟଙ୍କାର ଟିକେଟ ରହିଛି।

## 'ଗୋଲ୍ଡ ହାଉସ୍ ଗାଲା ୨୦୨୫'ରେ ସମ୍ମାନିତ ହେବେ ପ୍ରିୟଙ୍କା

**ମୁମ୍ବାଇ**

ଆସନ୍ତା ମାସରେ ହେବାକୁ ଥିବା 'ଗୋଲ୍ଡ ହାଉସ୍ ଗାଲା ୨୦୨୫'ରେ ହଲିଉଡ୍ ଏବଂ ବଲିଉଡ୍‌ରେ ନିଜ ଅବଦାନ ପାଇଁ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କୁ ପ୍ରଥମ ଗ୍ଲୋବାଲ ଭାନ୍‌ଗାର୍ଡ ସମ୍ମାନରେ ସମ୍ମାନିତ କରାଯିବ। ହିନ୍ଦୀ ସିନେମା କ୍ଷେତ୍ରରେ 'କ୍ରିଶ୍', 'ବାଜିରାଓ ମସ୍ତାନି', 'ବର୍ଫି', 'ଡନ୍' ଏବଂ ହଲିଉଡ୍‌ରେ 'ସିଟାଡେଲ', 'ଲଭ୍ ଏଗେନ' ପରି ଫିଲ୍ମରେ ନିଜ ଅଭୂତପୂର୍ବ ଅଭିନୟ ସହ ଏସୀୟ ପ୍ରଶାନ୍ତ ମହାସାଗରୀୟ ସଂସ୍କୃତି ସହ ପାଶ୍ଚାତ୍ୟ ସଂସ୍କୃତିକୁ ଯୋଡ଼ିବାରେ ପ୍ରିୟଙ୍କାଙ୍କ ଅବଦାନକୁ ଦୃଷ୍ଟିରେ ରଖି ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ଆସନ୍ତା ମେ' ୧୦ରେ ଲସ୍ ଏଞ୍ଜେଲ୍‌ସସ୍ଥିତ ମ୍ୟୁଜିକ ସେଣ୍ଟରରେ 'ଗୋଲ୍ଡ ହାଉସ୍ ଗାଲା ୨୦୨୫' ଆୱାର୍ଡ ଶୋ'ର ଆୟୋଜନ ହେବ। ଗୋଲ୍ଡ ଗାଲା ପକ୍ଷରୁ କରାଯାଉଥିବା ଏହି ଇଭେଣ୍ଟରେ ୬୦୦ରୁ ଅଧିକ ପ୍ରଭାବଶାଳୀ ଅତିଥି ଏକତ୍ରିତ ହେବେ। ତାଇୱାନ୍‌ର ପ୍ରସିଦ୍ଧ ଫିଲ୍ମ ନିର୍ମାତା ଆଙ୍ଗ୍ ଲି, ନେପାଳୀ ଆମେରିକୀୟ ଫେଶନ୍ ଡିଜାଇନର ପ୍ରବଲ ଗୁରୁଙ୍ଗ୍, ଆମେରିକୀୟ ଫିଲ୍ମ ନିର୍ଦ୍ଦେଶକ ଜନ୍ ଏମ୍ ଚୁ, କୋରୀୟ ଆମେରିକୀୟ ଲେଖକ ତଥା ଜର୍ନାଲିଷ୍ଟ ମିନ୍ ଜିନ୍ ଲି, ଆମେରିକୀୟ ସିଙ୍ଗର ତଥା ରାପର ଆଣ୍ଡରସନ ପାକ୍ ପ୍ରମୁଖଙ୍କୁ ମଧ୍ୟ ଏହି ଆୱାର୍ଡ ଶୋ'ରେ ସମ୍ମାନିତ କରାଯିବ।



# ଫ୍ଲାଟ୍ ଷ୍ଟିଲ୍ ଆମଦାନୀ ଉପରେ ୧୨% ସୁରକ୍ଷା ଶୁଳ୍କ

ମୁମ୍ବାଇ,୨୨।୪(ଅଭୟ ଦାଶ)



ଘରୋଇ ଇସ୍ପାତ ଶିଳ୍ପକୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ଫ୍ଲାଟ୍ ଇସ୍ପାତ ଉତ୍ପାଦ ଆମଦାନୀ ଉପରେ ୧୨% ସେଫଗାର୍ଡ ଡ୍ୟୁଟି (ସୁରକ୍ଷା ଶୁଳ୍କ) ଲାଗୁ କରିଛି, ଯାହା ୨୦୨୫ ଏପ୍ରିଲ ୨୧ରୁ ଆଗାମୀ ୨୦୦ ଦିନ ପାଇଁ କାର୍ଯ୍ୟକାରୀ ହେବ। ଏହି ପଦକ୍ଷେପ ଚାଇନା, ଦକ୍ଷିଣ କୋରିଆ ଏବଂ ଜାପାନରୁ ଶସ୍ତା ଇସ୍ପାତ ଆମଦାନୀକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ଦିଷ୍ଟ, ଯାହାଦ୍ୱାରା ଘରୋଇ ଇସ୍ପାତ ନିର୍ମାତାମାନଙ୍କୁ ଆଶ୍ୱସ୍ତି ମିଳିବ। ଡାଇରେକ୍ଟର ଜେନେରାଲ ଅଫ୍ ଟ୍ରେଡ୍ ରିମେଡିଜ୍ ଦ୍ୱାରା କରାଯାଇଥିବା ଏକ ତଦନ୍ତରୁ ଜଣାପଡ଼ିଛି, ଉପରୋକ୍ତ ଦେଶଗୁଡ଼ିକରୁ ଇସ୍ପାତ ଆମଦାନୀ ଯୋଗୁ ଘରୋଇ ଶିଳ୍ପର ଅଶେଷ କ୍ଷତି ହେଉଛି। ଏହା ଉଲ୍ଲେଖନୀୟ ଯେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅଶୋଧିତ ଇସ୍ପାତ ଉତ୍ପାଦନକାରୀ ଦେଶ ଭାରତ, କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଫିନିସଡ୍ ଇସ୍ପାତର ନିଟ୍ ଆମଦାନୀକାରୀ ପାଲଟିଛି ଏବଂ ୨୦୨୪-୨୫ରେ ଏହି ଆମଦାନୀ ୯ ବର୍ଷର ସର୍ବୋଚ୍ଚ ସ୍ତର ୯.୫ ନିୟୁତ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଭାରତୀୟ ଇସ୍ପାତ ସଂଘ (ଆଇଏସ୍‌ଏ) ଏବଂ ଦେଶର ପ୍ରମୁଖ ଶିଳ୍ପପତିମାନେ ସ୍ୱାଗତ କରିଛନ୍ତି। ଭାରତୀୟ ଇସ୍ପାତ ସଂଘର ସଭାପତି ଏବଂ ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାରର ଚେୟାରମ୍ୟାନ୍ ନବୀନ ଜିନ୍ଦଲ ଏହାକୁ ଆତ୍ମନିର୍ଭର ଭାରତ ପାଇଁ ଏକ ମାଇଲଖୁଣ୍ଟ ବୋଲି କହିଛନ୍ତି।

### ଆତ୍ମନିର୍ଭରଶୀଳ ଭାରତ ପାଇଁ ଏକ ଐତିହାସିକ ପଦକ୍ଷେପ: ନବୀନ ଜିନ୍ଦଲ

ଏପରିକି ସେ କହିଛନ୍ତି, ଫ୍ଲାଟ୍ ଇସ୍ପାତ ଉତ୍ପାଦ ଉପରେ ୧୨% ସେଫଗାର୍ଡ ଡ୍ୟୁଟି ଲାଗୁ କରିବା ପାଇଁ ସରକାରଙ୍କ ନିର୍ଣ୍ଣାୟକ ନିଷ୍ପତ୍ତି ପାଇଁ ଆମେ କୃତଜ୍ଞ, ଯାହା ଅତ୍ୟଧିକ ମୂଲ୍ୟରେ ଆସୁଥିବା ଆମଦାନୀକୁ ରୋକିବା ପାଇଁ ଅତ୍ୟନ୍ତ ଆବଶ୍ୟକ ଥିଲା। ସରକାରଙ୍କ ଏହି ସହଯୋଗ ନିବେଶକମାନଙ୍କୁ ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କ୍ଷମତା ଲକ୍ଷ୍ୟ ହାସଲ ପାଇଁ ନୂତନ ଉତ୍ସାହ ସହ କାମ କରିବାକୁ ପ୍ରେରଣା ଦେବା ସହ ଏକ ଆତ୍ମନିର୍ଭର ଭାରତ ତଥା ବିକଶିତ ଭାରତ ନିର୍ମାଣ ଦିଗରେ ଅଗ୍ରସର କରିବ। ଭାରତର ଜାତୀୟ ଇସ୍ପାତ ନୀତି-୨୦୧୭ରେ ଦେଶର ଇସ୍ପାତ ଉତ୍ପାଦନ କ୍ଷମତାକୁ ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଘରୋଇ ବଜାରରେ ଯଥେଷ୍ଟ ପୁଞ୍ଜିନିବେଶ ଏବଂ ବିଶ୍ୱାସର ଆବଶ୍ୟକତା ରହିଛି, ଯାହା କି ନୂତନ ଭାବେ ଲାଗୁ ହୋଇଥିବା ସେଫଗାର୍ଡ ଡ୍ୟୁଟି ପରି ସୁରକ୍ଷାମୂଳକ ପଦକ୍ଷେପ ଦ୍ୱାରା ସୁଦୃଢ଼ ହୋଇପାରିଛି। ସରକାରଙ୍କ ଏହି ପଦକ୍ଷେପ ଭାରତକୁ ବିଦେଶୀ ଇସ୍ପାତ ଆମଦାନୀକୁ ନିୟନ୍ତ୍ରଣ କରିବା ସହିତ ଘରୋଇ ଉତ୍ପାଦନ କ୍ଷେତ୍ରକୁ ସୁରକ୍ଷା ଦେବା ପାଇଁ ଚାହୁଁଥିବା ଅନ୍ୟ ଦେଶମାନଙ୍କ ସହିତ ସମକକ୍ଷ କରୁଛି, ଏକ ସମାନ କ୍ଷେତ୍ର ସୃଷ୍ଟି କରି ଏହି ସେଫଗାର୍ଡ ଡ୍ୟୁଟି ନିବେଶକଙ୍କ ବିଶ୍ୱାସକୁ ସୁଦୃଢ଼ କରିବ ଏବଂ ଜାତୀୟ ଅଭିବୃଦ୍ଧିରେ ଇସ୍ପାତ କ୍ଷେତ୍ରର ଅବଦାନକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। ଇସ୍ପାତ ଶିଳ୍ପର ଭବିଷ୍ୟତ ପାଇଁ ଏହି ସେଫଗାର୍ଡ ଶୁଳ୍କର କାର୍ଯ୍ୟାନ୍ୱୟନ ଭାରତର ଆତ୍ମନିର୍ଭରଶୀଳତା ଏବଂ ଆର୍ଥିକ ସ୍ଥିରତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ।

# ରାଜକୁମାର ସନ୍ କିଙ୍ଗର ବ୍ରାଣ୍ଡ ଆମ୍ବାସାଡର




ରାଜକୁମାର ରାଓଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀ ଉପସ୍ଥିତ ଅଛନ୍ତି।

ମୁମ୍ବାଇ,୨୨।୪

ବଲିଉଡ୍ ଅଭିନେତା ରାଜକୁମାର ରାଓ ସନ୍ କିଙ୍ଗର ନୂତନ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ ହୋଇଛନ୍ତି। ଏପରିକି ସନ୍ କିଙ୍ଗ୍ ସୌରଚାଳିତ ଏବଂ ଶକ୍ତି-ଦକ୍ଷ ବୈଦ୍ୟୁତିକ ଉତ୍ପାଦ-ଯାହା ସମଗ୍ର ଭାରତରେ ଲକ୍ଷ ଲକ୍ଷ ଗ୍ରାହକଙ୍କ ଦ୍ୱାରା ବ୍ୟବହୃତ ହେଉଛି। ଅପରପକ୍ଷରେ ଏହା ଭରସାଯୋଗ୍ୟ ବିଜୁଳିର ଅଭାବ ଥିବା ଘରେ ଆଲୋକ, ଶକ୍ତି ଏବଂ ଆରାମ ଆଣିଥାଏ। ରାଜକୁମାର ରାଓଙ୍କୁ ନେଇ ବ୍ରାଣ୍ଡ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି, ଯେଉଁମାନେ ଅଧିକ ଖର୍ଚ୍ଚ କିମ୍ବା ସ୍ମାର୍ଟ, ଶସ୍ତା, ପରିବେଶ ଅନୁକୂଳ ଉପକରଣ ବିନା ଭରସାଯୋଗ୍ୟ ଶକ୍ତି ଚାହୁଁଛନ୍ତି। ଏ ନେଇ ରାଜକୁମାର ରାଓ କହିଛନ୍ତି, ମୁଁ ସବୁବେଳେ ଏଭଳି ପରିବର୍ତ୍ତନରେ ବିଶ୍ୱାସ କରିଥାଏ, ଯାହା ଲୋକଙ୍କ ଦୈନନ୍ଦିନ ଜୀବନରେ ଉନ୍ନତି ଆଣିଥାଏ। ସନ୍ କିଙ୍ଗ୍ ସୌର ଏବଂ ବୈଦ୍ୟୁତିକ ଉତ୍ପାଦ ଠିକ୍ ତାହା କରିଥାଏ। ଭାରତକୁ ନିରନ୍ତର ଭାବେ ଚମକାଇବା ପାଇଁ ସାହାଯ୍ୟ କରୁଥିବା ଏହି ବ୍ରାଣ୍ଡକୁ ସମର୍ଥନ କରି ମୁଁ ନିଜକୁ ଗର୍ବିତ ଅନୁଭବ କରୁଛି। ସନ୍ କିଙ୍ଗ୍ ଏସିଆ ମାର୍କେଟିଂ ମୁଖ୍ୟ ସୁରଭି ଶର୍ମା କହିଛନ୍ତି, ରାଜକୁମାର ରାଓ ଆମେ କରୁଥିବା ସମାନ ଜିନିଷ-ବାସ୍ତବ ଦୁନିଆର ପ୍ରଭାବ, ବିଶ୍ୱାସ ଏବଂ ଉପଲବ୍ଧତା ପାଇଁ ଠିଆ ହୋଇଛନ୍ତି। ଆମେ ସମସ୍ତେ ମିଶି ଏପରି କାହାଣୀ କହିବୁ, ଯାହା ସମଗ୍ର ଭାରତରେ ପରିବାରର ଆଶା ଏବଂ ବାସ୍ତବତାକୁ ପ୍ରତିଫଳିତ କରିଥାଏ। ସନ୍ କିଙ୍ଗର ଏସିଆ ଓ ଲାଟିନ ଆମେରିକାର ଜେନେରାଲ ମ୍ୟାନେଜର ସାହିଲ ଖାନ୍ନା କହିଛନ୍ତି, ବଲିଉଡ୍ ସାରା ଭାରତରେ ଲକ୍ଷ ଲୋକଙ୍କୁ ପ୍ରେରଣା ଯୋଗାଇଥାଏ ଏବଂ ରାଜକୁମାର ରାଓ ବାସ୍ତବ, ମାନବିକ କାହାଣୀ ସହିତ ତାଙ୍କର ଆନ୍ତରିକତା ଏବଂ ସମ୍ପର୍କ ପାଇଁ ଜଣାଶୁଣା।

# ଏବି ଏନର୍ଜିଆ ସହ ଜେଏସ୍‌ଏଲ୍‌ର ବୁଝାମଣା



ଭୁବନେଶ୍ୱର,୨୨।୪

ଏବି ଏନର୍ଜିଆ ସଲ୍ୟୁସନ୍ସ ପ୍ରାଇଭେଟ୍ ଲମିଟେଡ୍ ଏବଂ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍(ଜେଏସ୍‌ଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏହି ବୁଝାମଣା ଅନୁଯାୟୀ ଓଡ଼ିଶାର ଯାଜପୁରଠାରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଉତ୍ପାଦନର ଅଂଶ ହୋଇ ସୌର ପ୍ରକଳ୍ପ ସ୍ଥାପନ ଓ ଏହାର ସଫଳ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଘୋଷଣା କରିଛନ୍ତି। ଅପରପକ୍ଷରେ ଏହି ଭୂମିପୂଜନ ପଦକ୍ଷେପର କ୍ରମାଗତ କ୍ଷମତା ୩୦ ଏମ୍‌ଡବ୍ଲ୍ୟୁପିରୁ ଅଧିକ ରହିଛି, ଯାହା ଓଡ଼ିଶାର ଶିଳ୍ପ କ୍ୟାମ୍ପସ ମଧ୍ୟରେ ସର୍ବବୃହତ ବୋଲି କୁହାଯାଉଛି। ସେହିଭଳି ଏବି ଏନର୍ଜି ସହିତ ସହଭାଗୀ ହୋଇ ଜିନ୍ଦଲ ଷ୍ଟେନଲେସ ଦ୍ୱାରା ଏହାର ଯାଜପୁରସ୍ଥିତ ୟୁନିଟ୍‌ରେ ସ୍ଥାପିତ ସୌରଶକ୍ତି ପ୍ଲାଣ୍ଟରେ ଏକ ୭.୩୨୪ ଏମ୍‌ଡବ୍ଲ୍ୟୁପି ସୌର ପ୍ଲାଣ୍ଟ ଓ ୨୩.୦୨ ଏମ୍‌ଡବ୍ଲ୍ୟୁପି ଛାତ ଉପରେ ସୌର ପ୍ରଣାଳୀ ଅନ୍ତର୍ଭୁକ୍ତ ହୋଇଛି। ଏହି ଅତ୍ୟାଧୁନିକ ପ୍ଲାଣ୍ଟରେ ବାର୍ଷିକ ପ୍ରାୟ ୪୪.୩ ନିୟୁତ ସବୁଜ ଶକ୍ତି ଉତ୍ପାଦିତ ହେବ, ଯାହା ପାରମ୍ପରିକ ଗ୍ରୀଡ୍ ବିଦ୍ୟୁତ୍ ଶକ୍ତି ଦ୍ୱାରା ପରିଚାଳିତ ହେଉଥିଲା। ଏହା ୧୨,୦୦୦-୧୫,୦୦୦ ପରିବାରକୁ ବିଦ୍ୟୁତ୍ ପ୍ରଦାନ କରିବ ଓ ବାର୍ଷିକ ୩୨,୨୦୮ମେଟ୍ରିକ ଟନ୍ ସିଓ୨ ନିର୍ଗମନ ହ୍ରାସ କରିବା ସହ ସମାନ ହେବ।

ଏ ସମ୍ପର୍କରେ ଜେଏସ୍‌ଏଲ୍ ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଆମେ ରଣନୀତିକ ସହଭାଗିତା ଜରିଆରେ ଆମର ନେଟ୍ ଜିରୋ କାର୍ବନ ଲକ୍ଷ୍ୟ ହାସଲ ଓ ସ୍ଥାୟୀ ଭିତ୍ତିଭୂମି ନିବେଶ କରିବା ଦିଗରେ ଆଗକୁ ବଢୁଛୁ। ଏପରିକି ଆମର ଯାଜପୁରର ଏହି ପ୍ଲାଣ୍ଟ ସର୍ବବୃହତ୍ କ୍ୟାପ୍‌ଟିଭ ସୌର ପ୍ଲାଣ୍ଟ ଭାବେ କାର୍ଯ୍ୟକ୍ଷମ ହେବ। ଏହି ଯାତ୍ରାରେ ଆମେ ନବସୃଜନ ସହ ନବୀକରଣୀୟ ଶକ୍ତିଉତ୍ସକୁ ସମନ୍ୱିତକରି ଏକ ବିଶ୍ୱସ୍ତରୀୟ ସ୍ଥାୟିତ୍ୱ ମାନଦଣ୍ଡ ପ୍ରତିଷ୍ଠା ପ୍ରତି ଉତ୍ତରଦାୟୀ ରହି ଭାରତରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦନର ଭବିଷ୍ୟତକୁ ପୁନର୍ଭାଷିତ କରୁଛୁ। ସେହିଭଳି ଏବି ଏନର୍ଜିଆର ସିଇଓ ସିଦ୍ଧାର୍ଥ ଭାଟିଆ କହିଛନ୍ତି, ଆମେ ଏହି ଐତିହାସିକ ପଦକ୍ଷେପ ଜରିଆରେ ଶକ୍ତି ସମାଧାନ ଉଦ୍ଦେଶ୍ୟରେ ଆଗକୁ ପାଦେ ବଢୁଥିବା ହେତୁ ଆନନ୍ଦିତ ଅଛୁ।

# ମୀନାକ୍ଷୀ ରାମରାଜ କଟନର ବ୍ରାଣ୍ଡ୍ ଆମ୍ବାସାଡାର

## ମ୍ରିଥୁ ଟାୱେଲର ଅନାବରଣ

ଭୁବନେଶ୍ୱର,୨୨।୪

ଦେଶର ପ୍ରମୁଖ ପ୍ରିମିୟମ କଟନ ବ୍ରାଣ୍ଡ 'ରାମରାଜ କଟନ'ର ନୂତନ ଟାୱେଲ ରେଞ୍ଜ 'ମ୍ରିଥୁ ଟାୱେଲ'ର ଅନାବରଣ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅଭିନେତ୍ରୀ ମୀନାକ୍ଷୀ ଚୌଧାରୀ ରାମରାଜ କଟନ (ମ୍ରିଥୁ ଟାୱେଲ)ର ବ୍ରାଣ୍ଡ୍ ଆମ୍ବାସାଡାର ଭାବେ ନିଯୁକ୍ତ ହୋଇଛନ୍ତି। ଅପରପକ୍ଷରେ ବ୍ରାଣ୍ଡ୍‌ର ଏହି ନୂତନ ଉତ୍ପାଦ/ ରେଞ୍ଜର ଗୁଣାବତ୍ତା, ଲକ୍‌ଜୁରି, କମ୍ଫର୍ଟ ଏବଂ ଡିଜାଇନ ସବୁ ବର୍ଗର ଗ୍ରାହକଙ୍କୁ ସୁହାଇବ। ଏପରିକି ଏହା ଶତ ପ୍ରତିଶତ କଟନ ଏବଂ ବାମ୍ବୁ ଫାଇବରର ଉତ୍ପାଦ ହୋଇଥିଲାବେଳେ ବଜାରରେ ଏହା ପସନ୍ଦର ଉତ୍ପାଦ ହେବ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଇଛି।

ଏ ସମ୍ପର୍କରେ ରାମରାଜ କଟନର ଏମ୍‌ଡି ଅରୁଣ ଈଶ୍ୱର କହିଥିଲେ, ଆମେ ଆମର ନୂତନ ଉତ୍ପାଦ ରେଞ୍ଜକୁ ଆନୁଷ୍ଠାନିକ ଭାବେ ଅନାବରଣ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକିମୀନାକ୍ଷୀଚୌଧାରୀଙ୍କ ଭଳି ଲୋକପ୍ରିୟ ଅଭିନେତ୍ରୀଙ୍କୁ ମ୍ରିଥୁ ଟାୱେଲର ବ୍ରାଣ୍ଡ୍ ଆମ୍ବାସାଡାର ଭାବେ ଚୟନ କରି ବେଶ୍ ଆଶାବାଦୀ ରହିଛୁ। ଆମେ ସବୁବେଳେ ଗ୍ରାହକଙ୍କ ଆବଶ୍ୟକତା ଓ ବଜାର ଚାହିଦା ଅନୁଯାୟୀ ଉତ୍ପାଦର ବଜାର ପ୍ରବେଶ ସାଙ୍ଗକୁ ଗୁଣବତ୍ତା ଓ ଡିଜାଇନକୁ ପ୍ରାଥମିକତା ଦେଇଥାଉ।

ସେହିଭଳି ମୀନାକ୍ଷୀ ଚୌଧାରୀ କହିଥିଲେ, ମୁଁ ରାମରାଜ କଟନର ନୂତନ ଉତ୍ପାଦ ରେଞ୍ଜ 'ମ୍ରିଥୁ ଟାୱେଲ'ର ବ୍ରାଣ୍ଡ୍ ଆମ୍ବାସାଡାର ଭାବେ ମନୋନୀତ ହୋଇଥିବାରୁ ବେଶ୍ ଆନନ୍ଦିତ ଅଛି। ବ୍ରାଣ୍ଡ୍ ଓ ଉତ୍ପାଦର ପ୍ରଚାରପ୍ରସାର ସହିତ 'ମ୍ରିଥୁ ଟାୱେଲ'କୁ ସବୁ ବର୍ଗର ଗ୍ରାହକଙ୍କ ନିକଟତର କରାଇବାକୁ ପ୍ରୟାସ କରିବି ବୋଲି ସେ ମତପ୍ରକାଶ କରିଥିଲେ।




ରାମରାଜ କଟନର ନୂତନ ଉତ୍ପାଦ ରେଞ୍ଜ 'ମ୍ରିଥୁ ଟାୱେଲ'କୁ ଅଭିନେତ୍ରୀ ତଥା ବ୍ରାଣ୍ଡ ଆମ୍ବାସାଡାର ମୀନାକ୍ଷୀ ଚୌଧାରୀ ଅନାବରଣ କରୁଛନ୍ତି। ଏହି ଅବସରରେ ରାମରାଜ କଟନର ଏମ୍‌ଡି ଅରୁଣ ଈଶ୍ୱର ଉପସ୍ଥିତ ଅଛନ୍ତି।

# ଏଚ୍‌ସିଏଲ୍ ଜିଗ୍‌ସର ୬ଷ୍ଠ ସଂସ୍କରଣ

ମୁମ୍ବାଇ,୨୨।୪

ଏଚ୍‌ସିଏଲ୍ ଗ୍ରୁପ୍‌ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ଭାରତର ସବୁଠାରୁ ବଡ଼ ସମସ୍ୟା ସମାଧାନକାରୀ ମୂଲ୍ୟାୟନ ପ୍ଲାଟ୍‌ଫର୍ମ 'ଏଚ୍‌ସିଏଲ୍ ଜିଗ୍‌ସ'ର ୬ଷ୍ଠ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏକ ଉଦ୍ଭାବନ ଓ ବିଶ୍ଳେଷଣାତ୍ମକ ଦକ୍ଷତାକୁ ବିକଶିତ କରିବା ପାଇଁ ଡିଜାଇନ ହୋଇଥିବା ଏଚ୍‌ସିଏଲ୍ ଜିଗ୍‌ସ ସୃଜନଶୀଳ ଓ ଯୁକ୍ତିଯୁକ୍ତ ବିଚାରଧାରା ମାଧ୍ୟମରେ ବାସ୍ତବ ଦୁନିଆର ଆହ୍ୱାନଗୁଡ଼ିକର ମୁକାବିଲା କରିବା ପାଇଁ ଯୁବ ପ୍ରତିଭାମାନଙ୍କୁ ସଶକ୍ତ କରିବା ଜାରି ରଖିଛି। ସେହିଭଳି ଏହି ପ୍ଲାଟ୍‌ଫର୍ମ ୬ଷ୍ଠରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଅନୁସନ୍ଧାନ, ଜଟିଳ ବିଚାରଧାରା ଓ ଯୋଗାଯୋଗ ସମେତ ଏକବିଂଶ ଶତାବ୍ଦୀର ପ୍ରମୁଖ ଦକ୍ଷତାଗୁଡ଼ିକ ଉପରେ ମୂଲ୍ୟାୟନ କରିଥାଏ ଏବଂ ସେମାନଙ୍କୁବାସ୍ତବଦୁନିଆରସମସ୍ୟାଗୁଡ଼ିକର ସମାଧାନ କରିବା ପାଇଁ ସେହି ଦକ୍ଷତାକୁ ପ୍ରୟୋଗ କରିବାରେ ସାହାଯ୍ୟ କରିଥାଏ।

ସେହିପରି ଇଚ୍ଛୁକ ଛାତ୍ରୀଛାତ୍ର କିମ୍ବା ବିଦ୍ୟାଳୟଗୁଡ଼ିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଆସନ୍ତା ଜୁଲାଇ ୩୧ ସୁଦ୍ଧା www.hcljigsaw.com ରେ ପଞ୍ଜୀକରଣ କରିପାରିବେ। ଏଚ୍‌ସିଏଲ୍ ଗ୍ରୁପ୍‌ର ସହ ଉପାଧ୍ୟକ୍ଷ ଓ ବ୍ରାଣ୍ଡ ମୁଖ୍ୟ ରଜତ ଚନ୍ଦୋଲିଆ କହିଛନ୍ତି,ଆମେ ଏକ ଗତିଶୀଳ ଦୁନିଆରେ ସଫଳ ହେବା ପାଇଁ ଦକ୍ଷତା ସହ ସୁସଜ୍ଜିତ କରି ଯୁବ ପ୍ରତିଭାମାନଙ୍କ କ୍ଷମତାକୁ ଉନ୍ମୋଚନ କରିବା ପାଇଁ ଲକ୍ଷ୍ୟ ରଖିଛୁ। ଏଚ୍‌ସିଏଲ୍ ଜିଗ୍‌ସ ଏକ କୁଇଜ୍ କିମ୍ବା ଅଲିମ୍ପିଆଡ୍ ନୁହେଁ, ବରଂ ଏହା ଯୁବ ଥିଙ୍କର, କୋଲାବରେଟର ଓ କ୍ରିଏଟରଙ୍କ ପାଇଁ ଏକ ଲଞ୍ଚ୍‌ପ୍ୟାଡ୍। ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତାରେ ଅନେକ ଉତ୍ସାହଜନକ ଅଂଶଗ୍ରହଣ ପାଇଛୁ ଏବଂ ଚଳିତ ସଂସ୍କରଣରେ ବିଦ୍ୟାଳୟଗୁଡ଼ିକୁ ସେମାନଙ୍କର ଛାତ୍ରୀଛାତ୍ରଙ୍କ କ୍ଷମତାକୁ ଉନ୍ମୋଚନ କରିବା ପାଇଁ ଆହୁରି ଅଧିକ ଅନୁପ୍ରାଣିତ କରିବା ନେଇ ଆମେ ଉତ୍ସାହିତ ରହିଛୁ।

# ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୨୨।୪: କ୍ରମାଗତ ୬ଷ୍ଠ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୮୭.୦୯ ପଏଣ୍ଟ ବୃଦ୍ଧି ଘଟି ୭୯,୫୯୫.୫୯ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୪୧.୭୦ ପଏଣ୍ଟ ବଢ଼ି ୨୪,୧୬୭.୨୫ ଅଙ୍କରେ କାରବାର ଶେଷ ହୋଇଥିଲା।

# ଡିଏଆଇଏସ୍ ଏଫ୍‌ଟିସିକୁ ପ୍ରଥମ ବିଶ୍ୱ ରୋବୋଟିକ୍ସ ଟାଇଟଲ



ବିଜୟୀ ଦଳର ଛାତ୍ରୀଛାତ୍ରମାନେ।

ମୁମ୍ବାଇ,୨୨।୪

ଧୀରୁଭାଇ ଅମ୍ବାନୀ ଇଣ୍ଟରନ୍ୟାଶନାଲ ସ୍କୁଲ (ଡିଏଆଇଏସ୍) ମୁମ୍ବାଇର ଦୁଇଟି ରୋବୋଟିକ୍ସ ଦଳ ଟିମ୍ ମାଟ୍ରିକ୍ସ ଏବଂ ଟିମ୍ ୟୁରେକା ଫାଷ୍ଟ ଟେକ୍ ଚ୍ୟାଲେଞ୍ଜ ବିଶ୍ୱ ଚାମ୍ପିୟନଶିପ ୨୦୨୫ରେ ଇତିହାସ ସୃଷ୍ଟି କରିଛନ୍ତି। ଉଭୟ ଦଳ ଫାଇନାଲରେ ପରସ୍ପର ସହ ମୁହାଁମୁହିଁ ହୋଇଥିଲେ ଏବଂ ଟିମ୍ ମାଟ୍ରିକ୍ସ ବିଜୟୀ ହୋଇ ଭାରତକୁ ପ୍ରଥମ ଥର ପାଇଁ ଟାଇଟଲ ଦେଇଥିଲେ। ଏହି ପ୍ରତିଯୋଗିତା ଆମେରିକାର ହ୍ୟୁଷ୍ଟନରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ୩୦ରୁ ଅଧିକ ଦେଶର ୨୫୬ଟି ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରିଥିଲେ। ଟିମ୍ ମାଟ୍ରିକ୍ସ ସମଗ୍ର ଟୁର୍ନାମେଣ୍ଟରେ ଅପରାଜିତ ରହିଥିଲା ଏବଂ ଫାଇନାଲରେ ମୋଟ ୫୪୧ ପଏଣ୍ଟ ସ୍କୋର କରିଥିଲା। ଏହା ଥିଙ୍କ ପୁରସ୍କାରରେ ଦ୍ୱିତୀୟ ସ୍ଥାନ ମଧ୍ୟ ଅଧିକାର କରିଥିଲା। ଟିମ୍ ୟୁରେକା ମଧ୍ୟ ଭଲ ପ୍ରଦର୍ଶନ କରିଥିଲା ଏବଂ କନେକ୍ଟ ପୁରସ୍କାର ଜିତିଥିଲା। ଭାରତରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ମଧ୍ୟ ଉଭୟ ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ ଏବଂ ଅନେକ ରେକର୍ଡ ଭାଙ୍ଗିଥିଲେ। ଡିଏଆଇଏସ୍‌ରେ ରୋବୋଟିକ୍ସ ୨୦୧୮ରେ ଆରମ୍ଭ ହୋଇଥିଲା ଏବଂ ମାତ୍ର କିଛି ବର୍ଷ ମଧ୍ୟରେ ସ୍କୁଲର ଦଳଗୁଡ଼ିକ ଜାତୀୟ ଏବଂ ବର୍ତ୍ତମାନ ଅନ୍ତର୍ଜାତୀୟ ସ୍ତରରେ ଚମକ ଦେଖାଇବା ଆରମ୍ଭ କରିଛନ୍ତି।

ଏହି ଅବସରରେ ଧୀରୁଭାଇ ଅମ୍ବାନୀ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତିଷ୍ଠାତା ଅଧ୍ୟକ୍ଷା ନୀତା ଏମ୍. ଅମ୍ବାନୀ କହିଛନ୍ତି, ଏହା ଆମ ସମସ୍ତଙ୍କ (ଡିଏଆଇଏସ୍ ଏବଂ ଭାରତ) ପାଇଁ ଏକ ଅତ୍ୟନ୍ତ ଗର୍ବ ଏବଂ ଆନନ୍ଦର ମୁହୂର୍ତ୍ତ। ଆମର ଉଭୟ ଏଫ୍‌ଟିସି ଦଳ ଟିମ୍ ମାଟ୍ରିକ୍ସ ଏବଂ ଟିମ୍ ୟୁରେକା ଫାଇନାଲରେ ପହଞ୍ଚି ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ମଧ୍ୟରେ ପରସ୍ପର ବିପକ୍ଷରେ ପ୍ରତିଯୋଗିତା କରିଥିଲେ। ଏହା ଏକ ଅତ୍ୟନ୍ତ ସ୍ୱତନ୍ତ୍ର ଏବଂ ଅନନ୍ୟ ସଫଳତା। ଆମେ ବିଶେଷ ଭାବେ ଗର୍ବିତ ଯେ ଆମର ଗୋଟିଏ ଦଳ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଛି। ଏହି ସଫଳତା ଭାରତର ଯୁବପିଢ଼ି ପାଇଁ ପ୍ରେରଣା ଦେବ। ୨୦୧୮ରେ ଛୋଟ ଭାବେ ଆରମ୍ଭ ହୋଇଥିବା ରୋବୋଟିକ୍ସ ପ୍ରକଳ୍ପ ଆଜି ଭାରତକୁ ଷ୍ଟେମର ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିଛି। ମୁଁ ଆମର ଛାତ୍ର, ଶିକ୍ଷକ, ଅଭିଭାବକ ଏବଂ ଏହି ଯାତ୍ରାର ଅଂଶୀଦାର ରହିଥିବା ସମସ୍ତଙ୍କୁ ହୃଦୟର ସହ ଅଭିନନ୍ଦନ ଜଣାଉଛି।


**FORM NO. 3**
**[See Regulation-15(1)(a)]**
**IN DEBTS RECOVERY APPELLATE TRIBUNAL AT KOLKATA**
**9, Old Post Office Street, 7th Floor, Kolkata-700001**
**Appeal No. 52 OF 2019**
**Arising out of S.A. No. 4 of 2019 in DRT, Cuttack**
**STATE BANK OF INDIA ......Appellant**
**-Versus-**
**ANSHUMAN MISHRA & ORS. ......Respondents**
To,
**(1-A) ANSHUMAN MISHRA,** residing at Parada Padia, Ward No. 10, behind Surya Niwas, P.O & P.S.: Baripada, Dist.: Mayurbhanj, PIN-757001. **(Respondent No. 1-A)**
**(1-B) ARATI MISHRA,** residing at Parada Padia, Ward No. 10, behind Surya Niwas, P.O & P.S.: Baripada, Dist.: Mayurbhanj, PIN-757001. **(Respondent No. 1-B)**
**(1-C) LINU MISHRA,** residing at Brahma Mandir Sahi, Unit No. 10, P.O & P.S.: Baripada, Dist.: Mayurbhanj, PIN-757001. **(Respondent No. 1-C)**
**(1-D) LIPI DAS,** residing at Brahma Mandir Sahi, Unit No. 10, P.O & P.S.: Baripada, Dist.: Mayurbhanj, PIN-757001. **(Respondent No. 1-D)**
**(2) M/S. KAMAYAB TELEVISION PVT. LTD.,** represented through its Managing Director **Sri Manoj Dash,** at 159, Alaka Building, Unit-2, Ashok Nagar, Bhubaneswar-751009. **(Respondent No. 2)**
**(3) SRI MANOJ DASH,** Son of Goura Charan Das, at 159, Alaka Building, Unit-2, Ashok Nagar, Bhubaneswar-751009. **(Respondent No. 3)**
**(4) SMT. LIPI DAS,** W/o- Sri Manoj Dash, Director of M/s. Kamyab Television Pvt. Ltd., at 159, Alaka Building, Unit-2, Ashok Nagar, Bhubaneswar-751009. **(Respondent No. 4)**
**(5) SRI SUKANTA NAYAK,** Son of Late Sadhu Charan Nayak, at Plot No. 176, Baramunda Housing Board Colony, P.S.: Khandagiri, Bhubaneswar-751003. **(Respondent No. 5)**

**SUMMONS**

1. WHEREAS the appellant has filed an appeal U/s. 18 of the Securitization and Reconstruction of Financial Assets & Enforcement of Security Interest Act, 2002, against the order passed by the Ld. Presiding Officer, DRT, Cuttack and other reliefs. You are hereby summoned to appear and file written statement before this Tribunal at **10.30 a.m.** or at such time immediately thereafter according to the convenience of Tribunal on **14.05.2025** to answer the claim.
2. If you intend to file any documents, you may file the same with a list along with the written statement.
3. You should file your registered address and a memo of appearance when you enter appearance before the Tribunal either in person or by a pleader/Advocate duly instructed.
4. Take notice that, in default of, your appearance on the day mentioned herein before, the proceeding will be heard and determined in your absence.

Given under my hand and the seal of this Tribunal on this **17th day of April, 2025.**

**Signature of the Officer**
**Authorized to issue Summons**
**Sd/- Registrar**
**Debts Recovery Appellate Tribunal, Kolkata**



**TPNODL**
**TP Northern Odisha Distribution Limited**
(A Tata Power & Odisha Govt. Joint Venture)
Regd. Off : Corp Office, Januganj, Remuna Golei, Balasore, Odisha-756019
CIN No. : U40106OR2021SGC035951 ; Website : www.tpnodl.com

**NOTICE INVITING TENDER (NIT) April 23rd 2025**

**TP Northern Odisha Distribution Limited** invites tender from eligible Bidders for the following :

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500000907 | Rate Contract for Supply of ACCUCHECK METER FOR LTCT & 3P WC METER |
| 2 | TPNODL/OT/2025-26/2500000919 | Rate Contract for control & relay panel retrofitting work |
| 3 | TPNODL/OT/2025-26/2500000931 | Rate Contract for Operation & Maintenance Solar Microgrids |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.
**Chief-Contracts & MM**



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ଜନନ ହସ୍ପିଟାଲ ରୋଡ୍, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା

**ଗାଡ଼ି ନିଲାମ ନୋଟିସ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି, **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ଦ୍ୱାରା ଦଖଲ ନିଆଯାଇଥିବା ନିମ୍ନଲିଖିତ ଗାଡ଼ିକୁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପି.ବି.ନଂ.:୧୯, ଚିନ୍ନା ବଜାର, ହନୁମାନ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୨** ଠାରେ **ତା.୩୦.୦୪.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା** ସମୟରେ ସର୍ବସାଧାରଣରେ ନିଲାମ କରାଯିବ।

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାଙ୍କ ନାମ | ଗାଡ଼ିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା |
|---|---|---|---|---|
| ୧. | ବ୍ରହ୍ମପୁର-୨ ଶାଖା | ପୂର୍ଣ୍ଣବାସୀ ବେହେରା | ASHOK LEYLAND LTD., BADA DOST I4TNDD, Regd. No.: OD07AM6530 | ଟ.୫,୧୩,୦୦୦/- (ଜିଏସ୍‌ଟି ବ୍ୟତୀତ) / ଟ.୫୧,୩୦୦/- |

**ଗାଡ଼ି ଯାଞ୍ଚ କରିବାର ତାରିଖ ଓ ସମୟ: ସୁରଜ ବିହାର, ୨ୟ ଲେନ୍, ବ୍ରହ୍ମପୁର ଠାରେ ତା.୨୯.୦୪.୨୦୨୫ରିଖ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ସମୟ ମଧ୍ୟରେ**

**ନିୟମ ଏବଂ ସର୍ତ୍ତାବଳୀ:**
୧. ଗାଡ଼ି "ଯେଉଁଠାରେ ଯେପରି ଅଛି", "ସେଠାରେ ଯାହା ଅଛି" ଏବଂ "ବିନା ଆଇନଗତ ସହାୟତା" ଭିତ୍ତିରେ ୱାରେଣ୍ଟି ଏବଂ ଇଣ୍ଡେମିନିଟିଜ୍ ବିନା ବିକ୍ରୟ କରାଯିବ।
୨. ବିକ୍ରୟ ମୂଲ୍ୟ ନିମିତ୍ତ ପ୍ରଯୁଜ୍ୟ ଜିଏସ୍‌ଟି ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ।
୩. ଟେଣ୍ଡର ସହିତ **ସଂରକ୍ଷିତ ମୂଲ୍ୟର ୧୦% ଅମାନତ ରାଶି** ପୃଥକ୍ ଲଟ୍‌ରେ **"ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ" ସପକ୍ଷରେ ଡ୍ର କରାଯାଇ ଏବଂ ବ୍ରହ୍ମପୁରକୁ ପୈଠ ଦର୍ଶାଇ ଡିମାଣ୍ଡ ଡ୍ରାଫ୍ଟ** ନିମ୍ନସ୍ୱାକ୍ଷରକାରୀଙ୍କ ଠାରେ **ତା.୨୯.୦୪.୨୦୨୫ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ।
୪. ନିର୍ଦ୍ଦିଷ୍ଟ ଗାଡ଼ିର ଟେଣ୍ଡରଗୁଡ଼ିକ ସମସ୍ତ ଟେଣ୍ଡରଦାତାଙ୍କ ଉପସ୍ଥିତିରେ ଖୋଲାଯିବ ଏବଂ ନିଲାମ ପାଇଁ ସର୍ବୋଚ୍ଚ ବିଡ୍‌କୁ ଫ୍ଲୋର୍ ପ୍ରାଇସ୍ ଭାବେ ବିବେଚନା କରାଯିବ।
୫. ସଂରକ୍ଷିତ ମୂଲ୍ୟ ଠାରୁ କମ୍ ମୂଲ୍ୟର ପ୍ରସ୍ତାବର ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ।
୬. ସଫଳ ନିଲାମଧାରୀଙ୍କୁ ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଚୂଡ଼ାନ୍ତ ନିଲାମ ରାଶିର ୨୫% ସଙ୍ଗେ ସଙ୍ଗେ ଜମା କରିବାକୁ ପଡ଼ିବ ଏବଂ ଅବଶିଷ୍ଟ ରାଶି ନିଲାମ ତାରିଖ ଠାରୁ **୭ଦିନ ମଧ୍ୟରେ** ଜମା କରିବାକୁ ପଡ଼ିବ।
୭. ଯଦି ବିଡ୍ ରାଶିର ୨୫% (ଅମାନତ ରାଶି ବାଦ୍ ଦେଇ) ନିଲାମ ତାରିଖ ଦିନ ଏବଂ/କିମ୍ବା ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ୭୫% ବିଡ୍ ରାଶି ପୈଠ କରିବାକୁ ବିଫଳ ହୁଅନ୍ତି, ତେବେ ନିମ୍ନସ୍ୱାକ୍ଷରକାରୀଙ୍କ ସ୍ୱତନ୍ତ୍ର କ୍ଷମତା ବଳରେ ପୂର୍ବରୁ ଜମା ହୋଇଥିବା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ରାଶିକୁ ବାଜ୍ୟାପ୍ତି କରାଯିବ।
୮. ଟେଣ୍ଡର ଥରେ ଦାଖଲ ହେବା ପରେ ନିଲାମ ସମ୍ପୂର୍ଣ୍ଣ ନହେବା ଯାଏଁ କୌଣସି ପ୍ରକାରେ ଫେରସ୍ତ କରାଯିବ ନାହିଁ।
୯. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବଗୁଡ଼ିକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଅଛି। ସମସ୍ତ ପ୍ରସଙ୍ଗରେ ବ୍ୟାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।
୧୦. ଯେଉଁମାନେ କେବଳ ଅମାନତ ରାଶି ଦାଖଲ କରିଛନ୍ତି ସେମାନଙ୍କୁ ଟେଣ୍ଡର ତଥା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ।
୧୧. **ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ଏହା ଏକ ନୋଟିସ୍ ଭାବେ ବିବେଚନା କରାଯିବ।**
୧୨. ଅନ୍ୟ କୌଣସି ସୂଚନା ପାଇଁ ଇଚ୍ଛୁକ ନିଲାମଧାରୀମାନେ **ବରିଷ୍ଠ ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ରହ୍ମପୁର-୨ ଶାଖା, ଫୋନ୍ ନଂ.: ୬୩୭୦୨୫୨୪୯୪**ଙ୍କ ସହ ଯୋଗାଯୋଗ କରନ୍ତୁ।
୧୩. ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ **www.unionbankofindia.com** ଦେଖନ୍ତୁ।

**ସ୍ଥାନ: ବ୍ରହ୍ମପୁର, ତାରିଖ: ୨୨.୦୪.୨୦୨୫** **ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

## ସଂକ୍ଷେପରେ

### ଡାକ୍ତରଖାନା ସାମ୍ନାରୁ ବାଇକ୍ ଚୋରି

ଭଦ୍ରକ,୨୨।୪(ସନାତନ ରାଉତ)

ଭଦ୍ରକ ଗେଲପୁରସ୍ଥିତ ମାତୃ, ଶିଶୁ ବିଭାଗ ଡାକ୍ତରଖାନା ସାମ୍ନାରୁ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଜଣେ ରୋଗୀଙ୍କ ସମ୍ପର୍କୀୟଙ୍କ ବାଇକ୍ ଚୋରି ନେଇ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବନ୍ତ ଥାନା ଅଧୀନ ନିଳୋକ ପଞ୍ଚାୟତ ସାହାଡ଼ାପଲ୍ଲୀ ଗ୍ରାମର ବଟକୃଷ୍ଣ ମହାନ୍ତିଙ୍କ ନାତୁଣୀ ଅସୁସ୍ଥ ଥିବାରୁ ଦୁଇଦିନ ଧରି ଏହି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ମଙ୍ଗଳବାର ବଟକୃଷ୍ଣ ନାତୁଣୀଙ୍କୁ ଦେଖା କରିବାକୁ ଆସିଥିଲେ। ସେ ହିରୋ ସ୍ପ୍ଲେଣ୍ଡର ପ୍ଲସ୍ (ଓଆର୍-୦୫-ଏଜେ ୮୭୨୫) ନାଲି ରଙ୍ଗର ବାଇକ୍ ରଖି ଡାକ୍ତରଖାନା ଭିତରକୁ ଯାଇଥିଲେ। କିଛି ସମୟ ପରେ ସେ ବାହାରକୁ ଆସି ରଖିଥିବା ସ୍ଥାନରେ ବାଇକ୍ ନ ଥିବା ଦେଖିଥିଲେ। ମେଡିକାଲ ପରିସରରେ ଖୋଜାଖୋଜି କରି ମଧ୍ୟ ସେ ବାଇକ୍ ପାଇ ନ ଥିଲେ। ଡାକ୍ତରଖାନା ସିସିକ୍ୟାମେରା ଯାଞ୍ଚ କରିବା ପରେ ଜଣାପଡ଼ିଛି ଯେ, ୩ ଯୁବକ ଏକ ବାଇକ୍‌ରେ ଆସି ମେଡିକାଲ ପରିସରରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ବାଇକ୍‌କୁ ଷ୍ଟାର୍ଟ କରି ପଳାଇ ଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅପରାହ୍ନରେ ପୋଲିସ ପହଞ୍ଚି ସିସିକ୍ୟାମେରା ଯାଞ୍ଚ କରି ତଦନ୍ତ ଚଳାଇଛି। ମେଡିକାଲ ପରିସରରେ ସୁରକ୍ଷା କର୍ମୀ ମୁତୟନ ରହିଥିବା ସତ୍ତ୍ୱେ ବାଇକ୍ ଚୋରି ହେବା ନେଇ ରୋଗୀଙ୍କ ସମ୍ପର୍କୀୟ ଓ ଡାକ୍ତରଖାନାକୁ ଆସୁଥିବା ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

### ରକ୍ତଦାନ ଶିବିର

ଭଦ୍ରକ, ୨୨।୪ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଦ୍ୱିବେଦୀ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ମୁଖ୍ୟ ଶୁଭାଶିଷ ଦ୍ୱିବେଦୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ଭଦ୍ରକ ପୌରପାଳିକା ଅଧ୍ୟକ୍ଷା ଗୁଲମକ୍କୀ ଦଲଓ୍ୱାଜି ହବିବ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟର ଡା. ସଙ୍ଗୀତା ବଳ, ବ୍ଲଡ୍‌ବ୍ୟାଙ୍କ ଅଫିସର ଡା. ବିମଳା ମିଶ୍ର, କାଉନସିଲର ରତିକାନ୍ତ ବଳ, ଭଦ୍ରକ ପୋଲିସ କନ୍‌ଷ୍ଟେବଲ ସଂଘର ସମ୍ପାଦକ ଗଗନ କୁମାର ସେନ, ଆଶିଷ ମହାନ୍ତି, ବିଶ୍ୱ ହିନ୍ଦୁ ପରିଷଦର ଜିଲା ସଭାପତି ବସନ୍ତ କୁମାର ରାଉତ, ଆଇନଜୀବୀ ବିନୟ କୁମାର ସ୍ୱାଇଁ, ଆର୍‌ଏମ୍‌ସି ଡିରେକ୍ଟର ଇମ୍‌ତିୟାଯ କମଲ ଯୋଗ ଦେଇଥିଲେ। ଶିବିରରେ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଫାଉଣ୍ଡେସନର କର୍ମକର୍ତ୍ତା ରାଧେଶ୍ୟାମ ଲେଙ୍କା, ବିକ୍ରମ କେଶରୀ ମଲ୍ଲିକ, ନରେନ୍ଦ୍ର ଲେଙ୍କା, ସଦାଶିବ ଦାସ, ସରୋଜ ଜେନା, ସନ୍ଦୀପ ମିତ୍ର, ଏମ୍ ଡି ସହାନଓ୍ୱାଜ, ଅବଦୁଲ ଫିରୋଜ, ମୁନା ଖାଁ, ରାଧାକାନ୍ତ ପାଣିଗ୍ରାହୀ, ମାନସ ପଣ୍ଡା, ଅଜୟ ଖିଲାର, ସୌଭାଗ୍ୟ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଘରୁ ଗହଣା ସହ ୫୦ ହଜାର ଟଙ୍କା ଚୋରି

ଧାମନଗର,୨୨।୪(ଦେବେନ୍ଦ୍ର ଆଦ୍ଦିଆ)

ଧାମନଗର ଥାନା ଅଧୀନ ଦଳାଙ୍ଗ ପଞ୍ଚାୟତ ଜାହାଙ୍ଗୀର ଗ୍ରାମର ଭାସ୍କର ନାୟକଙ୍କ ଘରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ ସୁନା ରୁପା ଗହଣା ସହ ନଗଦ ୫୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଏନେଇ ସୋମବାର ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସୂଚନା ଅନୁଯାୟୀ, ଭାସ୍କରଙ୍କ ପରିବାର ଲୋକ ଶୋଇ ପଡ଼ିଥିବା ବେଳେ ଚୋରମାନେ ଘରେ ପଶି ଚୋରି କରୁଥିଲେ। ଏହି ସମୟରେ ଭାସ୍କରଙ୍କ ସ୍ତ୍ରୀଙ୍କ ନିଦ ଭାଙ୍ଗିଯାଇଥିବା ବେଳେ ଘରେ କେହି ପଶିଥିବା ଅନୁମାନ କରି ଡାକ ପକାଇଥିଲେ। ଚୋରମାନେ ଘରେ ଥିବା ଦୁଇଟି ଟ୍ରଙ୍କ୍ ଟେକି ନେଇ ଦୌଡ଼ି ପଳାଇଥିଲେ। ଗ୍ରାମ ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ଚୋରମାନେ ଦୌଡ଼ି ପଳାଇଥିଲେ। ସୋମବାର ସକାଳେ ଗୋଟିଏ ଟ୍ରଙ୍କ୍ ଘର ପଛ ପାଖରେ ପଡ଼ିଥିବା ବେଳେ ଅନ୍ୟଟି ପ୍ରାୟ ୧ କି.ମି. ଦୂରରେ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ଚୋରମାନେ ଟ୍ରଙ୍କ୍ ତାଲା ଭାଙ୍ଗି ସୁନା, ରୁପା ଅଳଙ୍କାର ଓ ୫୦ ହଜାର ଟଙ୍କା ନେଇଯାଇଛନ୍ତି। ଟ୍ରଙ୍କ୍‌ରେ ଥିବା କପଡ଼ା ଓ କାଗଜପତ୍ର ସେଠାରେ ଫିଙ୍ଗି ପଳାଇ ଯାଇଥିଲେ।

# ଅବରୋଧ ହଟିଲା, ସ୍ଥିତି ସୁଧୁରିଲାନି

- ଅସରାଏ ବର୍ଷାରେ ଭାସୁଛି ତିହିଡ଼ି ବଜାର
- ହୋଇପାରୁନି ବସ୍‌ଷ୍ଟାଣ୍ଡ୍, ଡ୍ରେନ୍ ନିର୍ମାଣ
- ବଜାର ପାର୍ଶ୍ୱରେ ଗଦା ହୋଇଛି ଅଳିଆ

ତିହିଡ଼ି,୨୨।୪(ସଞ୍ଜିତ ବଳ)

ତିହିଡ଼ି ବଜାରର ଦୁଇପାର୍ଶ୍ୱ ଅବରୋଧମୁକ୍ତ ହେବାକୁ ମାସେ ବିତିଗଲାଣି। ହେଲେ ସ୍ଥିତି ସୁଧୁରିପାରିଲାନି। ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ଏବଂ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଅସରାଏ ବର୍ଷାରେ ବଜାର ଭାସୁଛି। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ପାଣି ନିଷ୍କାସନ ହୋଇ ନ ପାରି ଏପରି ଅବସ୍ଥା ଉପୁଜୁଛି। ଖରାଦିନେ ବି ଏପରି ଦୁରବସ୍ଥା ଯୋଗୁ ବଜାର ପ୍ରତି ଲୋକେ ବିମୁଖ ହେଉଛନ୍ତି। ବଜାରକୁ ଅବରୋଧମୁକ୍ତ କରାଯିବା ପରେ ବି ସ୍ଥିତିରେ ସୁଧାର ଆସିପାରିନି। ଅପରପକ୍ଷେ ଉଚ୍ଛେଦ ହୋଇଥିବା ସ୍ଥାନରେ ଅଳିଆ ଗଦା ହୋଇରହିଛି। ଏହା ବଜାରର ପରିବେଶକୁ ପ୍ରଦୂଷିତ କରି ଚାଲିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବା ପରିତାପର ବିଷୟ ହୋଇଛି।

୫କୋଟି ୧୫ଲକ୍ଷ ଟଙ୍କା ଅନୁଦାନରେ ତିହିଡ଼ି ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ୨୦୨୩ ଅଗଷ୍ଟ ୨୩ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏକ ଘରୋଇ କମ୍ପାନୀ ଦାୟିତ୍ୱରେ ଏହା ନିର୍ମାଣ ହେବାକୁ ସ୍ଥିର ହୋଇଥିଲା। ତିହିଡ଼ିରେ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଡାକବଙ୍ଗଳା ସ୍ଥାନରେ ଏହା ନିର୍ମାଣ ହେବ ଏବଂ ତିହିଡ଼ି କଲେଜ ଛକ ନିକଟସ୍ଥ ଏକ ସରକାରୀ ଜାଗାରେ ଡାକବଙ୍ଗଳା ନିର୍ମାଣ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଜିଲାପାଳ ଦିଲୀପ ରାଉତରାଏ ଓ ବିଭାଗୀୟ ଅଧିକାରୀମାନେ କ୍ଷେତ୍ରୀୟ ପରିଦର୍ଶନ କରି ଯିବା ପରେ ବସ୍‌ଷ୍ଟାଣ୍ଡ ନିର୍ମାଣ ନେଇ ଆଶା ଉଜ୍ଜ୍ୱଳ ହୋଇଥିଲା। ତେବେ ବସ୍‌ଷ୍ଟାଣ୍ଡ ସ୍ଥାନ ସାମ୍ନାରେ ଥିବା ସରକାରୀ ଜାଗାକୁ କେତେକ ବ୍ୟକ୍ତି ଦୋକାନ କରି ଅବରୋଧ କରିଥିଲେ। ଫଳରେ ସମସ୍ୟା ଉପୁଜିଥିଲା। ଏହାମଧ୍ୟରେ ସେହି ଦୋକାନଗୁଡ଼ିକ ଉଚ୍ଛେଦ କରାଯାଇଥିଲେ ମଧ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ଆରମ୍ଭ ହୋଇପାରି ନାହିଁ। ଅପରପକ୍ଷେ ବସ୍‌ଷ୍ଟାଣ୍ଡ ସ୍ଥାନରେ ଅଳିଆ ଗଦା ହୋଇ ରହିଛି। ସେହିପରି ଡ୍ରେନେଜ ବ୍ୟବସ୍ଥା ପାଇଁ ୨କୋଟି ୧୮ଲକ୍ଷ ଟଙ୍କା ଅନୁଦାନ ମିଳିଛି। ଡ୍ରେନ୍ ନିର୍ମାଣରେ ବାଧକ ସାଜିଥିବା ଦୋକାନ ସବୁକୁ ମଧ୍ୟ ଉଚ୍ଛେଦ କରାଯାଇଛି। ଏହାପରେ ବି ଡ୍ରେନ୍ ନିର୍ମାଣ ହୋଇପାରୁ ନ ଥିବାରୁ ବର୍ଷା ପରେ ବଜାରର ବିଷମ ପରିସ୍ଥିତି ଉପୁଜୁଛି। ବଜାରରେ ଥିବା ଲୋକେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାକୁ ଆଣ୍ଠୁଏ ନର୍ଦ୍ଦମା ପାଣିରେ ପଶିବାକୁ ପଡୁଛି। ଏହାବ୍ୟତୀତ ଉଚ୍ଛେଦ ହୋଇଥିବା ବିଭିନ୍ନ ସ୍ଥାନରେ ଜମା ହୋଇଥିବା ଅଳିଆକୁ ମଧ୍ୟ ସଫା କରାଯାଉ ନ ଥିବାରୁ ବର୍ଷା ପରେ ଦୁର୍ଗନ୍ଧ ହେଉଛି। ଏଥିଯୋଗୁ ମାର୍କେଟ କମ୍ପ୍ଲେକ୍ସ ଯିବାକୁ ଲୋକେ ନାକ ଟେକୁଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବସ୍‌ଷ୍ଟାଣ୍ଡ ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାକୁ ଦାବି ହୋଇଛି। ଖୁବ୍‌ଶୀଘ୍ର ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସହ ବଜାରରେ ଥିବା ଅନ୍ୟ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ଭାଟପଡ଼ା ପଞ୍ଚାୟତ ସରପଞ୍ଚ ଶୁଭ୍ରନାରାୟଣ ସେଠୀ କହିଛନ୍ତି।



ତିହିଡ଼ି ବଜାରରେ ଉଚ୍ଛେଦ ସ୍ଥାନରେ ଅଳିଆ ଗଦା ହୋଇଛି।

# ଶନିମନ୍ଦିରରୁ ଅଳଙ୍କାର ଚୋରି

## ହୁଣ୍ଡିବାକ୍ସ ତାଡ଼ି ନେଇଗଲେ ଟଙ୍କା

ବାସୁଦେବପୁର,୨୨।୪
(କାଳୀପଦ ରାୟ/ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ନରସିଂହପୁର ପଞ୍ଚାୟତର ବାଣପୁର ଗ୍ରାମରେ ଥିବା ନିଶାର୍କ ଶନିମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରର ଗ୍ରୀଲ୍ କାଟି ଲକ୍ଷାଧିକ ଟଙ୍କାର ଆଳିଅଳଙ୍କାର ଚୋରି କରିନେବା ସହ ହୁଣ୍ଡିବାକ୍ସ ତାଡ଼ି ଏଥିରେ ଥିବା ଦାନ ଟଙ୍କା ନେଇଯାଇଛନ୍ତି। ଏହି ମନ୍ଦିରରେ ଥିବା ସୂର୍ଯ୍ୟଦେବତା, ଶନିଗ୍ରହ ସମେତ ନବଗ୍ରହ ବିଗ୍ରହରେ ଥିବା ସୁନା ଚିତା ଓ ବିଗ୍ରହର ଆଳିଅଳଙ୍କାରକୁ ଚୋରି କରି ନେଇଛନ୍ତି। ୧୦ଟି ସୁନାଚିତା, ୩ଟି ରୁପା ମୁକୁଟ, ୨ଟି ରୁପା ହାର, ୮ଟି ରୁପା ଚିତା, ହୁଣ୍ଡିରେ ଥିବା ନଗଦ ଟଙ୍କା ସମେତ ଆନୁମାନିକ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ପୂଜକ ଭଗବାନ ନାୟକଙ୍କ ସ୍ତ୍ରୀ ମନୋରମା ମଙ୍ଗଳବାର ସକାଳେ ଫୁଲ ତୋଳିବାକୁ ଯାଇଥିବା ବେଳେ ମନ୍ଦିର ଗ୍ରୀଲ୍ ଭଙ୍ଗା ଯାଇଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇବା ସହ ବାସୁଦେବପୁର ପୋଲିସକୁ ସୂଚନା ଦେଇଥିଲେ। ବାସୁଦେବପୁର ପୋଲିସ ପ୍ରାଥମିକ ତଦନ୍ତ ଜାରି ରଖିଥିବା ବେଳେ କାହାକୁ ଗିରଫ କରାଯାଇପାରି ନାହିଁ। ଗତ କିଛିଦିନ ହେଲା ଚୋରମାନେ ବିଭିନ୍ନ ମନ୍ଦିର ଓ ହୁଣ୍ଡିବାକ୍ସକୁ ଟାର୍ଗେଟ୍ କରୁଛନ୍ତି। କିଛିଦିନ ପୂର୍ବେ ଭୈରବପୁର ଗ୍ରାମର ଲକ୍ଷ୍ମୀନାରାୟଣ ମନ୍ଦିର, ହନୁମାନ ମନ୍ଦିର ଓ ବାସୁଦେବପୁର ବଜାରର ଦକ୍ଷିଣେଶ୍ୱରୀ କାଳୀ ମନ୍ଦିରରୁ ଅଳଙ୍କାର ଚୋରି କରି ନେଇଥିଲେ। ସେହିପରି ହନୁମାନ ମନ୍ଦିରରୁ ହୁଣ୍ଡିବାକ୍ସ ଭାଙ୍ଗି ଚୋରି କରି ନେଇଥିଲେ।

# ୨୦ କାମ କରୁଛନ୍ତି, ୬୦ ଲୋକଙ୍କ ନାଁରେ ଟଙ୍କା ଉଠାଣ




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

## ଏମ୍‌ଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା

ଚାନ୍ଦବାଲି,୨୨।୪(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ଅଧୀନ ବିଜୟନଗର ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ନେଇ ଭାଜପା ପକ୍ଷରୁ ସୋମବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀ ମାଧ୍ୟମରେ ଅଭିଯୋଗ କରାଯାଇଛି। ବିଜୟନଗର ଶାରଣା ଇଚ୍ଛାପୁରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ଦର୍ଶାଇଛି ଯେ, ଏହି ପଞ୍ଚାୟତରେ ଉକ୍ତ ଯୋଜନାରେ ୯ ଲକ୍ଷ ବ୍ୟୟ ଅଟକଳରେ ଠାକୁରାଣୀ ପୋଖରୀ ମାଟି ଖନନ କାର୍ଯ୍ୟାଦେଶରେ ଅନିୟମିତତା ହୋଇଛି। କାର୍ଯ୍ୟାଦେଶ ପାଇଥିବା ଗ୍ରାମ ସାଥୀ ଦୀର୍ଘଦିନ ହେବ ଗାଁରେ ଉପସ୍ଥିତ ନାହାନ୍ତି। କିନ୍ତୁ ତାଙ୍କ ନାମରେ କାର୍ଯ୍ୟାଦେଶରେ ପ୍ରତିଦିନ ୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମଷ୍ଟର ରୁଲ୍ ବାହାରୁଛି। କାର୍ଯ୍ୟସ୍ଥଳରେ ପ୍ରାୟ ୨୦ଜଣ କାମ କରୁଥିବା ବେଳେ ୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାଁରେ ଟଙ୍କା ଉଠାଣ କରାଯାଉଛି। ସଲାସୁତ୍ରରାରେ ଏସବୁ କାମ ହେଉଥିବା ପଞ୍ଚାୟତ ଭାଜପା ସଭାପତି ମୁକ୍ତିକାନ୍ତ ରାଉତ, ସମ୍ପାଦକ ଗୌରହରୀ ରାଉତ, ରବୀନ୍ଦ୍ର ମହାରଣା, କିଶୋର ରାଉତ, ନୀଳମଣି ରାଉତ, ଈଶ୍ୱର ନାୟକ, ପରମାନନ୍ଦ ମଲ୍ଲିକ, ଦୋଳଗୋବିନ୍ଦ ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ବିଡିଓ ଏବଂ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ବିଡିଓ ଚାର୍ଜରେ ଥିବା ତହସିଲଦାର ଭବତୋଷ ମଲ୍ଲିକ କହିଛନ୍ତି, ଘଟଣା ସମ୍ପର୍କରେ ସେ ଅବଗତ ନ ଥିଲେ। ବୁଧବାର ନିଜେ ଫିଲ୍ଡକୁ ଯାଇ ତଦନ୍ତ କରିବେ ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଶ୍ରୀରାମଙ୍କ ନୂତନ ଭବ୍ୟଆଳୟ, ଦିବ୍ୟ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ବନ୍ତ,୨୨।୪(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ନିଳୋକ ପଞ୍ଚାୟତର ବାଇପୁର ଗ୍ରାମରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଚନ୍ଦ୍ରଙ୍କ ନୂତନ ଭବ୍ୟଆଳୟ ଓ ଦିବ୍ୟ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ସକାଳେ ପଙ୍ଗୀରା ଶାସନସ୍ଥିତ ରେବ ନଦୀ ଘାଟରୁ ଘଟ ଉତ୍ତୋଳନ କରାଯାଇଥିଲା। ୭୫ଜଣ ମହିଳା ଓ ପୁରୁଷ କଳସଧାରୀ ଶୋଭାଯାତ୍ରାରେ ଆସି ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପ ନିକଟରେ ପହଞ୍ଚିଥିଲେ। ରବୀନ୍ଦ୍ର କୁମାର ପଣ୍ଡା, ପରମେଶ୍ୱର ସେନାପତି, ଶତ୍ରୁଘ୍ନ ସେନାପତି, ଜଗନ୍ନାଥ ନାୟକ, ଜଗବନ୍ଧୁ ସାହୁ ମୁଖ୍ୟ କଳସ ଧାରଣ କରିଥିଲେ। ପଣ୍ଡିତ ପଦ୍ମନାଭ ପଣ୍ଡା ଓ ଅନ୍ୟ ପୂଜକମାନଙ୍କ ଦ୍ୱାରା ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ପୂଜା ୩ ଦିନ ଧରି ଚାଲିବ। ବୁଧବାର ବିଭିନ୍ନ ପୂଜା ସହ ସନ୍ଧ୍ୟାରେ ପଣ୍ଡିତ ଚିତ୍ତ ରଞ୍ଜନ ନାୟକଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ରହିଛି। ଗୁରୁବାର ନୈମିତ୍ତିକ ପୂଜନ, ସୁନ୍ଦରାକାଣ୍ଡ ପାରାୟଣ, ଶ୍ରୀରାମ ସହସ୍ରନାମ ପାଠ, ଚରୁ ସାଧନ, ପୂର୍ଣ୍ଣାହୁତି ଏବଂ ସନ୍ଧ୍ୟାରେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ସରିଲା ମା’ ସୁବର୍ଣ୍ଣମୁଖୀଙ୍କ ଚଡ଼କ ଯାତ୍ରା



ଭଣ୍ଡାରିପୋଖରୀ, ୨୨।୪(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତର ନେରଡ଼ା ଗ୍ରାମ ବୈତରଣୀ ନଦୀ କୂଳରେ ମା’ ସୁବର୍ଣ୍ଣମୁଖୀଙ୍କ ଚଡ଼କ ଯାତ୍ରା ମଙ୍ଗଳବାର ଶେଷ ହୋଇଛି। ପଣା ସଂକ୍ରାନ୍ତିଠାରୁ ପୂଜା ସହ ଚଡ଼କ ଯାତ୍ରା ଆରମ୍ଭ ହୋଇଥିଲା। ଶେଷ ଦିନରେ କାଳିସୀ ମାଗୁଣି ଦଳାଇଙ୍କୁ ହୋଇଥିବା ସ୍ୱପ୍ନାଦେଶ ଅନୁଯାୟୀ ବୈତରଣୀ ନଦୀରେ ଭାସମାନ ଅବସ୍ଥାରେ ଥିବା ପୂର୍ବବର୍ଷର ଚରଖ ଖୁଣ୍ଟ ଅଣାଯାଇ ଚରଖ ବନ୍ଧାଯାଇଥିଲା। ଚରଖ ଖୁଣ୍ଟରେ ମା’ଙ୍କୁ ପୂଜାର୍ଚ୍ଚନା କରାଯାଇ ଦୋଳି ଖେଳାଯାଇଥିଲା। ମା’ଙ୍କ ଦୋଳି ଖେଳ ପରେ ପାତୁଆ, ଦେହୁରୀ କୃଷ୍ଣ ମାଝୀ ଓ ସାଥୀ, ଭକ୍ତମାନେ ଦୋଳି ଖେଳିଥିଲେ। ବିଧିମତେ ଅନ୍ୟାନ୍ୟ ପୂଜାର୍ଚ୍ଚନା କରାଯିବା ପରେ ଯାତ୍ରା ସମାପ୍ତି ଘୋଷଣା କରାଯାଇଥିଲା। ପୂର୍ବ ଭଳି ଚରଖ ଖୁଣ୍ଟକୁ ବୈତରଣୀରେ ଭସାଇ ଦିଆଯାଇଥିଲା। ପ୍ରଥା ଅନୁଯାୟୀ ଉକ୍ତ ଚରଖ ଖୁଣ୍ଟ ବନ୍ୟା ସ୍ରୋତରେ କେବେ ଭାସିଯାଏ ନାହିଁ। ଏହି ଘଟଣା ମା’ଙ୍କ ଅଲୌକିକ ଲୀଳା ବୋଲି ପୂଜକ ବ୍ରଜ କିଶୋର ପଣ୍ଡା କହିଛନ୍ତି।

# ପାଟ୍ରୋଲିଂ ବେଳେ ବ୍ରାଉନସୁଗାର ଜବତ, ଯୁବକ ଗିରଫ

ଭଦ୍ରକ,୨୨।୪(ସନାତନ ରାଉତ)

ଭଦ୍ରକ ଟାଉନ ପୋଲିସ ସୋମବାର ରାତିରେ ପାଟ୍ରୋଲିଂ ବେଳେ ଜଣେ ଯୁବକଙ୍କଠାରୁ ୯୧୦ ମିଲିଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ତାଙ୍କୁ ଗିରଫ କରିଛି। ଗିରଫ ଯୁବକ କଟକ ଜିଲା ଜଗତପୁର ଥାନା ଅଧୀନ ଭୈରପୁର ଗ୍ରାମର ସଞ୍ଜୟ ପଣ୍ଡା(୨୩) ବୋଲି ମଙ୍ଗଳବାର ମଧ୍ୟାହ୍ନରେ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସମ୍ବିତ୍ ମାଝୀ ସୂଚନା ଦେଇଛନ୍ତି।

ଭଦ୍ରକ ଟାଉନ ଥାନା ଅଧୀନ ଡାହାଣୀଗଡ଼ିଆ ଛକ ନିକଟରେ ପାଟ୍ରୋଲିଂ ଚାଲିଥିବା ବେଳେ ସଞ୍ଜୟଙ୍କୁ ଅଟକାଇ ଯାଞ୍ଚ କରିବା ପରେ ତାଙ୍କ ନିକଟରୁ ବ୍ରାଉନସୁଗାର ମିଳିଥିଲା। ସବ୍‌ଇନ୍ସପେକ୍ଟର ନାରାୟଣ ନାୟକଙ୍କ ଅଭିଯୋଗକ୍ରମେ ଏକ ମାମଲା (ନଂ. ୨୪୧/୨୫) ରୁଜୁ କରାଯାଇ ସଞ୍ଜୟଙ୍କୁ ଗିରଫ କରାଯାଇଛି। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ପ୍ରଭାଂଶୁ ମିଶ୍ର ଉପସ୍ଥିତ ଥିଲେ।

# ଆଖଣ୍ଡଳମଣି ମନ୍ଦିରରେ ସମୂହ ଦୀପଦାନ

ଧୁଷୁରୀ,୨୨।୪(ଦୀପ୍ତିରଞ୍ଜନ ନାୟକ)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଜନ୍ମଦିନ ଅବସରରେ ଆରଡ଼ି, ନାନ୍ଦପୁର, ସୁନ୍ଦରପୁର ଏବଂ ଓଲଗ ପଞ୍ଚାୟତର ଭାଜପା କର୍ମୀମାନେ ସୋମବାର ସନ୍ଧ୍ୟାରେ ଆଖଣ୍ଡଳମଣି ମନ୍ଦିରରେ ସମୂହ ଦୀପଦାନ କରିଥିଲେ। ଚାନ୍ଦବାଲି ନିର୍ବାଚନମଣ୍ଡଳୀ ସଂଯୋଜକ କିଶୋର ନାୟକ, ଆଖଣ୍ଡଳମଣି ମଣ୍ଡଳ ସଭାପତି ସନ୍ଦୀପ କୁମାର ନାୟକ, ଭାଜପା ନେତା ଆଶିଷ ପାଢ଼ୀ, ଲଲାଟ କିଶୋର ପାଢ଼ୀ, ପ୍ରତାପ ପାଢ଼ୀ, ଉତ୍ତମ ମିଶ୍ର, ସୁଦେଶ ପଣ୍ଡା, ସୁଶାନ୍ତ ଓଝା, ମିହିର ନାୟକ, ଦୀପକ ରଞ୍ଜନ ବିଶ୍ୱାଳ, ସତ୍ୟଜିତ ପଲାଇ, ସୁବ୍ରତ ବିଳାସ, ରାଜକିଶୋର ବାରିକ, ଦୁଷ୍ମନ୍ତ ବାରିକ, ସଦାନନ୍ଦ ମଲିକ, ମଣିଭଦ୍ର ଦାସ, ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଇସି ପୁନର୍ଗଠନ ପ୍ରକ୍ରିୟା ଉପରେ ରହିତାଦେଶ

## ବିଡିଓଙ୍କୁ ଦାବିପତ୍ର ଦେଲା ମହିଳା ମହାସଂଘ



ମହାସଂଘର ସଦସ୍ୟାମାନେ ବିଡିଓ ବନବିହାରୀ ଦିଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଧାମନଗର,୨୨।୪
(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ମିଶନ ଶକ୍ତି ପକ୍ଷରୁ ବ୍ଲକର ସମସ୍ତ ସ୍ୱୟଂସହାୟିକା ଗୋଷ୍ଠୀ, ଆଞ୍ଚଳିକ ମଞ୍ଚ, ମହାସଂଘର ସଭାନେତ୍ରୀ, ସମ୍ପାଦିକା, ଇସି ସଭ୍ୟାଙ୍କ ପୁନର୍ଗଠନ ପାଇଁ ଚିଠି କରାଯାଇଥିଲା। ଉକ୍ତ ନିର୍ଦ୍ଦେଶ ମୁତାବକ ବିଭିନ୍ନ ପଞ୍ଚାୟତରେ ପୁନର୍ଗଠନ ପ୍ରକ୍ରିୟା ଜାରି ରହିଛି। ଅପରପକ୍ଷେ ଏହି ପ୍ରକ୍ରିୟା ସ୍ଥଗିତ ରଖିବାକୁ ମିଶନ ଶକ୍ତି ଫେଡେରେଶନ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଉକ୍ତ ମାମଲାର ବିଚାର କରି ହାଇକୋର୍ଟଙ୍କ ପକ୍ଷରୁ ପୁନର୍ଗଠନ ପ୍ରକ୍ରିୟା ଉପରେ ରହିତାଦେଶ ଜାରି କରାଯାଇଛି ବୋଲି ବ୍ଲକ ମହିଳା ମହାସଂଘ ସୋମବାର ବିଡିଓଙ୍କୁ ଅବଗତ କରାଇଛି। ବ୍ଲକ ମହାସଂଘର ସଭାନେତ୍ରୀ ରେବତୀ ଷଡ଼ଙ୍ଗୀ, ସମ୍ପାଦିକା କଳ୍ପନା ମଲ୍ଲିକ, ସସ୍ମିତା ମିଶ୍ର, ପୁଷ୍ପଲତା ଦାଶ, ସସ୍ମିତା ମାଝୀ, ପ୍ରଣତୀ ଦାସ, ସୁନନ୍ଦା ସାହୁ, ସସ୍ମିତା ସାମଲ, ଅନସୂୟା ସାହୁ, ମମତା ସୂତାର, ସୌଦାମିନୀ ପତି ପ୍ରମୁଖ ବିଡିଓ ବନବିହାରୀ ଦିଣ୍ଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ




ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଏମ୍‌ପି ଅଭିମନ୍ୟୁ ସେଠୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ବାସୁଦେବପୁର,୨୨।୪
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁରସ୍ଥିତ ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେଇ ସଭାକୁ ଉଦ୍‌ଘାଟନ କରି କହିଥିଲେ, ଶିକ୍ଷିତ ଛାତ୍ରୀଛାତ୍ର ରାଜନୀତି ଓ ସମାଜସେବାରେ ବ୍ରତୀ ହେଲେ ରାଷ୍ଟ୍ର ସମୃଦ୍ଧ ହେବ। ବିଶେଷକରି ଛାତ୍ରୀମାନେ ରାଜନୀତିକୁ ଆସିଲେ ଏକ ସୁସ୍ଥ ପରମ୍ପରା ମଧ୍ୟ ବଜାୟ ରହିବ। ସର୍ବୋପରି ଭଲ ମଣିଷ ହେବା ପ୍ରତ୍ୟେକ ଛାତ୍ରୀଙ୍କ ମୌଳିକ ଲକ୍ଷ୍ୟ ହେବା ଉଚିତ୍। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଦୁଃଶାସନ ରାଉତ ଯୋଗଦେଇ ବିଦ୍ୟାଳୟର ଅତୀତ ଗୌରବମୟ ଇତିହାସ ବଖାଣିଥିଲେ। ଅନ୍ୟତମ ଅତିଥି ଭାବେ ସିଆର୍‌ସିସି ସର୍ବେଶ୍ୱର ମଲିକ, ସାମାଜିକ କର୍ମୀ ଉମାକାନ୍ତ ଖୁଣ୍ଟିଆ ଓ ପଞ୍ଚସଖା ସେତୁର ସଭାପତି ସଂଯୁକ୍ତା ବେହେରା ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ରାଜକିଶୋର ମଲିକ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ଜ୍ଞାନେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାନୁଷ୍ଠାନକୁ ପିଏମ୍‌ଶ୍ରୀ ଯୋଜନାରେ ସାମିଲ କରାଯାଇଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସ୍କୁଲ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଶିକ୍ଷକ ପ୍ରଣୟ କୁମାର ମହାପାତ୍ର ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିବେକାନନ୍ଦ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ୩ ଠାକୁରାଣୀଙ୍କ ପ୍ରତିଷ୍ଠା ଉତ୍ସବ

ତିହିଡ଼ି,୨୨।୪(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତ ଅଧୀନ କୁମାରପୁର ଗ୍ରାମରେ ମା’ ବଡ଼ମ୍ମା, ବୁଢ଼ୀଖିଅ ଓ ମଙ୍ଗଳା ଠାକୁରାଣୀଙ୍କ ପ୍ରତିଷ୍ଠା ଉତ୍ସବ ୩ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ଚନ୍ଦ୍ରକାନ୍ତ ଜେନା, ଗୀତାଞ୍ଜଳି ଜେନା, ପୁରୋହିତ ମଦନ ମୋହନ ସେନାପତି, ପ୍ରଶାନ୍ତ ପଣ୍ଡା, ଘନଶ୍ୟାମ ଦାଶ, ମୁକ୍ତିକାନ୍ତ ନାୟକ, ମନୋରଞ୍ଜନ ପଣ୍ଡା, କରୁଣାକର ଦାଶ, ଶଶିଶେଖର ମହାପାତ୍ର ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ତିନି ଠାକୁରାଣୀ ୩ଶହ ବର୍ଷ ଧରି ଏହି ଗ୍ରାମରେ ପୂଜା ପାଇ ଆସୁଛନ୍ତି। ପ୍ରଥମେ ଏକ କଳସରୁ ପୂଜା ଆରମ୍ଭ ହୋଇଥିଲା। ପରେ ଚାଳଛପର ମନ୍ଦିରରେ ତିନି ଠାକୁରାଣୀ ପୂଜା ପାଇ ଆସୁଥିଲେ। କିଛିଦିନ ପୂର୍ବରୁ ଏକ ମନ୍ଦିର ନିର୍ମାଣ କରାଯାଇ ନୂତନ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମାନସ ପାଠୀ, ସାମାଜିକ କର୍ମୀ ସୁରେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡା, ଡା. ପ୍ରଣବ ମହାନ୍ତି, ଶଶିକାନ୍ତ ଜେନା, ସଞ୍ଜୀବ ଜେନା ପ୍ରମୁଖ ଉତ୍ସବରେ ସହଯୋଗ କରିଥିଲେ।

# ଭଦ୍ରକ ଟାଏକୋଣ୍ଡୋ ଟ୍ରେନିଂ ସ୍କୁଲ ଚାମ୍ପିୟନ

## ଜିଲାସ୍ତରୀୟ ପ୍ରତିଯୋଗିତା

ଭଦ୍ରକ,୨୨।୪(ସନାତନ ରାଉତ)

ଜିଲା ସଂସ୍କୃତି ଭବନଠାରେ ଭଦ୍ରକ ଟାଏକୋଣ୍ଡୋ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ବର୍ଗର ବାଳିକା ଓ ବାଳକ ବିଭାଗରେ ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ଆରଡ଼ିଛକସ୍ଥିତ ଭଦ୍ରକ ଟାଏକୋଣ୍ଡୋ ଟ୍ରେନିଂ ସ୍କୁଲ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ବେଳେ ଧାମନଗର ଟାଏକୋଣ୍ଡୋ ଏକାଡେମୀ ରନର୍ସ ଅପ୍ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋଇନ୍ଦା ବିଭାଗ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ପରିଚାଳନା କରିଥିଲେ। ଆସୋସିଏଶନର ସମ୍ପାଦକ ସବ୍ୟସାଚୀ ବେହେରା ଧନ୍ୟବାଦ ଦେଇଥିଲେ।




ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

**ସୁନା ଅଳଙ୍କାର, ଟଙ୍କା ଚୋରି**

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ବୁଡ଼ି ସାହିରେ ଥିବା ସୂର୍ଯ୍ୟକାନ୍ତ ତ୍ରିପାଠୀଙ୍କ ଘରେ ପଶି ଦୁର୍ବୃତ୍ତ ସୁନା ଅଳଙ୍କାର ସହିତ ଟଙ୍କା ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ସେ ଘରେ ନ ଥିବା ବେଳେ ସୋମବାର ରାତିରେ ଦୁର୍ବୃତ୍ତ ଘରର ପଛ ପାର୍ଶ୍ୱ ପାଚେରି ଡେଇଁ ଘରର କବାଟ ଭାଙ୍ଗି ପଶିଥିଲେ। ଆଲମାରିକୁ ଭାଙ୍ଗି ସେଥିରେ ଥିବା ୨୫ ହଜାର ଟଙ୍କା, ସୁନା କାନ ଫୁଲ, ମୁଦି, ସୁନା ଚେନ ଭଳି ବହୁ ଜିନିଷ ପତ୍ର ଫୋପାଡି ଯାଇଥିଲେ। ମଙ୍ଗଳବାର ସକାଳେ ତାଙ୍କୁ ଫୋନ କରି ଲୋକେ ଜଣାଇଥିଲେ। ସେ ଯୋଡ଼ା ଥାନାରେ ଲିଖିତ ଭାବେ ଜଣାଇଛନ୍ତି।

## କେନ୍ଦୁଝର

### ସଂକ୍ଷେପରେ

**ଚମ୍ପୁଆରେ ୪୦ ଟପିଲା ପାରଦ**

ଚମ୍ପୁଆ,୨୨।୪(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆରେ ଗୁଳୁଗୁଳି ସହ ଉତାପ ବଢ଼ିବାରେ ଲାଗିଛି। ଦିନ ୯ଟାରୁ ଉତ୍ତାପ ବଢ଼ୁଥିବା ସହ ୩ଟା ପର୍ଯ୍ୟନ୍ତ ବଳବତର ରହୁଛି। ଚମ୍ପୁଆରେ ଚଳିତ ବର୍ଷ ୪୦ ଡିଗ୍ରୀ ପାର ହେଉଥିବା କେନ୍ଦ୍ରୀୟ ଜଳ କମିସନ ବିଭାଗ ସୂତ୍ରରୁ ପ୍ରକାଶ। ସୂଚନା ଅନୁସାରେ ୨୦୨୩ ମାର୍ଚ୍ଚ ମାସରେ ସର୍ବୋଚ୍ଚ ୩୪.୪ ରହିଥିବା ବେଳେ ଏପ୍ରିଲରେ ୪୦.୫ ଡିଗ୍ରୀ ରହିଥିଲା। ୨୦୨୪ ମାର୍ଚ୍ଚରେ ୩୭.୫ ଡିଗ୍ରୀ, ଏପ୍ରିଲରେ ୪୨.୫ ଡିଗ୍ରୀ ରହିଥିଲା। ଚଳିତ ବର୍ଷ ମାର୍ଚ୍ଚରେ ସର୍ବୋଚ୍ଚ ୩୭. ୫ ଡିଗ୍ରୀ ରହିଥିବା ବେଳେ ଏପ୍ରିଲ ୨୧ ସୁଦ୍ଧା ୪୦ ଡିଗ୍ରୀ ଓ ସର୍ବନିମ୍ନ ୨୨ ଡିଗ୍ରୀ ରହିଥିବା ଜଣାଯାଇଛି। ଏପ୍ରିଲ ୨୨ ତାରିଖ ଦିନ ୧ଟା ସୁଦ୍ଧା ପାରଦ ୪୧ ଡିଗ୍ରୀ ଛୁଇଁଥିବା ବିଭାଗ ସୂଚନା ଦେଇଛନ୍ତି।

**ପରୀକ୍ଷାଗାର ପ୍ରଶିକ୍ଷକଙ୍କ ପରଲୋକ**

କେନ୍ଦୁଝର,୨୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରେ ଧରଣୀଧର ଡିଗ୍ରୀ ଯାନ୍ତ୍ରିକ ମହାବିଦ୍ୟାଳୟ ପରୀକ୍ଷାଗାର ପ୍ରଶିକ୍ଷକ ସରୋଜ ରଞ୍ଜନ ମହାନ୍ତ(୩୭)ଙ୍କ ମୃତ୍ୟୁ ଘଟିଛି। ସେ ପରିବାର ଲୋକଙ୍କ ସହିତ ବଡହଲସ୍ଥିତ ଭଡ଼ାଘରେ ରହୁଥିଲେ। ମଙ୍ଗଳବାଳ ସକାଳେ ଅସୁସ୍ଥ ମନେ କରିବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଉନ ଥାନା ଏଏସ୍‌ଆଇ ବିପିନ ବିହାରୀ ବାରିକ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୩୩/୨୫) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଭାଜପା ଜିଲା ସଭାପତି ଶୁକଦେବ ମହାନ୍ତଙ୍କ ସମେତ ପ୍ରିୟଜନ ଶେଷ ଦର୍ଶନ କରିଥିଲେ। ମୃତଶର୍ଯ୍ୟା ନିକଟରେ ସ୍ତ୍ରୀ ଯୋଶଶ୍ରୀ ମହାନ୍ତ, ସାନଝିଅ ସାନଭି ମହାନ୍ତ, ସାନ ଭାଇ ପ୍ରଶାନ୍ତ ମହାନ୍ତ ଉପସ୍ଥିତ ଥିଲେ। ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ହାତୀକୁଚା ଗ୍ରାମର ଛିଟିଙ୍ଗା ନାଳ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ସୌମ୍ୟରଞ୍ଜନ ମହାନ୍ତ ମୁଖାଗ୍ନି ଦେଇଥିଲେ।

# ପୃଥକ୍ ଦୁର୍ଘଟଣାରେ ୪ ଜୀବନ ଗଲା

## ବାଇକ୍‌କୁ ଧକ୍କାଦେଲା ହାଇୱା, ୩ ମୃତ

ଯୋଡ଼ା,୨୨।୪(ମାନସ ମହାନ୍ତି)

ଯୋଡ଼ା ସହର ଫ୍ଲାଏଓଭର ଆପ୍ରୋଚ୍ ରୋଡ୍ ନିକଟରେ ସୋମବାର ରାତି ପ୍ରାୟ ୯ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଲୁହାପଥର ବୋଝେଇ ହାଇୱା ଧକ୍କାରେ ୨ଟି ବାଇକ୍‌ରେ ଯାଉଥିବା ୬ ଜଣଙ୍କ ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତକ ବାମେବାରି ଥାନା ସେବାବେଡ଼ା ଅଞ୍ଚଳର ବିଜୟ ମୁଣ୍ଡା (୨୬), ମୋହନ ମୁଣ୍ଡା (୪୫) ଓ ମାସି ନାଗ (୨୩)।

ପ୍ରକାଶ ଯେ, ୨ ବାଇକ୍ (ଓଡି ୦୯ ଏଡି ୫୦୩୯ ଏବଂ ଓଡି ୦୯ ଜି ୭୬୭୦)ରେ ୩ ଜଣ ଲେଖାଏଁ ଯୋଡ଼ାରୁ ବଡ଼ବିଲ ଅଭିମୁଖେ ଯାଉଥିଲେ। ଯୋଡ଼ା ଫ୍ଲାଏଓଭରର ଆପ୍ରୋଚ ରୋଡ୍ ନିକଟରେ ଲୁହାପଥର ବୋଝେଇ ହାଇୱା ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ୬ ଜଣ ରାସ୍ତାରେ ଛିଟିକିପଡ଼ିଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାରକରି ଟାଟା ଷ୍ଟିଲ୍ ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ମାତ୍ର ସେଠାରେ ଡାକ୍ତର ବିଜୟ, ମୋହନ ଓ ମାସିଙ୍କୁ ମୃତ ଘୋଷଣା କରିଥିଲେ। ବାମେବାରି ଥାନା ଅଞ୍ଚଳର ୩ ଗୁରୁତରଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଲୁହାପଥର ବୋଝେଇ ହାଇୱା ଧକ୍କାଦେଇ ପଳାଇଯାଇଥିବା ଗୁରୁତର କହିଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଲୋକେ ଫ୍ଲାଏଓଭରରେ ଲାଇଟ୍ ଜଳୁ ନ ଥିବା, ଗତି ନିୟନ୍ତ୍ରକ ନ ଥିବାରୁ ଦୁର୍ଘଟଣା ଘଟୁଥିବା ଅଭିଯୋଗ କରିଛନ୍ତି। ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ଯୋଡ଼ା ଥାନା ଆଇଆଇସି ସୁଶାନ୍ତ ପ୍ରଧାନ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଫ୍ଲାଏଓଭର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ନିର୍ମାଣକାରୀ ସଂସ୍ଥାର ଅଧିକାରୀ ଶୁଭଙ୍କର ଦେବନାଥଙ୍କୁ ପୋଲିସ ତାଗିଦା କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, କିଛି ମାସ ପୂର୍ବେ ଉକ୍ତ ସ୍ଥାନରେ ବିଦ୍ୟାଳୟକୁ ଯିବାବେଳେ ଅଜଣା ଗାଡ଼ି ଧକ୍କାରେ ଅଭିଭାବକଙ୍କ ସମେତ ୨ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ସେ ସମୟରେ ପୌର ପ୍ରଶାସନ ପକ୍ଷରୁ ୫ ଅଗଷ୍ଟ ୨୦୨୪, ଚିଠି ସଂଖ୍ୟା ୨୭୩୪ରେ ଫ୍ଲାଏଓଭରରେ ଗତି ନିରୀକ୍ଷଣ ଯନ୍ତ୍ର ଦ୍ୱାରା ପରିବହନ ବିଭାଗ ଜରିଆରେ ଜରିମାନା କରାଯିବ, ସର୍ଭିସ୍ ରୋଡ୍ ନିର୍ମାଣ, ଟ୍ରାଫିକ୍ ପୋଲିସ ନିୟୋଜିତ, ଟ୍ରାଫିକ୍ ପୋଷ୍ଟ ନିର୍ମାଣ, ଡିଏଭି ସ୍କୁଲ ନିକଟରେ କଂକ୍ରିଟ ନିର୍ମିତ ରୋଡ୍ ଡିଭାଇଡର, ସିସିଟିଭି କ୍ୟାମେରା ଲଗାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଚିଠି ଅନୁଯାୟୀ ଅନେକ ପ୍ରତିଶ୍ରୁତି ପୂରଣ ହୋଇନାହିଁ।

## ସିରିଜ୍ ଦୁର୍ଘଟଣାରେ ଜଣେ ମୃତ

ଯୋଡ଼ା,୨୨।୪(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ୫୨୦ ନଂ. ଜାତୀୟ ରାଜପଥ ବିଲେଇପଦା ଛକ ନିକଟରେ ମଙ୍ଗଳବାର ସକାଳ ୬ଟା୧୫ରେ ସିରିଜ୍ ଦୁର୍ଘଟଣା ଘଟିଛି। ବାଇକ୍ ଓ କାରକୁ ଏକ ଟ୍ରକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ କେନ୍ଦୁଝର ସିଙ୍ଗୁକଳା ଅଞ୍ଚଳର ପରମେଶ୍ୱର ମହାନ୍ତ(୪୫)। କଇଁତା ଅଞ୍ଚଳର ରଶ୍ମିରଞ୍ଜନ ମହାନ୍ତ ଗୁରୁତର ହୋଇଛନ୍ତି। ଦୁହେଁ ଟାଟା ଷ୍ଟିଲ ଖଣ୍ଡବନ୍ଧ ଖଣିରେ ଠିକାସଂସ୍ଥା ଅଧୀନରେ କାମ କରୁଥିଲେ। ସୂଚନା ଅନୁଯାୟୀ, ବିଲେଇପଦା ଛକ ନିକଟରେ ଟ୍ରକ୍ (ଓଡି ୦୭ ଏଇ) ପ୍ରଥମେ ବାଇକ୍ (ଓଡି ୦୯ କେ ୮୩୯୨)କୁ ଧକ୍କାଦେଇ ଆଗରେ ଯାଉଥିବା ଏକ ଭିଟାରା କାର୍ (ଓଡି ୦୨ ଏକେ ୮୬୨୫)କୁ ଧକ୍କାଦେଇଥିଲା। ଫଳରେ କାର୍‌ଟି ଆଗରେ ଯାଉଥିବା ଏକ ଟ୍ରକ୍‌ରେ ପିଟିହୋଇଥିଲା। କାରରେ ଥିବା ଲୋକେ ସାମାନ୍ୟ ଆହତ ହୋଇଥିଲେ। ବାଇକ୍ ଆରୋହୀ ପରମେଶ୍ୱର ଟ୍ରକ୍ ଚକ ତଳେ ପଡ଼ିଯିବାରୁ ମୃତ୍ୟୁବରଣ କରିଥିଲେ। ରଶ୍ମିରଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ବାସୁଦେବପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଯୋଡ଼ା ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ ଚଳାଇଛି।

## ବୁଟ୍ ଫସଲର କ୍ଷେତ୍ର ଦିବସ



ଅନୁଷ୍ଠିତ ସଭାରେ କୃଷି ଅଧିକାରୀମାନେ।

ଚମ୍ପୁଆ,୨୨।୪ (ମହେଶ୍ୱର ଦାସ)

କେନ୍ଦୁଝର ଚମ୍ପୁଆ କୃଷି ଜିଲା ଅଧୀନସ୍ଥ ମଉଦି ଓ ଭୋଦପୋଷିଠାରେ ବୁଟ୍ ଫସଲର କ୍ଷେତ୍ର ଦିବସ ପାଳିତ ହୋଇଯାଇଛି। କୃଷି ଅଧିକାରୀ ରାଜେନ୍ଦ୍ର ଜୁଆଙ୍ଗ, ବ୍ଲକ କୃଷିଧିକାରୀ ସାରଦା ହାଁସଦା ଓ କୃଷିବିଭାଗ ସହକାରୀ କୃଷି ଅଧିକାରୀ ରମାମଣୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶତାଧିକ ମହିଳା ଏବଂ ପୁରୁଷ ଚାଷୀ ଯୋଗ ଦେଇଥିଲେ। ଧାନ ଅମଳ ପରେ ଚାଷୀ କିପରି ଚାଷଜମିକୁ କାମରେ ଲଗାଇପାରିବେ ସେନେଇ ଆଲୋଚନା ହେବା ସହିତ ତୈଳ ବିଜ ଚାଷ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଷେଷ ଭାବରେ ଧାନ ଅମଳ ପରେ ବୁଟ, ସୋରିଷ, ମୁଗ, ମସୁର ଆଦି ଚାଷ କରି ଅଧିକ ଲାଭବାନ ହୋଇପାରିବେ। ଡାଲି ଜାତିୟ ଚାଷ ଦ୍ୱାରା ଜମିର ଉର୍ବରତା ବୃଦ୍ଧି କରାଯାଇପାରିବ ସେ ନେଇ ପରାମର୍ଶ ପ୍ରଦାନ କରାଯାଇଥିଲା। ବିଭାଗ ପକ୍ଷରୁ ମଗାଣାରେ ଅଣୁସାର, ବିହନ, ଔଷଧ ଆଦି ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ସୂଚନା ଦିଆଯାଇଥିଲା।

## ଆଦର୍ଶ ଶିକ୍ଷୟିତ୍ରୀଙ୍କ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦୁଝର,୨୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ବରିଷ୍ଠ ସାରସ୍ୱତ ସାଧିକା, ଗାଳ୍ପିକା, କବୟିତ୍ରୀ ବିଜୟଲକ୍ଷ୍ମୀ ଦୀକ୍ଷିତଙ୍କ ଏକାଦଶାହ ଅବସରରେ ମଙ୍ଗଳବାର ବଡ଼ଦାଣ୍ଡରେ ପରିବାର ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଥିଲା। ପଣ୍ଡିତ ମଧୁସୂଦନ ମିଶ୍ର ଦିବଂଗତ ଆତ୍ମାର ଶାନ୍ତି ଲାଗି ବେଦମନ୍ତ୍ର ପାଠ କରିଥିଲେ। ଜଣେ ଆଦର୍ଶ ବିଜ୍ଞାନ ଶିକ୍ଷୟିତ୍ରୀ ଭାବେ ପରିଚିତ ଥିଲେ। ଶିକ୍ଷକତା ଲାଗି ରାଜ୍ୟପାଳଙ୍କ ପାଖରୁ ପୁରସ୍କୃତ ହୋଇଥିଲେ। ୨୦୦୯ରେ 'ନିଶା ଲାଗି ଇସ୍ତାହାର', ୨୦୨୩ରେ 'କାୟା କଳ୍ପ କଥା' ଓ ୨୦୨୪ରେ 'ବିକଶିତ ଭାରତର ବିନ୍ଧାଣୀ' ଆଦି ୩ଟି ପୁସ୍ତକ ପ୍ରକାଶିତ କରିଥିଲେ। ସ୍ମୃତି ସଭାରେ ଏହି ସବୁ ଆଲୋଚନା ହୋଇ ଭାବ ଗମ୍ଭୀର ପରିବେଶ ସୃଷ୍ଟି ହୋଇଥିଲା। ସ୍ୱାମୀ ଡା. ସଞ୍ଜୀବ କୁମାର ଦୀକ୍ଷିତ, ପୁଅ, ଝିଅ, ଜ୍ୱାଇଁ, ବୋହୂ, ନାତି, ନାତୁଣୀ ସମସ୍ତେ ଉପସ୍ଥିତ ଥିଲେ। ସଭା ମଞ୍ଚରେ ତାଙ୍କର ଏକ ପୁସ୍ତକ ଉନ୍ମୋଚନ ହୋଇଥିଲା। ବିଦ୍ୟୁତଲତା ବଳ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମରଣୋତ୍ତର ଭାବେ ବିଦ୍ୟୁତ୍ ଲତା ଶିକ୍ଷା ସମ୍ମାନ ପ୍ରଦାନ କରାଯାଇଥିଲା। ବରିଷ୍ଠ କବି ଚିନ୍ତାମଣି ମହାଳିକଙ୍କ ସଂଯୋଜନାରେ କବି ଦେବାଶିଷ ଚକ୍ରବର୍ତ୍ତୀ, ସଙ୍କର୍ଷଣ ଜେନା, କୃଷ୍ଣଚନ୍ଦ୍ର ମହାନ୍ତି, ଇନ୍ଦୁମତି ପାତ୍ର, ମମତା ରାଣୀ ଦାସ ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟ ଓ କବିତା ମାଧମରେ ବିଜୟଲକ୍ଷ୍ମୀ ଦିଦିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଶିଶୁ ବିଦ୍ୟାମନ୍ଦିରରେ ସଂକୁଳସ୍ତରୀୟ ଆଚାର୍ଯ୍ୟ କର୍ମଶାଳା

ପାଟଣା,୨୨।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଂକୁଳସ୍ତରୀୟ ଆଚାର୍ଯ୍ୟ କର୍ମଶାଳା ସୋମବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। କର୍ମଶାଳା ଗୁରୁବାର ପର୍ଯ୍ୟନ୍ତ ଚାଲିବ। କର୍ମଶାଳାରେ ତୁରୁମୁଙ୍ଗା ସଂକୁଳର ୭ଟି ବିଦ୍ୟାଳୟରୁ ମୋଟ ୭୪ ଜଣ ଆଚାର୍ଯ୍ୟା, ଆଚାର୍ଯ୍ୟ ଯୋଗଦେଇଛନ୍ତି। ମୁଖ୍ୟ ଅତିଥିଭାବେ ସଂକୁଳ ପ୍ରମୁଖ ହୀରାଲାଲ ମହାନ୍ତ, ମୁଖ୍ୟ ବକ୍ତାଭାବେ ପ୍ରାକ୍ତନ ପରିଚାଳନା ସମିତିର ସମ୍ପାଦକ ମୋଚିରାମ ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ପରିଚାଳନା ସମିତିର ସମ୍ପାଦକ ପ୍ରମୋଦ ସାହୁ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତଥା ସଂକୁଳ ସଂଯୋଜକ ଚିତ୍ତରଞ୍ଜନ ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।




କର୍ମଶାଳରେ ମଞ୍ଚାସୀନ ଅତିଥିମାନେ।

## ବିଶିଷ୍ଟ ବ୍ୟବସାୟୀଙ୍କ ପରଲୋକ

ଢେଙ୍କିକୋଟ,୨୨।୪(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ବଜାରର ବିଶିଷ୍ଟ ବ୍ୟବସାୟୀ ଭୀମସେନ ସାହୁଙ୍କ ମଙ୍ଗଳବାର ଭୋର ୪ଟାରେ ପରଲୋକ ହୋଇଯାଇଛି। ସେ ଯକୃତ ରୋଗରେ ଆକ୍ରାନ୍ତ ଥିଲେ। ତିନି ପୁଅଙ୍କ ମଧ୍ୟରୁ ଜଣେ ବେଙ୍ଗାଲୁରୁ, ଅନ୍ୟ ଜଣେ ଆମେରିକାରେ ଚାକିରି କରନ୍ତି। ସାନ ପୁଅ ଧରଣୀଧର ଢେଙ୍କିକୋଟ ବଜାରରେ ବାପାଙ୍କ ବ୍ୟବସାୟ ବୁଝାବୁଝି କରୁଛନ୍ତି। ଢେଙ୍କିକୋଟସ୍ଥ ବାସଭବନରେ ଢେଙ୍କିକୋଟ ବଣିକ ସଂଘ, ବିକାଶମଞ୍ଚ ଏବଂ ତୈଳିକ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା।

## ମୟୂରଭଞ୍ଜ

### ଅବକାରୀ ଚଢ଼ାଉ, ୪ ଗିରଫ



ଗିରଫ ୨ ଅଭିଯୁକ୍ତ।

ମୋରଡ଼ା,୨୨।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ଅବକାରୀ ଅଧିକାରୀ ଦୀପକ କୁମାର ରାଉତଙ୍କ ସୂଚନା ଅନୁଯାୟୀ, ପାଞ୍ଚଗୋଚ୍ଛିଆ ଏବଂ ବରକନ୍ଦ ଗ୍ରାମରେ ଚଢ଼ାଉ ପରେ ୨୦ ଲିଟର ଦେଶୀ ମଦ ଜବତ ସହ ରବିନ ସିଂ ଏବଂ ସୀତାରାମ ରାଉତଙ୍କୁ ଗିରଫ କରାଯାଇଛି। ସେହିପରି ଆଣ୍ଡୁଆ ଗ୍ରାମରେ ଚଢ଼ାଉ କରି ୧୫ ଲିଟର ଦେଶୀ ମଦ ଜବତ କରିବା ସହିତ ସାଲଗେ ମାର୍ଣ୍ଡି ଏବଂ ପୃଥୁରାମ ଟୁଡୁଙ୍କୁ ଗିରଫ କରାଯାଇଛି। ଏନେଇ ଅବକାରୀ ଥାନାରେ ୯,୧୦,୧୧ ଏବଂ ୧୨/୨୪–୨୫ରେ ମାମଲା ରୁଜୁ ହୋଇଛି ।

### ପୂର୍ବ ସ୍ଥାନକୁ ଫେରିଲେ ମୋନାଲିସା

**ସହକାରୀ ଯନ୍ତ୍ରୀ ନିଯୁକ୍ତି ମାମଲା**

କରଞ୍ଜିଆ,୨୨।୪(କବିତା ମହାନ୍ତ): ମୟୂରଭଞ୍ଜ ଜିଲା କରଞ୍ଜିଆ ପଞ୍ଚାୟତ ସମିତିରେ ସହକାରୀ ଯନ୍ତ୍ରୀ ଭାବେ ନିଯୁକ୍ତି ପାଇଥିବା ଇଂ. ମୋନାଲିସା ନାୟକ ପୂର୍ବସ୍ଥାନ କରଞ୍ଜିଆ ବ୍ଲକ୍‌କୁ ଫେରିଛନ୍ତି। ବେଆଇନ ଭାବେ ଅନ୍ୟତ୍ର ଡେପୁଟେସନ ନାମରେ ତାଙ୍କୁ ପୋଷ୍ଟିଂ କରାଯାଇଥିଲା। ଜିଲା ପ୍ରଶାସନ ନିକଟରେ ଅଭିଯୋଗ ପରେ ଜିଲାପାଳଙ୍କ ଚିଠି (ନଂ ୩୧୧୭, ୨୧ ଏପ୍ରିଲ ୨୦୨୫) ଅନୁଯାୟୀ ତାଙ୍କୁ ଡିଆରଡିଏରୁ ଫେରାଇ ଅଣାଯାଇଛି। ସୁସ୍ମିତା ବେହେରାଙ୍କୁ ଜିଲା ଡିଆରଡିଏ କାର୍ଯ୍ୟାଳୟରେ ନିଯୁକ୍ତି ମିଳିଛି। କରଞ୍ଜିଆରେ ଅବସ୍ଥାପିତ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ଦାୟିତ୍ୱ ପୂର୍ବଭଳି ରହିଥିବାର ଜଣାପଡ଼ିଛି। ସୂଚନାଯୋଗ୍ୟ, ମୋନାଲିସାଙ୍କୁ ୪ବର୍ଷ ପୂର୍ବେ କରଞ୍ଜିଆ ବ୍ଲକ୍‌ରେ ସହକାରୀ ଇଞ୍ଜିନିୟର ଭାବେ ନିଯୁକ୍ତି ମିଳିଥିଲା। ମାତ୍ର ଚକ୍ରାନ୍ତ କରି ତାଙ୍କୁ ଅନ୍ୟତ୍ର ଡେପୁଟେସନରେ ପଠାଯାଇଥିଲା। ତାଙ୍କୁ ଫେରାଇ ଆଣିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଥିଲା।

# ଫସର ଫାଟିଲା ଅନାସ୍ଥା ଭୋଟ

**ରଘୁପୁର ପଞ୍ଚାୟତ**

■ ଦଳୀୟ ନେତାଙ୍କ ହସ୍ତକ୍ଷେପ ଯୋଗୁ ଟଳିଲା ବିପଦ

ବୈଶିଙ୍ଗା,୨୨।୪(ରତନ ଦାଶ)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ରଘୁପୁର ପଞ୍ଚାୟତର ସରପଞ୍ଚ ବତୀ ସିଂଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ମଙ୍ଗଳବାର ଭୋଟ ଗ୍ରହଣ ହେବାର ଥିଲା। ହେଲେ ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୧୧ଟାରେ ଏହି ପଞ୍ଚାୟତରେ ଥିବା ମୋଟ ୧୨ଟି ୱାର୍ଡରୁ କୌଣସି ଜଣେ ହେଲେ ୱାର୍ଡ ସଭ୍ୟ ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ନ ହେବାରୁ ଅନାସ୍ଥା ଭୋଟ ଫସର ଫାଟିଥିଲା। ଭୋଟ ପାଇଁ ଆସିଥିବା ସରକାରୀ ଅଧିକାରୀମାନେ ଫେରିଯିବାକୁ ବାଧ୍ୟ ହୋଇଥିଲେ।

ସୂଚନାଯୋଗ୍ୟ, ଏହି ପଞ୍ଚାୟତର ସରପଞ୍ଚ ବତୀ ସିଂଙ୍କ ବିରୋଧରେ କ୍ଷମତାର ଅପବ୍ୟବହାର ଓ ଆର୍ଥିକ ଅନିୟମିତତା ନେଇ ଜିଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲାପାଳ ଦୟାସିନ୍ଧୁ ପରିଡ଼ା ମଙ୍ଗଳବାର ରଘୁପୁର ପଞ୍ଚାୟତ କାର୍ଯ୍ୟାଳୟରେ ଅନାସ୍ଥା ପ୍ରସ୍ତାବ ଭୋଟ ଗ୍ରହଣ ପାଇଁ ନୋଟିସ କରିଥିଲେ। ଏହି କ୍ରମରେ ବାରିପଦା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ପ୍ରିଜାଇଡିଂ ଅଫିସର ଭାବେ ନିଯୁକ୍ତ କରଯାଇଥିଲା। ତାଙ୍କ ସହିତ ବେତନଟୀ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଦନ ସିଂ ଓ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସବ୍ୟସାଚୀ ଦାସ ଉପସ୍ଥିତ ଥିଲେ। ତେବେ କୌଣସି ଜଣେ ହେଲେ ୱାର୍ଡସଭ୍ୟ ଉପସ୍ଥିତ ନ ହେବା ସମ୍ପର୍କରେ ଜିଲାପାଳଙ୍କୁ ରିପୋର୍ଟ କରିବାପରେ ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପସ୍ଥିତ ଅଧିକାରୀମାନେ ସୁଚନା ଦେଇଥିଲେ। ତେବେ ଭାଜପା ସମର୍ଥିତ ସରପଞ୍ଚ ସିଂଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ଦଳୀୟ ନେତୃବୃନ୍ଦ ପଦକ୍ଷେପ ଗ୍ରହଣ କରିଥିଲେ ଏବଂ ବିରୋଧୀମାନଙ୍କୁ ଶେଷ ମୁହୂର୍ତ୍ତରେ ବଶ କରିପାରିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଚାଲିଛି। ଘଟଣାସ୍ଥଳରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

### ସରପଞ୍ଚ, ୱାର୍ଡସଭ୍ୟ ଉପନିର୍ବାଚନ ପାଇଁ ଚୂଡ଼ାନ୍ତ ଭୋଟର ତାଲିକା

ଠାକୁରମୁଣ୍ଡା, ୨୨।୪ (ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକର ଠାକୁରମୁଣ୍ଡା ପଞ୍ଚାୟତ ସରପଞ୍ଚ ଏବଂ ବିଭିନ୍ନ ପଞ୍ଚାୟତର ମୋଟ ୧୦ ୱାର୍ଡସଭ୍ୟ ପଦବୀ ପାଇଁ ଉପନିର୍ବାଚନ ନିମନ୍ତେ ଭୋଟର ତାଲିକା ସଂଶୋଧନ ମଙ୍ଗଳବାର ଚୂଡ଼ାନ୍ତ ହୋଇଛି। ଚୂଡ଼ାନ୍ତ ତାଲିକା ଆସନ୍ତା ୨୯ ତାରିଖରେ ନିର୍ବାଚନ କମିଶନରଙ୍କ ନିକଟରେ ଦାଖଲ କରାଯିବ। ଠାକୁରମୁଣ୍ଡା ପଞ୍ଚାୟତର ନିର୍ବାଚିତ ସରପଞ୍ଚ ସରକାରୀ ଚାକିରିରେ ନିଯୁକ୍ତି ପାଇବାରୁ ସେ ଇସ୍ତଫା ଦେଇଥିଲେ। ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି। ଖାଲିଥିବା ହାତୀଗୋଡ଼ା ପଞ୍ଚାୟତର ୪ ଓ ୫ନଂ ୱାର୍ଡ, ଚମ୍ପାଝରର ୧, ଜରକର ୩, ତାଳପଦାର ୧୪, ଶାଳବୁଆର ୭ ଓ ୮, ସାତକୋଶିଆର ୯, କେଶଡିହାର ୧୮ ଓ କେନ୍ଦୁଜିଆଣୀ ପଞ୍ଚାୟତର ୬ ନଂ. ୱାର୍ଡସଭ୍ୟ ପଦବୀ ନିମନ୍ତେ ମଧ୍ୟ ଉପନିର୍ବାଚନ ହେବ।

## ଆହୁରି ୧୦ହଜାର ଗୃହ ପାଇବେ ହିତାଧିକାରୀ

**ଅନ୍ତ୍ୟୋଦୟ ଗୃହ ଯୋଜନା ଲକ୍ଷ୍ୟ ଧାର୍ଯ୍ୟ ବୃଦ୍ଧି**

ବାରିପଦା, ୨୨।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସୁରକ୍ଷିତ ବାସଗୃହ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇଦେବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଆରମ୍ଭ ଅନ୍ତଦ୍ୟୋୟ ଗୃହ ଯୋଜନାର ଲକ୍ଷ୍ୟ ଧାର୍ଯ୍ୟ ବୃଦ୍ଧି ପାଇଛି। ନୂତନ ଲକ୍ଷ୍ୟ ଧାର୍ଯ୍ୟ ଅନୁସାରେ ମୟୂରଭଞ୍ଜ ଜିଲାରେ ଆହୁରି ପ୍ରାୟ ୧୦ ହଜାର ଗୃହ ହିତାଧିକାରୀ ପାଇବେ ବୋଲି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ସୂଚନା ଦେଇଛନ୍ତି।

ନୂତନ ଲକ୍ଷ୍ୟ ଧାର୍ଯ୍ୟ ଅନୁସାରେ ପ୍ରତି ବ୍ଲକକୁ ଅନ୍ୟୁନ ୫୦୬ଜଣ ଛାତଘର ନ ଥିବା ଅସହାୟ ପରିବାରକୁ ସାମିଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି କ୍ରମରେ ଜିଲାରେ ୧୩,୧୫୬ଟି ଅନ୍ତଦ୍ୟୋୟ ଗୃହ ନିର୍ମାଣ ଲକ୍ଷ୍ୟ ରହିଛି। ଜିଲାର ୨୬ ବ୍ଲକରୁ ପ୍ରଥମ ପର୍ଯ୍ୟାୟ ପ୍ରସ୍ତାବକ୍ରମେ ୨୨୫୩ ଓ ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତାବକ୍ରମେ ୧୧୦୭ଜଣଙ୍କୁ ମିଶାଇ ୩୩୬୦ଜଣଙ୍କୁ ଗୃହ ନିର୍ମାଣ ପାଇଁ ଚୟନ କରାଯାଇଛି। ଏଣୁ ଟାର୍ଗେଟ ପୂରଣ ପାଇଁ ଆଉ ୯୭୯୬ଟି ଗୃହ ନିର୍ମାଣ ଲକ୍ଷ୍ୟ ରହିଛି। ଛୋଟ ବ୍ଲକରେ ହିତାଧିକାରୀ ନ ଥିଲେ ବୃହତ୍ ବ୍ଲକରେ ବଳକା ଗୃହ ପ୍ରଦାନ ପାଇଁ ଜିଲାପାଳ ହେମକାନ୍ତ ସୟ ସୂଚନା ଦେଇଛନ୍ତି। ଜିଲାର ଅସହାୟ, ଦିବ୍ୟାଙ୍ଗ ଆଦି ପରିବାର ପକ୍କାଘର ନ ଥିଲେ ତୁରନ୍ତ ଅନ୍ତଦ୍ୟୋୟ ଯୋଜନାରେ ସାମିଲ କରିବା ପାଇଁ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି, ପଞ୍ଚାୟତିରାଜ ଅଧିକାରୀ ଓ କର୍ମଚାରୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# 'ଶୈଶବ ଅବସ୍ଥାରୁ ଘରୋଇ ଖାଦ୍ୟ ଅଭ୍ୟାସ ଜରୁରୀ'

**ଜିଲାସ୍ତରୀୟ ପୋଷଣ ପକ୍ଷ**

ବାରିପଦା,୨୨।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ପୋଷଣ ପକ୍ଷ ପାଳିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ହେମକାନ୍ତ ସୟ ଏବଂ ସମ୍ମାନିତ ଅତିଥି ଭାବେ ବାରିପଦା ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ରାଜ୍ୟକୁ କୁପୋଷଣମୁକ୍ତ କରିବାକୁ ସରକାରଙ୍କ ପ୍ରାଥମିକତା ରହିଥିବାରୁ ଏଥିପାଇଁ ବିଭିନ୍ନ ଫଳପ୍ରଦ ଯୋଜନା କରାଯାଇଛି। ଏହି ଯୋଜନାଗୁଡ଼ିକ ଫଳପ୍ରଦ କରାଇବା ପାଇଁ ସାମୂହିକ ସଚେତନତା ଆବଶ୍ୟକ। ଏକ ସୁସ୍ଥ ଶିଶୁ ହିଁ ଉତ୍ତମ ଛାତ୍ର ଓ ଭବିଷ୍ୟତରେ ସୁନାଗରିକ ହୋଇପାରିବ। ଶିଶୁର ସ୍ୱାସ୍ଥ୍ୟ ରକ୍ଷା ଓ ଉନ୍ନତି ପାଇଁ ମା'ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶୈଶବ ଅବସ୍ଥାରେ ଉପଯୁକ୍ତ ପୋଷଣ ପାଇଲେ ଶିଶୁର ସ୍ୱାସ୍ଥ୍ୟର ଉନ୍ନତି ହେବା ସହ ସାମଗ୍ରିକ ବିକାଶ ଘଟିଥାଏ। ମା'ମାନେ ସେମାନଙ୍କ ପିଲାଙ୍କୁ ଶୈଶବ ଅବସ୍ଥାରୁ ଉପଯୁକ୍ତ ଯତ୍ନ ନେବା ସହ ପୋଷଣଯୁକ୍ତ ଘରୋଇ ଖାଦ୍ୟ ଖୁଆଇବା ଅଭ୍ୟାସ କରାଇବା ଉଚିତ। ଏହାଦ୍ୱାରା ଶିଶୁ ବଡ଼ ହେବା ପରେ ବଜାରରେ ମିଳୁଥିବା ଜଙ୍କ୍ ଫୁଡ୍ ପ୍ରତି ଆଗ୍ରହୀ ହେବ ନାହିଁ। ସେହିପରି ପିଲାମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ମୌଳିକ ଶିକ୍ଷା ଦାନ କରୁଥିବା ଅଙ୍ଗନୱାଡି କର୍ମୀଙ୍କର ମଧ ଅନୁରୂପ ଦାୟିତ୍ୱ ରହିଛି। ସାମୂହିକ ଭାବେ ପୋଷଣ ଅଭିଯାନକୁ ସଫଳ କରିପାରିଲେ ଏବଂ ସୁସ୍ଥ ଜୀବନଶୈଳୀ ମାଧ୍ୟମରେ ଭବିଷ୍ୟତରେ ଏକ ସୁସ୍ଥ ମାନବ ସମ୍ବଳ ପାଇପାରିବା ଜିଲାପାଳ କହିଥିଲେ। ଏଣୁ ପ୍ରତ୍ୟେକ ସିଡିପିଓ, ସୁପରଭାଇଜର, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ସେମାନଙ୍କ ନିଜ କାର୍ଯ୍ୟକ୍ଷେତ୍ର ଅଞ୍ଚଳର ସମସ୍ତ ମା' ଓ ଶିଶୁମାନଙ୍କୁ ପଞ୍ଜୀକୃତ କରିବା ସହ ପ୍ରତ୍ୟେକ ଯେମିତି ଛତୁଆ, ଅଣ୍ଡା ପାଇବେ ସେଥିପ୍ରତି ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ପୋଷଣ କ୍ଷେତ୍ରରେ ଜିଲାକୁ ପ୍ରଥମ ଭାବେ ପରିଚିତ କରାଇବାକୁ ସେ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଉପଜିଲାପାଳ ଖାଦ୍ୟ ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ।

ଏହି ଅବସରରେ ଉତ୍ତମ ପ୍ରଦର୍ଶନ କରିଥିବା ଅଙ୍ଗନୱାଡି କେନ୍ଦ୍ରକୁ ଜିଲାପାଳ ପୁରସ୍କୃତ କରିଥିଲେ ଏବଂ ପୋଷଣଯୁକ୍ତ ଖାଦ୍ୟ ପ୍ରଦର୍ଶନୀ ଷ୍ଟଲ୍ ବୁଲି ଦେଖିଥିଲେ। କୁପୋଷଣର ଶିକାର ନ ହେବା, କେଉଁ ଖାଦ୍ୟ ଖାଇବା ଦ୍ୱାରା ଉପଯୁକ୍ତ ପୋଷଣ ମିଳିବ ତାହାକୁ ନେଇ ଏକ ବାର୍ତ୍ତା ସମ୍ବଳିତ ନୃତ୍ୟ ସଂଗୀତ ଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ମହିଳା ଓ ଶିଶୁ ବିକାଶ ବିଭାଗର ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ବ୍ଲକର ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



ଅତିଥି ପୋଷଣଯୁକ୍ତ ଖାଦ୍ୟ ପ୍ରଦର୍ଶନୀ ଷ୍ଟଲ୍ ବୁଲି ଦେଖୁଛନ୍ତି।

## ଦିବ୍ୟାଙ୍ଗ ବାଳକଙ୍କୁ ମିଳୁନି ଭତ୍ତା

ମୋରଡ଼ା,୨୨।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ନୂଆଝାଳିଆ ପଞ୍ଚାୟତର ଭୁରୁଙ୍ଗଶୋଳ ଗ୍ରାମର ଗଣେଶ୍ୱର ବେହେରାଙ୍କ ୬ ବର୍ଷର ଦିବ୍ୟାଙ୍ଗ ପୁଅ ସନ୍ଦୀପ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ତାଙ୍କ ମା' ବାରମ୍ବାର ପ୍ରଶାସନ ନିକଟରେ ଗୁହାରି କରିଥିଲେ ମଧ୍ୟ କେହି ତାଙ୍କ ପ୍ରତି ଗୁରୁତ୍ୱ ହେଉନାହାନ୍ତି। ସନ୍ଦୀପ ଜନ୍ମରୁ ମୁକବଧିର ହୋଇଥିବା ବେଳେ ତାଙ୍କୁ ୮୦% ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଛି। ସନ୍ଦୀପଙ୍କ ବାପା ଗଣେଶ୍ୱର ଦାଦନ ଖଟିବାକୁ ଗୁଜୁରାଟ ଯାଇଛନ୍ତି। ମା' ଲିମା ମଙ୍ଗଳବାର ସନ୍ଦୀପଙ୍କୁ ଧରି ଚିତ୍ରଡ଼ାସ୍ଥିତ ବ୍ଲକ କାର୍ଯ୍ୟାଳୟକୁ ଆସି ଭତ୍ତା ପାଇଁ ନିବେଦନ କରିଛନ୍ତି। ନୂଆଝାଳିଆ ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟ ୨୦ କି.ମି. ଦୂର ହୋଇଥିବା ବେଳେ ବାରମ୍ବାର ଦୌଡ଼ି ଦୌଡ଼ି ନିରାଶ ହୋଇପଡ଼ିଥିବା ଅଭିଯୋଗ କରିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଆବେଦନ କରି ନୟାନ୍ତ ହୋଇ ପଡ଼ିଛନ୍ତି। ତାଙ୍କ ପରିବାରକୁ ମାତ୍ର ୫ କେଜି ଚାଉଳ ମିଳୁଥିବା ବେଳେ ଆବାସ ଗୃହ ପାଇବାରୁ ମଧ ବଞ୍ଚିତ ରହିଛନ୍ତି। ତେଣୁ ଦିବ୍ୟାଙ୍ଗ ସନ୍ଦୀପଙ୍କୁ ତୁରନ୍ତ ଭତ୍ତା ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବିଏସ୍‌ଏସ୍‌ଓ ସଲମା ମୁର୍ମୁଙ୍କୁ ପଚାରିବାରୁ ସନ୍ଦୀପଙ୍କୁ ଖୁବ୍‌ଶୀଘ୍ର ଭତ୍ତା ମିଳିବ ବୋଲି କହିଛନ୍ତି।



ମା' ସହ ବ୍ଲକ କାର୍ଯ୍ୟାଳୟ ଆସିଥିବା ଦିବ୍ୟାଙ୍ଗ ସନ୍ଦୀପ।

# ଗୁଣି ସନ୍ଦେହରେ ପିଟି ହତ୍ୟା

■ ୭ ନାବାଳକଙ୍କ ସମେତ ୨୮ ଜଣଙ୍କୁ ଉଠାଇନେଲା ପୋଲିସ

■ ସଂଘବଦ୍ଧ ଆକ୍ରମଣରେ ଥାନା ଅଧିକାରୀ ଆହତ

ରାୟଗଡ଼ା/ପଦ୍ମପୁର,୨୨।୪ (ଆଶିଷ ରଞ୍ଜନ ପଣ୍ଡା/ ପ୍ରଶାନ୍ତ କୁମାର କର)

ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଏବେବି ଲୋକମାନେ ହତ୍ୟା ପରି ବୀଭତ୍ସକାଣ୍ଡ ଘଟାଇବାକୁ ପଛାଉନାହାନ୍ତି। ଏହାର ଉଦାହରଣ ଦେଖିବାକୁ ମିଳିଛି ରାୟଗଡ଼ା ଜିଲା ପଦ୍ମପୁର ଥାନା ଅନ୍ତର୍ଗତ ହାଟପଦା ସାହିରେ। ସୋମବାର ବିଳମ୍ବିତ ରାତିରେ ଗୁଣି ଗାରେଡ଼ି ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଉତ୍ୟକ୍ତ ଲୋକେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ପଦ୍ମପୁର ତେଲିସାହିର ଭୈରବ ସାହୁ(୫୦)। ତେବେ ଆକ୍ରମଣକାରୀଙ୍କୁ ଅଟକାଇବାକୁ ଯାଇ ପଦ୍ମପୁର ଥାନା ଅଧିକାରୀ ଧରଣୀଧର ପ୍ରଧାନ ମଧ୍ୟ ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ଜଣାପଡ଼ିଛି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଘଟଣାସ୍ଥଳରେ ରାୟଗଡ଼ା ଅତିରିକ୍ତ ଏସ୍‌ପି ଅମୂଲ୍ୟ ଧର, ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଏନେଇ ପଦ୍ମପୁର ଥାନାରେ କେସ୍ ନଂ. ୬୦/୨୫ରେ ଏକ ମାମଲା ରୁଜୁ ହୋଇଛି। ୭ଜଣ ନାବାଳକଙ୍କ ସମେତ ୨୮ଜଣଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖିଥିଲା। ପରେ ମଙ୍ଗଳବାର ରାତିରେ ୨୧ଜଣଙ୍କୁ ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଥିବାବେଳେ ୭ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଯାଇଛି ବୋଲି ଅତିରିକ୍ତ ଏସ୍‌ପି ଧର କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗୁଣପୁର ଉପଖଣ୍ଡ ପଦ୍ମପୁର ଥାନା ଅନ୍ତର୍ଗତ ହାଟପଦା ସାହିର ବିପିନ


ଭୈରବ ସାହୁ

ସାହୁଙ୍କ ଗତ ୪ଦିନ ତଳେ କୌଣସି କାରଣରୁ ମୃତ୍ୟୁ ହୋଇଥିଲା। ତେଲି ସାହିର ଭୈରବ ପୂର୍ବରୁ ଗୁଣିଗାରେଡ଼ି କରୁଥିବାରୁ ସେ ବିପିନଙ୍କୁ ମାରିଦେଇଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। ସୋମବାର ରାତି ପ୍ରାୟ ୧୨ଟାରେ ଲୋକମାନେ ସଂଘବଦ୍ଧ ଭାବେ ଭୈରବଙ୍କୁ ଆକ୍ରମଣ କରିଥିଲେ। ଭୈରବ ନିଜ ଜୀବନ ବଞ୍ଚାଇବା ପାଇଁ ଦୌଡ଼ିବାରୁ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଲୋକେ ପିଟିଥିଲେ। ଖବରପାଇ ପଦ୍ମପୁର ଥାନା ଆଇଆଇସି ପ୍ରଧାନ ଓ ପୋଲିସ ଟିମ୍ ଆକ୍ରମଣକାରୀଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଲୋକମାନେ ପୋଲିସକୁ ମଧ୍ୟ ଆକ୍ରମଣ କରିଥିଲେ। ଫଳରେ ଆଇଆଇସି ଆହତ ହୋଇଥିଲେ। ଭୈରବଙ୍କୁ ପୋଲିସ ଘଟଣାସ୍ଥଳରୁ ଉଦ୍ଧାରକରି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ମାମଲାରେ ପୋଲିସ ୨୮ଜଣଙ୍କୁ ଧରି ଥାନାକୁ ଆଣିଥିଲା। ହେଲେ ସେମାନଙ୍କୁ ଖଲାସ କରିବା ପାଇଁ ଗ୍ରାମର ମହିଳାମାନେ ଥାନା ଘେରାଉ କରିଥିଲେ। ଥାନା ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବାରୁ ସେଠାରେ ୧୬୩ ଧାରା ଜାରି କରାଯାଇଛି। ସୂଚନାଯୋଗ୍ୟ, ଦୀର୍ଘ ୩୦ବର୍ଷ ତଳେ ପଦ୍ମପୁରରେ ଏଭଳି ଏକ ଅମାନୁଷିକ ହତ୍ୟାକାଣ୍ଡ ଘଟିଥିଲା। ପଦ୍ମପୁରର ଜୁମୁରୁଗୁଡ଼ାରେ ଗୁଣିଗାରେଡ଼ି ସନ୍ଦେହରେ ଅନ୍ନପୂର୍ଣ୍ଣା ନାମ୍ନୀ ମହିଳାଙ୍କୁ ଗ୍ରାମବାସୀ ସଂଘବଦ୍ଧ ଆକ୍ରମଣକରି ଅତି ଅମାନୁଷିକ ଭାବେ ଜିଅନ୍ତା ଜାଳି ଦେଇଥିଲେ।

## ଯୁବକଙ୍କୁ ପଥରରେ ଛେଚି ହତ୍ୟା

ଦିଗପହଣ୍ଡି,୨୨।୪ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ପାଟପୁର ଥାନା ସାମନ୍ତରାପୁର ଗ୍ରାମର ଜଣେ ଯୁବକଙ୍କୁ ପଥର ଛେଚି ହତ୍ୟା କରାଯାଇଛି। ସେ ହେଲେ ହୀନ ପାତ୍ର। ମଙ୍ଗଳବାର ସକାଳେ ସାନଖେମୁଣ୍ଡି ବ୍ଲକ ରାମଚନ୍ଦ୍ରପୁର ଗ୍ରାମ ନିକଟ ଏକ କେନାଲ ବ୍ରିଜ ପାଖରୁ ହୀନଙ୍କ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଉକ୍ତ ବ୍ରିଜ ନିକଟରେ ବହୁବର୍ଷ ହେଲା ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି। ସେଠାରେ ମଦ୍ୟପାନ କରି ଅସାମାଜିକ ଯୁବକମାନେ ରାସ୍ତାରେ ଚଳପ୍ରଚଳ କରୁଥିବା ଲୋକଙ୍କୁ ମାଡ଼ ମାରିବା ସହ ଛିନତାଇ କରୁଥିବା ଅଭିଯୋଗ ହୋଇଛି। ତେବେ ହୀନଙ୍କ ମୃତ୍ୟୁ କିପରି ହୋଇଛି ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ପୋଲିସ କହିଛି।

ହୀନ ସୋମବାର କୌଣସି କାମରେ ନିଜ ବାଇକ୍ (ନଂ.ଓଡ଼ି ୦୭ ଏଭି ୧୬୯୨) ଯୋଗେ ବ୍ରହ୍ମପୁର ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ସେ ଘରକୁ ଆସି ନ ଥିଲେ। ପରିବାର ଲୋକେ ଫୋନ କରିବାରୁ ରାତିରେ ଘରକୁ ଫେରିବେ ବୋଲି କହି ଆଉ ଆସି ନ ଥିଲେ। ମଙ୍ଗଳବାର ସକାଳେ କେତେଜଣ ଲୋକ କେନାଲ ନିକଟରେ ହୀନଙ୍କ ମୃତଦେହ ପଡ଼ିଥିବା ଓ କିଛି ଦୂରରେ ବ୍ରିଜ୍ ଉପରେ ତାଙ୍କ ବାଇକ୍ ଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଗ୍ରାମବାସୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା ସାଇଣ୍ଟିଫିକ ଟିମ ସହ ସଦଳବଳ ସେଠାରେ ପହଞ୍ଚି ତଦନ୍ତ କରିଛନ୍ତି। ବାଇକ୍‌କୁ ପୋଲିସ ଜବତ କରି ଥାନାକୁ ନେଇଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ସ୍ତ୍ରୀଙ୍କୁ ନିର୍ଯାତନା ପାଇଁ ୨ ବର୍ଷ ଜେଲ ଦଣ୍ଡାଦେଶ

କେନ୍ଦ୍ରାପଡ଼ା, ୨୨।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଫାଷ୍ଟ ଟ୍ରାକ୍ କୋର୍ଟରେ ରାଜକନିକା ଥାନା ଅଞ୍ଚଳର ୨୦୧୯ ମସିହାରେ ହୋଇଥିବା ସ୍ତ୍ରୀଙ୍କୁ ନିର୍ଯାତନା ମାମଲାର ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଜଜ୍ ତ୍ରିବିକ୍ରମ କେଶରୀ ଚିହ୍ନରା ଏହି ମାମଲା (ପି.ଏସ. କେସ ନଂ. ୧୭୮/୨୦୧୯)ର ଶୁଣାଣି କରି ଥାନା ଅନ୍ତର୍ଗତ ଓଲାଭର ବାଲିସାହି ଗ୍ରାମର ଅଜୟ କୁମାର ନାଥଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ବାବଦ ୫ ହଜାର ଟଙ୍କା ନ ଦେଲେ ୧ ବର୍ଷରୁ ଅଧିକ ଜେଲରେ ରହିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ମାମଲା ପରିଚାଳନାକାରୀ ସରକାରୀ ଓକିଲ ସଞ୍ଜୟ ଜେନା ସୂଚନା ଦେଇଛନ୍ତି, ଅଜୟଙ୍କ ବିବାହ ୨୦୧୭ ନଭେମ୍ବର ୨୫ରେ ହୋଇଥିଲା। ବିବାହ ସମୟରେ ଯୌତୁକ ବାବଦ ୧ ଲକ୍ଷ ୨୦ ହଜାର ଟଙ୍କା ଓ ଅନ୍ୟ ସାମଗ୍ରୀ ଶ୍ୱଶୁର ଘରୁ ପାଇଥିଲେ। ବିବାହ ପରେ ଅଜୟଙ୍କ ଅନ୍ୟ ଜଣେ ଝିଅ ସହ ପ୍ରେମ ସମ୍ପର୍କ ରହିଥିବା ଜଣାପଡ଼ିବା ପରେ ସ୍ତ୍ରୀଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଥିଲା। ଏହି ସମୟରେ ଅଧିକ ଯୌତୁକ ବାବଦ ଅର୍ଥ ମାଗିବାରୁ ସ୍ତ୍ରୀଙ୍କ ବାପଘର ପକ୍ଷରୁ ୬୦ ହଜାର ଟଙ୍କା ଦିଆଯାଇଥିଲା। ତେବେ ୨୦୧୯ ଜୁଲାଇ ୨ରେ ଅଜୟ ତାଙ୍କର ଜଣେ ସାଙ୍ଗଙ୍କ ସହିତ ଅନୈତିକ ସମ୍ପର୍କ ରଖିବାକୁ ସ୍ତ୍ରୀଙ୍କୁ ବାଧ କରିଥିଲେ। ଏହାର ପ୍ରତିବାଦ କରିବାରୁ ସ୍ତ୍ରୀଙ୍କୁ ଅଜୟ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ସ୍ତ୍ରୀ ଜୁଲାଇ ୨୭ରେ ଥାନାରେ ଅଭିଯୋଗ ପତ୍ର ଦେଇଥିଲେ ବୋଲି ସରକାରୀ ଓକିଲ ଜେନା ସୂଚନା ଦେଇଛନ୍ତି।

# ପିସିଆର୍ ଭ୍ୟାନ୍- ହାଇୱା ମୁହାଁମୁହିଁ ଧକ୍କା: ୨ ପୋଲିସ କର୍ମଚାରୀ ମୃତ

■ ହୋମ୍‌ଗାର୍ଡ ଗୁରୁତର, ହାଇୱା ଚାଳକ ଅଟକ

■ ମୃତକଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

କଟକ/କଟକ ସଦର, ୨୨।୪ (କାର୍ତ୍ତିକ ସାହୁ/ସୁଶାନ୍ତ କୁମାର ଜେନା)

କଟକ ଜିଲା ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ଗତିରାଉତ ପାଟଣା ନିକଟରେ ମଙ୍ଗଳବାର ଭୋର ସମୟରେ ପିସିଆର୍ ଭ୍ୟାନ୍ ଓ ବାଲି ବୋଝେଇ ହାଇୱା ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣା ପରେ ଉଭୟ ଗାଡ଼ି କେନାଲବନ୍ଧ ତଳକୁ ଖସି ପଡ଼ିଥିଲା। ଫଳରେ ଭ୍ୟାନ୍ ଭିତରେ ଥିବା ୨ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପିସିଆର୍ ଭ୍ୟାନ୍ ଚାଳକ କଟକ ଜିଲା କିଶନନଗର ଥାନା ଅନ୍ତର୍ଗତ ପାଇକସାହି ଗ୍ରାମର ଜଗବନ୍ଧୁ ମହାଳି ଓ କନ୍‌ଷ୍ଟେବଲ ରାୟଗଡ଼ା ଜିଲାର ଲୋକନାଥ ଶବର। ଦୁର୍ଘଟଣାରେ ଗୁରୁତର ହୋଇଥିବା ହୋମ୍‌ଗାର୍ଡ ପବିତ୍ର ମୋହନ ସେଠୀଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ହାଇୱା ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଭୋର ସମୟରେ ରାସ୍ତା ଫାଙ୍କା ଥିବାବେଳେ ଏତେବଡ଼ ଦୁର୍ଘଟଣା ଘଟିଥିବାରୁ ଏହା ଦୁର୍ଘଟଣା କି ଯୋଜନାବଦ୍ଧ ଷଡ଼ଯନ୍ତ୍ର ସେନେଇ ତଦନ୍ତ ଆରମ୍ଭ କରାଯାଇଥିବା ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ କହିଛନ୍ତି। ଅପରପକ୍ଷରେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସିଆର୍‌ଆର୍‌ଆଇ ଥାନାରୁ ପିସିଆର୍ ଭ୍ୟାନ୍(ନଂ.ଓଡି୦୫-ଜି-୯୬୬୧) ପାଟ୍ରୋଲିଂରେ ଗତିରାଉତ ପାଟଣା ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଲି ବୋଝେଇ ହାଇୱା(ନଂ. ଓଡି୦୨-ୟୁ-୧୯୫୫) ସହ ଧକ୍କା ହୋଇଥିଲା। ଫଳରେ ଗାଡ଼ି ଦୁଇଟି କେନାଲବନ୍ଧ ତଳକୁ ଖସିପଡିଥିଲା। ଦୁର୍ଘଟଣାରେ ଭ୍ୟାନ୍‌ଟି ସମ୍ପୂର୍ଣ୍ଣ ଚୂର୍ମାର୍ ହୋଇଯାଇଥିବାବେଳେ ୨ ପୋଲିସ କର୍ମଚାରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ଜୋନ୍-୫ ଏସିପି କୃଷ୍ଣଚନ୍ଦ୍ର ସେଠୀ ସଦଳବଳ ଦୁର୍ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଗ୍ୟାସ୍ କଟର ଦ୍ୱାରା ଅଲଗା କରିଥିଲେ। ସେହିପରି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ, କଟକ ଡିସିପି ଖିଲାରୀ ରଷିକେଶ ଦ୍ୟାନ୍‌ଦେଓ ପହଞ୍ଚି ଆହତଙ୍କୁ ଚିକିତ୍ସା ଏବଂ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ମଙ୍ଗଳାବାଗ ଥାନା ପରିସରକୁ ନିଆଯାଇଥିଲା। କମିଶନରେଟ୍ ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯିବା ପରେ ଲୋକନାଥଙ୍କ ମୃତଦେହ ରାୟଗଡ଼ା ପଠାଇ ଦିଆଯାଇଛି। ଅପରପକ୍ଷରେ ଜଗବନ୍ଧୁଙ୍କ ମୃତଦେହ ପାଇକସାହି ଗ୍ରାମ ଶ୍ମଶାନକୁ ନିଆଯାଇ ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସତ୍କାର କରାଯାଇଛି। ପୁତୁରା ରାକେଶ ମହାଳି ମୁଖାଗ୍ନି ଦେଇଥିଲେ। ସେଠାରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ଦୁର୍ଘଟଣାଗ୍ରସ୍ତ ପିସିଆର୍ ଭ୍ୟାନ୍ ଓ ହାଇୱା।

# ଅନ୍ତଃସତ୍ତ୍ୱା ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ

ଦଶମନ୍ତପୁର,୨୨।୪ (ଅରବିନ୍ଦ ନାୟକ)

୫ ମାସ ଅନ୍ତଃସତ୍ତ୍ୱା ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ସ୍ୱାମୀ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତା ହେଲେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଲୁଲ୍ଲା ପଞ୍ଚାୟତ ଅଧୀନରେ ଥିବା ନେର୍କାଗୁଡ଼ା ଗ୍ରାମର ମହେଶ୍ୱର ପରଜାଙ୍କ ସ୍ତ୍ରୀ ଦାନମତି ମୁଦୁଲି(୨୫)। ଦାନମତିଙ୍କୁ ମହେଶ୍ୱର ହତ୍ୟା କରିଥିବା ନେଇ ମୃତାଙ୍କ ଭାଇ ନକୁଳ ମୁଦୁଲି ଦଶମନ୍ତପୁର ଥାନାରେ ସୋମବାର ଅଭିଯୋଗ କରିଛନ୍ତି।

ଏତଲା ଅନୁଯାୟୀ, ଦାନମତି ଓ ମହେଶ୍ୱରଙ୍କ ମଧ୍ୟରେ ଦୀର୍ଘ ଦିନ ହେବ କଳହ ଲାଗି ରହିଥିଲା। କୌଣସି କାରଣକୁ ନେଇ ୬।୪।୨୫ରେ ମହେଶ୍ୱର ଦାନମତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସେ ଗୁରୁତର ଥିବା ବେଳେ ତାଙ୍କୁ ଚିକିତ୍ସା ପାଇଁ ନ ନେଇ ଦୀର୍ଘ ୯ ଦିନ ଘରେ ରଖିଥିଲେ। ୧୬।୪।୨୫ରେ ଦାନମତି ଗୁରୁତର ହେବାରୁ ମହେଶ୍ୱର ତାଙ୍କ ବାପଘର ଲୋକଙ୍କୁ ଡକାଇ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଦାନମତି ୪ ଦିନ ଚିକିତ୍ସା ପରେ ରବିବାର ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ସମୟରେ ମହେଶ୍ୱର ଅନୁପସ୍ଥିତ ଥିଲେ। ଏହାପରେ ବାଧ୍ୟ ହୋଇ ପରିବାର ମୃତଦେହ ନେର୍କାଗୁଡ଼ା ଗାଁକୁ ନେଇଥିଲେ। ସେଠାରୁ ମହେଶ୍ୱର ଫେରାର ହୋଇଯାଇଥିବା ମୃତାଙ୍କ ଭାଇ ନକୁଳ, ପୁରୁଷୋତ୍ତମ ଓ ରଞ୍ଜନ ସୂଚନା ଦେଇଛନ୍ତି। ସ୍ୱାମୀ ରାତି ତମାମ ନ ଆସିବାରୁ ଅପେକ୍ଷା କରି ରହିଥିଲେ। ସ୍ୱାମୀ ଫେରାର ଥିବା ବେଳେ ମୃତଦେହ ସତ୍କାର କିପରି କରିବୁ କହି ଦାନମତିଙ୍କ ଭାଇ ନକୁଳ ପୁଣି ଥରେ ମଙ୍ଗଳବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହା ଶୁଣି ପୋଲିସ ଭୟରେ ମହେଶ୍ୱର ମୃତଦେହ ସତ୍କାର ବେଳେ ଉପସ୍ଥିତ ହୋଇଥିବା ଜଣାପଡ଼ିଛି। ମୃତାଙ୍କ ୫ବର୍ଷର ପୁଅ ଓ ୩ ବର୍ଷର ଝିଅ ଥିବା ଜଣାପଡ଼ିଛି। କେସ୍ ନଂ. ୮/୨୫ରେ ମାମଲା ରୁଜୁ ହୋଇଥିବା ବେଳେ ମହେଶ୍ୱରଙ୍କ ବିରୋଧରେ ପ୍ରମାଣ ମିଳିଲେ ତାଙ୍କୁ ଗିରଫ କରାଯିବ ବୋଲି ତଦନ୍ତ ଦାୟିତ୍ୱରେ ଥିବା ଥାନା ଅଧିକାରୀ ନୀଳାଦ୍ରି କଅଁର କହିଛନ୍ତି।

# ଫୁଲବାଣୀରୁ ବାଘ ଛାଲ ଜବତ, ୨ ଗିରଫ

ଭୁବନେଶ୍ୱର,୨୨।୪ (ସୂର୍ଯ୍ୟକାନ୍ତ ବେହେରା)

ବାଘ ଛାଲ ବିକ୍ରି ପାଇଁ ଗ୍ରାହକ ଅପେକ୍ଷାରେ ଥିବାବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଫୁଲବାଣୀ-ବାଲିଗୁଡା ରାସ୍ତାରେ ସୋମବାର ସନ୍ଧ୍ୟାରେ ଚଢାଉ କରି ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ କନ୍ଧମାଳ କେ. ନୂଆଗାଁର ପ୍ରଦୀପ ମଲ୍ଲିକ ଓ ଗୁରୁସା ପ୍ରଧାନ। ଉଭୟଙ୍କଠାରୁ ଗୋଟିଏ ବାଘ ଛାଲ ଜବତ ହୋଇଛି। ଏନେଇ ଏସ୍‌ଟିଏଫ ଏକ ମାମଲା ନଂ.୦୯/୨୦୨୫ ରୁଜୁ କରି ଫୁଲବାଣୀସ୍ଥିତ ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ବାଘଛାଲକୁ ପରୀକ୍ଷା ପାଇଁ ଡେରାଡୁନ୍‌ସ୍ଥିତ ବାୟୋଲୋଜିକାଲ ସେଣ୍ଟରକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟ ଏହି ବାଘ ଛାଲ କେଉଁଠାରୁ ଆଣିଲେ କାହାକୁ ଦେବାକୁ ଆଣିଥିଲେ ତାହାର ଅଧିକ ଖୋଲତାଡ ଜାରି ରଖିଛି ଏସ୍‌ଟିଏଫ୍।


ଜବତ ବାଘ ଛାଲ।

# ଯୁବକଙ୍କୁ ପିଟି ହତ୍ୟା ଘଟଣା, ୭ ଗିରଫ

■ ଜାନୁଆରୀ ୨୦ରେ ଘଟିଥିଲା ହତ୍ୟାକାଣ୍ଡ

■ ଭଉଣୀ ଆଖି ଆଗରେ ଭାଇଙ୍କୁ ହୋଇଥିଲା ଆକ୍ରମଣ

ଶରଣକୁଳ,୨୨।୪ (ଦୀପକ କର)

ନୟାଗଡ଼ ଜିଲା ଶରଣକୁଳ ଥାନା ଚଢ଼େୟାପଲ୍ଲୀ ଗ୍ରାମରେ ଗତ ଜାନୁଆରୀ ୨୦ରେ ଘଟିଥିବା ପରମାନନ୍ଦ ବାଘ ହତ୍ୟା ଘଟଣାରେ ପୋଲିସ ୭ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚଢ଼େୟାପଲ୍ଲୀ ଗ୍ରାମର କାହ୍ନୁ ଚରଣ ବିଶ୍ୱାଳ, ସୋନୁ ନିଗମ ବିଶ୍ୱାଳ, ରତିକାନ୍ତ ମନ୍ତ୍ରୀ, ଶଙ୍କର ଚୌଧୁରୀ ଓ ହତ୍ୟାକାରୀମାନଙ୍କୁ ସୁରକ୍ଷା ଦେଇଥିବା ଶରଣକୁଳ ଥାନା ପୁଆଣିଆ ଗ୍ରାମର ସୁଶାନ୍ତ ରାଉତ, ମାନପୁର ଗ୍ରାମର ତପନ କୁମାର ବିଶ୍ୱାଳ, ଚଢେୟାପଲ୍ଲୀ ଗ୍ରାମର ସିନି ବିଶ୍ୱାଳ। ମଙ୍ଗଳବାର ସକାଳୁ ମୃତ ପରମାନନ୍ଦଙ୍କ ଭଉଣୀ ସୀତା ବାଘ ଶରଣକୁଳ ଥାନାରେ ହତ୍ୟାକାରୀମାନଙ୍କୁ ଚିହ୍ନଟ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ପୋଲିସ ନିଜ ହେପାଜତକୁ ଆଣି ବାଳସୁଧାର ଗୃହକୁ ପଠାଇଥିବାବେଳେ ୭ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏ ନେଇ ଅଧିକ ତଦନ୍ତ ଚାଲୁ ରହିଛି ବୋଲି ପୋଲିସ କହିଛି।


**Government of Odisha "e" procurement Notice**

**OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT**

No.B-36

Bid Identification No. S.E (R&B)KPT - 02/2025-26

| | | |
|---|---|---|
| 1. | Name of the work | : Building works (Site Development) |
| 2. | Total No. of works | : 01 No. |
| 3. | Estimated cost | : Rs. 53.22 Lakhs |
| 4. | Period of completion | : 03 (Three) months |
| 5. | Date & Time of availability of bid document in the portal | : From 22.04.2025 at 11.00 hours to 07.05.2025 upto 17.00 hours |
| 6. | Last date / Time for receipt of bids in the portal | : 07.05.2025 upto 17.00 hours |
| 7. | Date of opening of Tender | : 08.05.2025 at 12.00 hours |
| 8. | Name and address of the Officer Inviting Bid | : Superintending Engineer, Koraput (R&B) Division |

**Further details can be seen from the e-procurement portal https://tendersorissa.gov.in**

Sd./- Superintending Engineer, Koraput (R&B) Division

OIPR-34096/11/0019/2526



**GOVERNMENT OF ODISHA**

**OFFICE OF PANCHAYAT SAMITI, SADAR KEONJHAR**

**NOTICE INVITING TENDER (e-Procurement)**

Online Bid ID No. TCN No.01-KjrSadar/2025-2026

**No.i-38** : The Block Development Officer, Sadar, Keonjhar on behalf of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of Work | Civil Construction works |
| No. of Works | 04 (Four) Nos. |
| Estimated Cost put to Tender | Rs. 53,69,646/- |
| Tender Paper Cost | Mentioned in Column No.6 of Tender call notice |
| Period of completion | 04 (Four) Calendar Months |
| Availability of Bid Documents | From 28.04.2025 to 07.05.2025 during office hours in Website (www.tendersodisha.gov.in) |
| Period of receipt of Bid through online | From 28.04.2025 to 07.05.2025 through online |
| Date of Opening of Technical Bid | At 11.00 A.M. on 08.05.2025 in the office chamber of the BDO, Sadar, Keonjhar |
| Date of Lottery of Technical Bid | At 11.00 A.M. on 09.05.2025 in the office chamber of the BDO, Sadar, Keonjhar |
| Digital Signature Certificate of Bidder | The bidder must possess compatible Digital Signature Certificate (DSC) of Class-III or Class-IV |
| Name and Address of the OIT | Office of the Panchayat Samiti, Sadar, Collectorate Campus, At/PO-Keonjhar, Dist-Keonjhar |

Pin-758001, E-Mail ID : ori-bkeonjhar@nic.in

**Further Details can be seen from the website : www.tendersodisha.gov.in**

Sd./- (Sri Binod Chandra Panda) Block Development Officer Sadar, Keonjhar

OIPR-19123/11/0006/2526



idco | ODISHA NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**

(A Government of Odisha Undertaking)

IDCO, IDCO Towers, Janpath, Bhubaneswar-751022, Odisha, India

+91-0674-2541525, 2540820 | Fax:2542956/2541982

cgmpc@idco.in | Website:www.idco.in

File No.IDCO/H.O/FD/773/2024-25/11057 Date:17.04.25

BID IDENTIFICATION NO. P&C/EST/E-05/2025-26

**NOTICE INVITING REQUEST FOR PROPOSAL THROUGH E-PROCUREMENT PORTAL OF GOVT. OF ODISHA**

**No.CAD-185:** Odisha Industrial Infrastructure Development Corporation (IDCO) invites technical and financial proposals from **"Chartered Accountant Firms for Routine Financial and Accounting Services of IDCO"**. The detailed Request for Proposal (RFP) document can be downloaded from e-procurement portal of Govt. of Odisha from **05.00 PM of 24.04.2025**. The last date of receipt of technical and financial bids through e-procurement portal of Govt. of Odisha is **01.05.2025** till **05.00 PM.** The technical bids will be opened online on **02.05.2025** at **12.30 PM**. IDCO has the right to accept or reject the Notice/RFP without assigning any reasons thereof.

OIPR-14003/11/0140/2526 Sd./-Chief General Manager (P&C)



**ZILLA SWASTHYA SAMITI, BALANGIR**

(Department of Health & FW, Govt. of Odisha)

Advt. No :21 Date : 19.04.25

**No.E-36** : Sealed tenders in prescribed format are invited from the registered firms / agencies/Suppliers for supply of Drugs & Consumables/Equipment & Instrument/ Lab Reagent for Balangir district for the year 2025-26. Interested Firms/Agencies having valid GST/Drug License/PAN No. may apply to the undersigned on or before 17.05.25 up to 1.00 P.M. through registered post/ speed post/courier only. For details regarding terms, conditions & specifications log on to www.balangir.nic.in The undersigned reserves the right to accept or reject all or any of the tenders without assigning any reason thereof.

OIPR-10019/11/0015/2526 Sd./-CDM&PHO, Balangir



**OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR**

No.B-39

E-mail ID : cebuildings_orissa@yahoo.co.in, Tel. - (0674)-2391523

**INVITATIONS FOR BIDS (IFB)**

File No. B-I-Home-17/2025 No. 15926 Dt. 19th April, 2025

Invitation for Bids

**Bid Identification No. C.E.(B) - 03/2025-26**

| | | |
|---|---|---|
| 1 | The Chief Engineer (Buildings-II), Odisha, Bhubaneswar on behalf of Works Deptt., Govt. of Odisha invites percentage rate bids in double cover system in ONLINE MODE only | |
| 2 | Nature of Work | : Supply, installation, testing and commissioning of Audio, Video System 1 No. of Mini Class Room, 1 No. of Large Class Room at 4th Floor, Judicial Academy, Cuttack |
| 3 | No. of Work | : 01 No. |
| 4 | Bid Cost | : ₹ 10,000/- |
| 5 | Class of Contractor | : MV/HT/Specialized agency with associate electrical contractor having valid license from ELBO/OEM having joint venture with electrical contractor having valid license from ELBO |
| 6 | Availability of Bid Documents in the Website | : From dt. 25.04.2025 to 17.00 Hours of dt. 08.05.2025 |
| 7 | Date of Opening of Bid | : Dt. 09.05.2025 at 11:30 A.M. |
| 8 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Chief Engineer (Buildings-II), Odisha, Bhubaneswar

OIPR-34117/11/0082/2526



**ODISHA TOURISM DEVELOPMENT CORPORATION LIMITED**

(A GOVT. OF ODISHA UNDERTAKING)

PANTHANIVAS (OLD BLOCK): LEWIS ROAD: BHUBANESWAR-14

Letter No. INVITATIONS FOR BIDS (IFB) Date:17.04.2025

No.CAD-189: **NOTICE INVITATION FOR BIDS (NIFB)**

E-Procurement Notice No.BP-I/04/2025-26 dt.15.04.2025

1.Nature of Work: Hard Landscaping and Soft Landscaping and Miscellaneous Work. 2. Total No. of Works: 01 Nos., 3. Value of Works: Rs.78.47 lakhs. 4. Bid Security: As per NIT., 5. Class of Contractor: As per NIT., 6. Period of Completion: 05 (Five) Months., 7. Other details as follows:

| Procurement Officer | Bid Identification No. | Availability of Bid Online | | Date, Time & Place of Opening of Tender |
|---|---|---|---|---|
| Superintending Engineer, OTDC Ltd., Bhubaneswar | BP-I/05/2025-26 Dt.17.04.2025 | From 23.04.2025 | To 02.05.2025 | 11.30 Hours of dt.03.05.2025 in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website www.etenderodisha.gov.in

OIPR-37002/11/0060/2526 Sd./- Superintending Engineer, O.T.D.C. Ltd., BBSR



**ODISHA TOURISM DEVELOPMENT CORPORATION LIMITED**

(A GOVT. OF ODISHA UNDERTAKING)

PANTHANIVAS (OLD BLOCK): LEWIS ROAD: BHUBANESWAR-14

Letter No. INVITATIONS FOR BIDS (IFB) Date:15.04.2025

No.CAD-190: **NOTICE INVITATION FOR BIDS (NIFB)**

E-Procurement Notice No.BP-I/04/2025-26 dt.15.04.2025

1.Nature of Work: Repair and Renovation, Construction of Board walk & Repair and Renovation and Upgradation. 2. Total No. of Works: 03 Nos., 3. Value of Works: Rs.141.24 lakhs to 180.00 lakhs., 4. Bid Security: As per NIT., 5. Class of Contractor: As per NIT., 6. Period of Completion: 05 (Five) Months., 7. Other details as follows:

| Procurement Officer | Bid Identification No. | Availability of Bid Online | | Date, Time & Place of Opening of Tender |
|---|---|---|---|---|
| Superintending Engineer, OTDC Ltd., Bhubaneswar | BP-I/04/2025-26 Dt.15.04.2025 | From 22.04.2025 | To 06.05.2025 | 11.30 Hours of dt.07.05.2025 in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website www.etenderodisha.gov.in

OIPR-37002/11/0062/2526 Sd./- Superintending Engineer, O.T.D.C. Ltd., BBSR



**GOVERNMENT OF ODISHA**

**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**

E-mail-ruralworksdivisioniimalkangiri@yahoo.in

**INVITATION FOR BIDS**

**NATIONAL COMPETITIVE BIDDING**

**Bid Identification No: RWDSE_MKG_II_ONLINE_01/2025-26**

No.O-71:The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade/Class registered with Central Government/MES/Railways according to the norm of "e" Procurement system in online mode for the works detailed in the table below on turnkey basis.

1. Name of the Work: Building Work. 2. No. of Works: 01 No. 3. Estimated Cost: Rs.58.83 Lakhs. 4. Tender Paper Cost: Rs.10,000/-. 5. Class of Contractor: Estimated cost upto Rs.20.00 Lakhs 'D'. Estimated Cost upto Rs.40.00 Lakhs 'C'. Estimated Cost more than Rs.20.00 lakhs & within Rs.300.00 lakhs 'B'. 6. Period of Completion: 09 (Nine) Calendar Months. 7. **Critical Dates:**

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Tender Clarification | Date of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_20 of 2024-25 | 25.04.2025 at 11.00 A.M. | 02.05.2025 upto 05.30 PM | 01.05.2025 upto 3.00 PM | 03.05.2025 at 11.00 A.M. | To be intimated Separately |

❖Further details can be seen in the bidding documents, which is available in the e-procurement portal https://www.tendersorissa.gov.in. ❖Subsequent corrigendum if required shall be appeared in the website. ❖Authority reserves the right to reject any or all tenders without assigning any reason thereof.

OIPR-25079/11/0022/2526 Sd./- Superintending Engineer, Rural Works Division-II, Malkangiri

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମୁକେଶଙ୍କ ଘାତକ ବୋଲିଂ


ଉଇକେଟ ନେବା ପରେ ଉଲ୍ଲସିତ ମୁକେଶ କୁମାର (ବାମ)।

**ଲକ୍ଷ୍ନୌ,୨୨।୪**

ମଙ୍ଗଳବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ (ଏସ୍‌ଏଲ୍‌ଜି) ଓ ଦିଲ୍ଲୀ ପ୍ୟାପିଟାଲ୍ସ (ଡିସି) ପରସ୍ପରକୁ ଭେଟିଛନ୍ତି। ମୁକେଶ କୁମାରଙ୍କ ୪ ଉଇକେଟ ସଫଳତା ଯୋଗୁ ଲକ୍ଷ୍ନୌ ପ୍ରତିପକ୍ଷ ଦିଲ୍ଲୀ ଆଗରେ ୧୬୦ ରନର ଟାର୍ଗେଟ ଧାର୍ଯ୍ୟ କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌକୁ ଏଡେନ ମାରକ୍ରାମ ଓ ମିଚେଲ ମାର୍ଶଙ୍କ ଓପନିଂ ଯୋଡ଼ି ଦୃଢ଼ ମୂଳଦୁଆ ପ୍ରଦାନ କରିଥିଲା। ଦୁହେଁ ୧୦ ଓଭରରେ ୮୭ ରନ ଯୋଡ଼ିଥିଲେ। ଏହାପରେ ଦଳ ୨୩ ରନ ମଧ୍ୟରେ ୪ ଉଇକେଟ ହରାଇଥିଲା। ମାରକ୍ରାମ ୩୩ ବଲରେ ୨ ଚୌକା ଓ ୩ ଛକା ସହିତ ୫୨ ରନ କରି ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ତାଙ୍କ ପରେ ନିକୋଲସ ପୁରନ (୯), ଅବଦୁଲ ସମଦ (୨) ଓ ମାର୍ଶ ୩୬ ବଲରେ ୪୫ (୩ ଚୌକା ଓ ୧ ଛକା) ରନ କରି ପାଭିଲିଅନ କରିଥିଲେ। ଫଳରେ ଏକଦା ୯.୫ ଓଭରରେ ୮୭ ରନ କରିଥିବା ଲକ୍ଷ୍ନୌ ୧୪ ଓଭର ସୁଦ୍ଧା ୧୧୦ ରନରେ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଆୟୁଷ ବଦୋନୀ ଓ ଡେଭିଡ ମିଲର ପଞ୍ଚମ ଉଇକେଟରେ ୪୯ ରନ ଯୋଡ଼ିଥିଲେ। ବଦୋନୀ ୨୧ ବଲରେ ୬ ଚୌକା ସହିତ ୩୬ ରନ କରି ଆଉଟ୍ ହୋଇଥିଲେ। ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୫୯ ରନ କରିବାକୁ ସକ୍ଷମ ହୋଇଛି। ଦିଲ୍ଲୀ ପକ୍ଷରୁ ମୁକେଶ କୁମାର ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ମିଚେଲ ଷ୍ଟାର୍କ ଓ ଦୁଶମନ୍ଥା ଚମିରା ଗୋଟିଏ ଲେଖାଏ ଉଇକେଟ ହାତେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୧୫୯/୬ (ଏଡେନ ମାରକ୍ରାମ-୫୨, ମିଚେଲ ମାର୍ଶ-୪୫, ଆୟୁଷ ବଦୋନୀ-୩୬, ମୁକେଶ କୁମାର-୪/୩୩, ମିଚେଲ ଷ୍ଟାର୍କ-୧/୨୫, ଦୁଶମନ୍ଥା ଚମିରା-୧/୨୫)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ହାଇଦ୍ରାବାଦ
ବନାମ ମୁମ୍ବାଇ
ସ୍ଥାନ: ହାଇଦ୍ରାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୮ | ୬ | ୨ | ୧୨ | +୧.୧୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୫ | ୨ | ୧୦ | +୦.୫୮୯ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୮ | ୫ | ୩ | ୧୦ | +୦.୪୭୨ |
| ପଞ୍ଜାବ କିଙ୍ଗ୍ସ | ୮ | ୫ | ୩ | ୧୦ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୫ | ୩ | ୧୦ | +୦.୦୮୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୪ | ୪ | ୮ | +୦.୪୮୩ |
| କୋଲକାତା ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୨୧୨ |
| ରାଜସ୍ଥାନ ରୟାଲ୍ସ | ୮ | ୨ | ୬ | ୪ | -୦.୬୩୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୨ | ୫ | ୪ | -୧.୨୧୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୨ | ୬ | ୪ | -୧.୩୯୨ |

# ବୁମ୍‌ରା, ମନ୍ଧାନାଙ୍କୁ ୱିଜଡେନ୍ ପୁରସ୍କାର


ସ୍ମୃତି ମନ୍ଧାନା ଓ ଯଶପ୍ରୀତ ବୁମ୍‌ରା।

**ନୂଆଦିଲ୍ଲୀ, ୨୨।୪ (ପି.ଟି.)**

ଭାରତର ପ୍ରମୁଖ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ପୁରୁଷ ବିଭାଗରେ ଏବଂ ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା ମହିଳା ବିଭାଗରେ ୱିଜଡେନ ଦ୍ୱାରା ବିଶ୍ୱର ଅଗ୍ରଣୀ କ୍ରିକେଟର ବିବେଚିତ ହୋଇଛନ୍ତି। ଗତବର୍ଷର ଉଲ୍ଲେଖନୀୟ ପ୍ରଦର୍ଶନକୁ ନେଇ ଏହି ଦୁଇ ଭାରତୀୟଙ୍କୁ ସମ୍ମାନିତ କରାଯାଇଛି। ୩୧ବର୍ଷୀୟ ବୁମ୍‌ରା ୨୦୨୪ ସିଜନରେ ୧୪.୯୨ ଆଭରେଜରେ ୭୧ଟେଷ୍ଟ ଉଇକେଟ ନେଇଛନ୍ତି। ଗୋଟିଏ ବର୍ଷରେ କୌଣସି ବୋଲର ଏତେ କମ୍ ଆଭରେଜରେ ବୋଲିଂ କରିନାହାନ୍ତି। କ୍ରିକେଟ ଇତିହାସରେ ୨୦ରୁ କମ୍ ଆଭରେଜରେ ବୁମ୍‌ରା ୨୦୦ ଉଇକେଟ ହାସଲ କରିବାରେ ପ୍ରଥମ ଟେଷ୍ଟ ବୋଲର ବିବେଚିତ ହୋଇଛନ୍ତି। ଅଷ୍ଟ୍ରେଲିଆରେ ବର୍ଡର-ଗାଭାସ୍କର ଟ୍ରଫିରେ ସେ କହିବାକୁ ଗଲେ ଏକତରଫା ଭାବେ ଭାରତୀୟ ଆକ୍ରମଣର ନେତୃତ୍ୱ ନେଇ ୧୩.୦୬ ଆଭରେଜରେ ୩୨ ଉଇକେଟ ଅକ୍ତିଆର କରିଥିଲେ। ଟି୨୦ ବିଶ୍ୱକପ୍‌ରେ ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ମହିଳା ଦଳର ସିନିୟର ବ୍ୟାଟର ସ୍ମୃତି ମନ୍ଧାନା ବିଶ୍ୱର ଅଗ୍ରଣୀ ୱିଜଡେନ ମହିଳା କ୍ରିକେଟର ବିବେଚିତ ହେବା ଦ୍ୱାରା ଭାରତ ଦୁଇଟି ପୁରସ୍କାର ଜିତି ପାରିଛି।

**କମେଣ୍ଟ୍ରି ପ୍ୟାନେଲରେ ଅନୁପସ୍ଥିତି**

## ମୁହଁ ଖୋଲିଲେ ଭୋଗଲେ

**ନୂଆଦିଲ୍ଲୀ,୨୨।୪(ପି.ଟି.):** ବିସିସିଆଇ ନିକଟରେ କ୍ରିକେଟ୍ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ପକ୍ଷରୁ କରାଯାଇଥିବା ଅଭିଯୋଗ ଯୋଗୁ ଜଣାଶୁଣା ଭାଷ୍ୟକାର ହର୍ଷ ଭୋଗଲେଙ୍କୁ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଓ ଗୁଜରାଟ ଟାଇଟନ୍ସ (ଜିଟି) ମଧ୍ୟରେ ସୋମବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚରୁ ଦୂରେଇ ରଖାଯାଇଥିବା ନେଇ କିଛି ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ଏହି ରିପୋର୍ଟକୁ ଭୋଗଲେ ମଙ୍ଗଳବାର ଖଣ୍ଡନ କରିଛନ୍ତି। ସିଏବିର ସମ୍ପାଦକ ନରେଶ ଓଝା ଗତ ୧୦ ଦିନ ତଳେ ବିସିସିଆଇକୁ ଏକ ଚିଠି ଲେଖିଥିଲେ। ଏହି ଚିଠିରେ ସିଏବି ପକ୍ଷରୁ କୋଲକାତାରେ ହେବାକୁ ଥିବା ସମସ୍ତ ଆଇପିଏଲ୍ ମ୍ୟାଚ୍‌ର କମେଣ୍ଟ୍ରି ପ୍ୟାନେଲରୁ ଭୋଗଲେ ଓ ନ୍ୟୁଜିଲାଣ୍ଡର ସିମନ ଡୋଲଙ୍କୁ ବାଦ ଦେବା ଲାଗି ଅନୁରୋଧ କରାଯାଇଥିଲା। ଇଡେନ ଗାର୍ଡେନ୍ସର ପିଚ୍ ଘରୋଇ କେକେଆର୍ ଦଳକୁ କୌଣସି ଫାଇଦା ଦେଉନଥିବା ଦୁଇ ଭାଷ୍ୟକାର କହିଥିଲେ। କୋଲକାତାରେ କେକେଆର-ଗୁଜରାଟ ମ୍ୟାଚ୍ ବେଳେ କମେଣ୍ଟ୍ରି ପ୍ୟାନେଲରେ ମୋ ଅନୁପସ୍ଥିତିକୁ ନେଇ କିଛି ଭୁଲ ଅର୍ଥ ବାହାର କରାଯାଉଛି। କମେଣ୍ଟ୍ରି ଲାଗି ଏହି ମ୍ୟାଚ୍ ମୋ ରୋଷ୍ଟର ବା ତାଲିକାରେ ନଥିଲା। ମୋତେ କୋଲକାତାରେ ଦୁଇଟି ମ୍ୟାଚ୍ ଲାଗି ଦାୟିତ୍ୱ ଦିଆଯାଇଥିଲା। ମୁଁ ପ୍ରଥମ ମ୍ୟାଚ୍‌ରେ ଯୋଗ ଦେଇଥିଲି। ହେଲେ ପରିବାରରେ ଅସୁସ୍ଥତା କାରଣରୁ ଦ୍ୱିତୀୟ ମ୍ୟାଚ୍‌ରେ ମୁଁ ଦାୟିତ୍ୱ ତୁଲାଇ ପାରିନଥିଲି ବୋଲି ଭୋଗଲେ ଏକ୍ସ'ରେ ପୋଷ୍ଟ କରିଛନ୍ତି।

**କଳିଙ୍ଗ ସୁପର କପ୍**

(ଆଜିର ମ୍ୟାଚ)
ବେଙ୍ଗାଲୁରୁ ଏଫ୍‌ସି
ବନାମ
ଇଷ୍ଟର କାଶି
ସମୟ: ଅପରାହ୍ନ ୪.୩୦

ମୁମ୍ବାଇ ସିଟି ଏଫ୍‌ସି
ବନାମ
ଚେନ୍ନାଇନ୍ ଏଫ୍‌ସି
ସମୟ: ରାତି ୮.୦୦
ସ୍ଥାନ: କଳିଙ୍ଗ ଷ୍ଟାଡିୟମ
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ୩

## ଦ୍ୱିତୀୟ ପର୍ଯ୍ୟାୟ ପ୍ରିଲିମିନାରି ଲିଗ୍ ଆଜିଠାରୁ

**ଭୁବନେଶ୍ୱର, ୨୨।୪ (ବିଜୟ ରଣା):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲା ମହିଳା କ୍ରିକେଟ ଟୁର୍ନାମେଣ୍ଟ ୨୦୨୫ (ଟି୨୦ ଫର୍ମାଟ)ର ପ୍ରିଲିମିନାରୀ ଲିଗ୍ (ଗ୍ରୁପ୍ 'ଡି' ଓ 'ଇ') ଦ୍ୱିତୀୟ ପର୍ଯ୍ୟାୟ କଟକର ବିଭିନ୍ନ ଭେନ୍ୟୁରେ ବୁଧବରଠାରୁ ଆରମ୍ଭ ହେବ। ଏନେଇ ମଙ୍ଗଳବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ପ୍ରତିଯୋଗିତାର ଗ୍ରୁପ୍ 'ଡି'ରେ ଯାଜପୁର, ରାଉରକେଲା, କେନ୍ଦୁଝର, କେନ୍ଦ୍ରାପଡ଼ା, ନୂଆପଡ଼ା ଓ ଗଞ୍ଜାମ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ 'ଇ'ରେ କିଟ୍, ଭଦ୍ରକ, ଢେଙ୍କାନାଳ, ଜଗତ୍‌ସିଂହପୁର, ମାଲକାନଗିରି ଓ ବୌଦ୍ଧ ସ୍ଥାନ ପାଇଛନ୍ତି।

## ସ୍ଲାଟରଙ୍କୁ ୪ ବର୍ଷ କାରାଦଣ୍ଡ

**ମେଲବୋର୍ନ, ୨୨।୪:** ଅଷ୍ଟ୍ରେଲିଆର ପୂର୍ବତନ ଟେଷ୍ଟ କ୍ରିକେଟର ମାଇକେଲ ସ୍ଲାଟରଙ୍କୁ ୪ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। କିନ୍ତୁ ପୋଲିସ ହେପାଜତରେ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତାଇଥିବାରୁ ୫୫ ବର୍ଷୀୟ ସ୍ଲାଟରଙ୍କୁ ଜେଲରୁ ମୁକ୍ତ କରାଯାଇଛି। ସେ ଘରୋଇ ହିଂସା ସମେତ ୭ଟି ଦଫାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କ ବିରୋଧରେ ନିର୍ଯାତନା, ତଣ୍ଟି ଚିପିବା, ଚୋରି ଓ ବେଆଇନ ଭାବେ ମହିଳାଙ୍କୁ ପିଛା କରିବା ଭଳି ଦଫା ଲଗାଯାଇଛି। ବିଚାରପତି ଗ୍ଲେନ କ୍ୟାଶ ଦଣ୍ଡାଦେଶ ଶୁଣାଇଲା ବେଳେ କହିଥିଲେ ଯେ, ସ୍ଲାଟରଙ୍କ ଅସୁବିଧା ପଛର ମୁଖ୍ୟ କାରଣ ସ୍ପଷ୍ଟ ଭାବେ ଜଣାପଡୁଛି। ଏହା ସ୍ପଷ୍ଟ ଯେ, ସ୍ଲାଟର ଜଣେ ମଦ୍ୟପ। ମଦ୍ୟପ ଗୁଣ ତାଙ୍କ ପେସାର ଅନ୍ତ ଘଟାଇବା, ପଶ୍ଚାତାପର ବିଷୟ। ତୁମ ରେହାବିଲିଟେଶନ ସହଜ ହେବ ନାହିଁ। ସ୍ଲାଟରଙ୍କୁ ଗତ ବର୍ଷ ଏପ୍ରିଲରେ ଗିରଫ କରାଯାଇଥିଲା ଏବଂ ସେ ସେବେଠାରୁ ଜେଲ୍‌ରେ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ସ୍ଲାଟର ଅଷ୍ଟ୍ରେଲିଆ ପାଇଁ ୭୪ ଟେଷ୍ଟ ଖେଳି ୧୪ ଶତକ ସହ ୫,୩୧୨ ରନ କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ସେ ୪୨ ଦିନିକିଆ ମ୍ୟାଚ୍ ମଧ୍ୟ ଖେଳିଥିଲେ।


# Classified Everyday
0674-2580101, 9692975378


MATRIMONIAL

**BRIDE WANTED**

ସୁନ୍ଦର ଉଚ୍ଚଶିକ୍ଷିତ (MBA ଦିଲ୍ଲୀ) LLB କରିଥିବା ୩୪ ବର୍ଷୀୟ ପୁରୀର ଆଡଭୋକେଟ୍ ବ୍ରାହ୍ମଣ ପୁଅ ପାଇଁ ଘରୋଇ ଶିକ୍ଷିତ ବ୍ରାହ୍ମଣ ପାତ୍ରୀ ଦରକାର । କେବଳ Serious ଲୋକ ଯୋଗାଯୋଗ କରନ୍ତୁ- 7978626462. D-228

**GROOM WANTED**

Handsome Karan boy 1996, 6' BSC serving ASO Secretariat, BBSR, "SUNASANSAR". 9937512659. D-76260


REAL ESTATE
SALE


**Duplex sale with gated society AIIMS Hospital, Bhubaneswar. 8455909543, 7735579312.** D-76262

ଭୁବନେଶ୍ୱର- ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.** D-76261

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

**13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668.** D-76259

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811


FOR RENT

Single Room with separate Kitchen & Toilet in 2nd floor near DAV, Unit-8, Rent-6200/-. 7008635352, 7683986496. D-244

Office Accommodation Commercial Hospital premises available Chandrasekharpur, Bhubaneswar, 4000sqft. 9437008388. D-74727


Healthcare

Full body massage by experience therapist with homely atmosphere. 9114559860. D-76910

Positively health benefited SPA by expert female therapist, Bapujinagar. 8328803811. D-76909

**Full body massage experience, good looking therapist @999 (Bhubaneswar). 9078484455.** D-152

**LOST**

Abinas Mohapatra, Utkal University, Roll No.- 82401UT01003 of OEC, has been lost BE Original Degree Certificate. If anybody found please call me- 7606934314. D-258

**AFFIDAVIT**

By virtue of an affidavit sworn before Executive Magistrate, Cuttack, dated 21.04.2025, I, Deepak Kumar Panda, Address: At- Bagada Binayakpur, P.O.- Binayakpur, Block- Basudevpur, District.- Bhadrak, PIN- 756125 declare that I have changed my daughter's name from Adyasa Priyadarshani Panda to Adyasha Priyadarshini Panda. Henceforth, I shall be known as Adyasha Priyadarshini Panda for all purposes.
Deepak Kumar Panda
D-251

By virtue of an affidavit sworn before Notary Public, Puri, dated 01.03.2025, Nabaghan Jena, Address: Khadipada, Totasahi, P.O.- Khadipada, P.S.- Puri Sadar, Dist.- Puri declare that I have changed my name from Nabin Jena to Nabaghan Jena. Henceforth, I shall be known as Nabaghan Jena for all purposes.
Nabaghan Jena
D-256

By virtue of an affidavit sworn before Executive Magistrate, Bhadrak, dated 10.02.2025, I, Ajay Kumar Rout, Vill- Khanapur, P.O.- Panichhatra, PIN- 756059, P.S.- Khaira, Dist.- Balasore declare that I have changed my daughter's name from Pramita to Rajashree Rout. Henceforth, she will be known as Rajashree Rout for all purposes.
Ajay Kumar Rout
D-254

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

**LEGAL NOTICE**

Letter No.- 637, dt. 11.04.2025
ମାନ୍ୟବର ଅତିରିକ୍ତ କମିଶନର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକଙ୍କ ଅଦାଲତ ନଂ.-୪ ଇଜିଲାସ, ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର
କେସ୍ ନଂ.- O.S.S. 1176/2023
ବ୍ୟୋମଜିତ ଦୀକ୍ଷିତ ...ବାଦୀ
ବନାମ
୩. ରାଜକିଶୋର ମହାପାତ୍ର, ପିତା- ୰ରାମଚନ୍ଦ୍ର ମହାପାତ୍ର, ଗ୍ରାମ- ଗୋବିନ୍ଦପୁର, ପୋଷ୍ଟ- ଝାଁଳା, ଥାନା- ଇଣ୍ଟୋଭ୍ୟାଲି, ଜିଲ୍ଲା- ଖୋର୍ଦ୍ଧା । ....ପ୍ରତିବାଦୀ
ନୋଟିସ୍ ଅର୍ଡର-୫, ରୁଲ୍-୨୦ ମୁତାବକ

ଏତଦ୍ୱାରା ଉକ୍ତ ପ୍ରତିବାଦୀ ରାଜକିଶୋର ମହାପାତ୍ରଙ୍କର ମୃତ୍ୟୁ ହୋଇଥିବାରୁ ତାଙ୍କ ଉତ୍ତରାଧିକାରୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇଦିଆଯାଉଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.-୪ ଇଜିଲାସ, ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା୧୬।୦୬।୨୦୨୫ରିଖ ଦିବା ୧୧:୩୦ ଘଟିକାରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ
ମୌଜା- ଶଙ୍କରପୁର, ଥାନା- ଚନ୍ଦକା (୫୫), ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା । ସାବକ ଖାତା ନଂ.-୨୯୬, ପ୍ଲଟ୍ ନଂ.-୧୦୦୪, ରକବା- ଏ୦.୦୫୫ଡି. (ଏ୦.୧.୨୯୦ଡି. ସମ୍ବନ୍ଧରୁ), ସ୍ୱତ୍ୱ- ସ୍ଥିତିବାନ, ହାଲ୍ ଖାତା ନଂ.- ୧୪୯୮, ପ୍ଲଟ୍ ନଂ.-୪୭୦/୩୪୬୯, ରକବା- ଏ୦.୦୪୦ଡି., ସ୍ୱତ୍ୱ- ସ୍ଥିତିବାନ

ଏଣୁ ଉପରୋକ୍ତ ମାମଲା ପ୍ରତିବାଦୀଙ୍କର ଉତ୍ତରାଧିକାରୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ସ୍ୱା./- ଆଡିସିନାଲ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ କୋର୍ଟ ଅଫିସର
ଧ-୨୫୪

**ମନେ ପଡ଼ନ୍ତି**

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ପ୍ରମିଳା ସୁନ୍ଦରୀ ସାହୁ**
ଅରବିନ୍ଦନଗର, ପଣ୍ଡା କ୍ଲିନିକ୍, ନୟାଗଡ଼
ଆବିର୍ଭାବ : ୧୫.୦୮.୧୯୪୭
ମହାପ୍ରୟାଣ : ୧୨.୦୪.୨୦୨୫
ଆପଣଙ୍କ ଅକସ୍ମାତ ବିୟୋଗ ଆମକୁ ଅନେକ କଷ୍ଟ ଦେଇଛି । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା
**ଶୋକସନ୍ତପ୍ତ :**
ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୭୫୮୪୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ବି. ଶ୍ୟାମବାବୁ ପାତ୍ର**
ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୩୫
ତିରୋଧାନ: ୧୨।୦୪।୨୦୨୫ (ଚୈତ୍ରମାସ, ପୂର୍ଣ୍ଣମୀ ତିଥି)
ଆଜି ଆମ ବାପାଙ୍କର ଏକାଦଶାହ ଅବସରରେ ସ୍ମରଣ କରି ଆମ ବାପାଙ୍କର ନିଷ୍କପଟ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଆଜି ଆମ ବାପାଙ୍କର ଆତ୍ମା ଆରପାରିରେ ରହି ମଧ୍ୟ ଆମ୍ଭମାନଙ୍କ ହୃଦୟରେ ସଦାସର୍ବଦା ଜୀବିତ ହୋଇ ରହିବ।
**ଇତି:** ରାଜେଶ, ସୁରେଶ, ନରେଶ, ଅମୂଲ୍ୟ, ସନ୍ତୋଷିନି ଏବଂ ପରିବାରବର୍ଗ ।
ଧ-୨୫୯

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ଫଳ ଚାଷ



ଓଡ଼ିଶାର ଜଳବାୟୁରେ ନାନା ପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ ଯଥା ଆମ୍ବ, ନଡ଼ିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଇତ୍ୟାଦି। ଉଚ୍ଚ ଗଡ଼ାଣିଆ ବା ଅନୁର୍ବର ଜମିରେ ମଧ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାରକରି ୨/୩ ଓଡ଼ ଚାଷ କରିଦେବା ଉଚିତ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳାହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ,କମଳା,ନଡ଼ିଆ,ପିଜୁଳି,ପଣସ,ଲିଚୁ ଇତ୍ୟାଦି ପାଇଁ ୧ ମିଟର ଗଭୀର ଓ ୧ ମିଟର ଗୋଲେଇର ଗାତ, କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ସେ.ମି. ଚଉଡ଼ା ଓ ୧୫ସେ.ମି. ଗଭୀରରେ ନାଳୀ ଖୋଳାଯାଏ।

## ମକାର ଉନ୍ନତ କିସମ



ଜଳସେଚନର ସୁବିଧା ଥିଲେ ବର୍ତ୍ତମାନ ମକା ଫସଲ ଲଗାଯାଇପାରିବ। ଉନ୍ନତ ବିହନ କିସମ ଯଥା– ନଭଜୋତ୍, ଶକ୍ତି, ଡେକାନ୍–୧୦୭,ଡେକାନ୍–୧୦୯ କିସମ ନିକଟରେ ଥିବା କୃଷି ବିଭାଗରେ ବିହନ ବିକ୍ରୟ କେନ୍ଦ୍ରରୁ ସଂଗ୍ରହ କରନ୍ତୁ। ୧ ଏକର ଜମିରେ ୬ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ଅନୁମୋଦିତ ସାର ୩୨ କି.ଗ୍ରା. ଯବକ୍ଷାରଜାନ ,୧୬ କି.ଗ୍ରା. ଫସ୍‌ଫରସ୍ ଓ ୧୬କି.ଗ୍ରା. ପଟାସ୍ ସାର ମଧ୍ୟରୁ ୩ ଭାଗରୁ ଭାଗେ ଯବକ୍ଷାରଜାନ ,ସବୁତକ ଫସ୍‌ଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ।

# ଖରାଦିନେ ପ୍ରାଣୀଙ୍କ ରୋଗ ଓ ପ୍ରତିକାର



ଡା. ବୀରକିଶୋର ପରିଡ଼ା

ଖରାଦିନେ ଅତ୍ୟଧିକ ରୌଦ୍ରତାପ ଫଳରେ ପିଇବାପାଣିର ଅଭାବ ସହ ସବୁଜ ଘାସର ଘୋର ଅଭାବ ଯୋଗୁ ଉଭୟ ପ୍ରାଣୀ ଓ ଚାଷୀଭାଇଙ୍କ ପକ୍ଷରେ ସମସ୍ୟାର କାରଣ ହୋଇଥାଏ। ଗୋରୁ (ବିଶେଷକରି ସଙ୍କର ଜାତୀୟ) ଅଧିକାଂଶ ସମୟରେ ଖରାତାପ ସହି ନ ପାରି ଧକେଇ ହୋଇପଡ଼ନ୍ତି। ସେମାନଙ୍କର କ୍ଷୁଧା କମିଯାଏ । ଫଳରେ ସେମାନେ ଦୁର୍ବଳ ହୋଇପଡ଼ନ୍ତି । ଗାଈଙ୍କ ଦୁଗ୍ଧଦେବା ଶକ୍ତି ହ୍ରାସପାଏ । ଗୋରୁଙ୍କର ଖାଦ୍ୟହୀନତା ଓ ଦୁର୍ବଳତା ଯୋଗୁ ସେମାନଙ୍କ ମଧ୍ୟରୁ କେତେକ ଅନେକ ସମୟରେ ମୃତ୍ୟୁବରଣ କରନ୍ତି। ତେବେ ଖରାଦିନେ କିଭଳି ଭାବେ ଯତ୍ନ ନେଲେ ଗୋସମ୍ପଦକୁ ବିଭିନ୍ନ ରୋଗଦାଉରୁ ରକ୍ଷା କରିପାରିବା, ତାହା ନିମ୍ନରେ ପ୍ରଦତ୍ତ କରାଯାଇଛି ।

**ଅଂଶୁଘାତ :** ଗୋରୁ ବହୁସମୟ ଧରି ବାହ୍ୟ ଜଳବାୟୁ ସଂସ୍ପର୍ଶରେ ଅଧିକ ଆସିଲେ, ମସ୍ତିଷ୍କର ହାଇପୋଥାଲାମସ୍‌ରେ ଥିବା ତାପ ନିୟନ୍ତ୍ରଣ କେନ୍ଦ୍ରରେ ପ୍ରଦାହ ସୃଷ୍ଟି ହେବା ଯୋଗୁ ଶରୀର ତାପ ନିୟନ୍ତ୍ରଣ ଶକ୍ତି ହରାଇବସେ । ଫଳରେ ଶରୀରର ଉତ୍ତାପ କମିବା ପରିବର୍ତ୍ତେ ବୃଦ୍ଧି ପାଇଥାଏ ଏବଂ ଅଂଶୁଘାତ ହୋଇଥାଏ । ଏତଦ୍ ବ୍ୟତୀତ ଖରାଦିନେ ଗୋରୁଙ୍କୁ ଅତ୍ୟଧିକ ପରିଶ୍ରମ କରାଇଲେ, ଶରୀରର ଚମଡ଼ା ମୋଟା ଥିଲେ, ମସ୍ତିଷ୍କରେ ଥିବା ହାଇପୋଥାଲାମସ୍‌ରେ କ୍ଷତ ସୃଷ୍ଟି ହେଲେ କିମ୍ବା ଶରୀରରୁ ଜଳୀୟ ଅଂଶ କମିଲେ ମଧ ଏପରି ଅବସ୍ଥା ସୃଷ୍ଟି ହୁଏ ।

> "ଗୋରୁ ବହୁ ସମୟ ଧରି ବାହ୍ୟ ଜଳବାୟୁ ସଂସ୍ପର୍ଶରେ ଅଧିକ ଆସିଲେ, ମସ୍ତିଷ୍କର ହାଇପୋଥାଲାମସ୍‌ରେ ଥିବା ତାପ ନିୟନ୍ତ୍ରଣ କେନ୍ଦ୍ରରେ ପ୍ରଦାହ ସୃଷ୍ଟି ହେବା ଯୋଗୁ ଶରୀର ତାପ ନିୟନ୍ତ୍ରଣ ଶକ୍ତି ହରାଇବସେ । ଫଳରେ ଶରୀରର ଉତ୍ତାପ କମିବା ପରିବର୍ତ୍ତେ ବୃଦ୍ଧି ପାଇଥାଏ ଏବଂ ଅଂଶୁଘାତ ହୋଇଥାଏ । ଏତଦ୍ ବ୍ୟତୀତ ଖରାଦିନେ ଗୋରୁଙ୍କୁ ଅତ୍ୟଧିକ ପରିଶ୍ରମ କରାଇଲେ, ଶରୀରର ଚମଡ଼ା ମୋଟା ଥିଲେ, ମସ୍ତିଷ୍କରେ ଥିବା ହାଇପୋଥାଲାମସ୍‌ରେ କ୍ଷତ ସୃଷ୍ଟି ହେଲେ କିମ୍ବା ଶରୀରରୁ ଜଳୀୟ ଅଂଶ କମିଲେ ମଧ ଏପରି ଅବସ୍ଥା ସୃଷ୍ଟି ହୁଏ ।"

**ଲକ୍ଷଣ :** ଗୋରୁଙ୍କ ଶରୀରର ଉତ୍ତାପ ୧୦୩ ଡିଗ୍ରୀ ଫାରେନ୍‌ହାଇଟ୍‌ରୁ ଊର୍ଦ୍ଧ୍ୱରେ ରହେ । କିଛି ଖାଆନ୍ତି ନାହିଁ। କ୍ଷୀଣ ଓ ଦୁର୍ବଳ ପରି ଦିଶନ୍ତି । ଶ୍ୱାସକ୍ରିୟା ଓ ନାଡ଼ିର ବେଗ ବଢ଼ିଯାଏ । ଗୋରୁମାନେ ପାଟିବାଟେ ନିଃଶ୍ୱାସ ନେବା ସହ ଧକେଇ ହୁଅନ୍ତି। ଜିଭ ପଦାକୁ ବେଳେବେଳେ ବାହାରି ଆସେ। ଝାଳ ବହେ । ପାଟିରୁ ଓ ନାକପୁଡ଼ାରୁ ଫେଣ ପରି ଲାଳ ନିର୍ଗତ ହୁଏ । ଧୀରେ ଧୀରେ ଝାଳ ବୋହିବା ବନ୍ଦ ହୋଇଯାଏ । ଗୋରୁ ଅସ୍ଥିର ହୋଇପଡ଼ନ୍ତି ଏବଂ ଚାଲିପାରନ୍ତି ନାହିଁ। ଥଣ୍ଡା ଓ ଛାଇ ସ୍ଥାନ ଖୋଜି ବୁଲନ୍ତି । ଗାଈ ବା ଛଡ଼ାର ପ୍ରଜନନ ଶକ୍ତି ହ୍ରାସ ପାଏ। ଶରୀରର ଉତ୍ତାପ ୧୦୭–୧୦୯ ଡିଗ୍ରୀ ଫାରେନ୍‌ହାଇଟ୍(୪୧.୫–୪୨.୫ ଡିଗ୍ରୀ ସେଲ୍‌ସିୟସ୍) ବୃଦ୍ଧି ଘଟିଲେ ଗୋରୁଙ୍କ ଶ୍ୱାସକ୍ରିୟାରେ ଅନିୟମିତତା ହୁଏ । ତା' ପରେ ଶ୍ୱାସକେନ୍ଦ୍ର ଓ ସ୍ନାୟୁରେ ପକ୍ଷାଘାତ ଘଟେ ଏବଂ ଶେଷ ଆଡ଼କୁ ଶରୀରର ଉତ୍ତାପ କମିଯାଏ ଓ ଗୋରୁ ମୃତ୍ୟୁବରଣ କରନ୍ତି ।



**ଚିକିତ୍ସା :** ପ୍ରଥମେ ଅଂଶୁଘାତ ଆକ୍ରାନ୍ତ ଗୋରୁଙ୍କୁ ଛାଇ ସ୍ଥାନକୁ ନେଇଯାଆନ୍ତୁ ଏବଂ ମୁଣ୍ଡରେ ବରଫ ପ୍ରୟୋଗ କରନ୍ତୁ । ତା'ପରେ ବରଫ ଥଣ୍ଡାପାଣି ଭିଜା କପଡ଼ାରେ ସମଗ୍ର ଶରୀରକୁ ପୋଛିଆଣନ୍ତୁ । ନର୍ମାଲ ସାଲାଇନ କିମ୍ବା ୫% ଡେକ୍ସଟ୍ରୋଜ୍ ସାଲାଇନ୍ ଶରୀରର ଜଳ ଶୁଷ୍କତା ବା ଡିହାଇଡ୍ରେସନ୍ କମାଇବା ପାଇଁ ଆସ୍ପିରିନ୍, ସାଲିସିଲେଟ୍ କିମ୍ବା ପାରାସିଟାମଲ୍ ଇଞ୍ଜେକଶନ ଶରୀରର ଉତ୍ତାପ କମାଇବା ପାଇଁ ଏବଂ ଷ୍ଟିରଏଡ୍ ଇଞ୍ଜେକଶନ୍ ସେରିବ୍ରାଲ ଏଡିମା ସକ୍‌ରୁ ରକ୍ଷା ପାଇବା ପାଇଁ ଦିଆଯାଏ। ପ୍ରାଣୀମାନଙ୍କର ଅସ୍ଥିରତା ରୋକିବା ପାଇଁ ଟ୍ରାଙ୍କୁଲାଇଜର ଯଥା – ସିକ୍ୱିଲ୍, ଲାର୍ଗାକ୍ଟିଲ ଇଞ୍ଜେକ୍‌ଶନ ପ୍ରଭୃତିର ସାହାଯ୍ୟ ନିଆଯାଏ । ସୋଡିୟମ୍ ବେଞ୍ଜଏଟ୍ ୫–୧୦ଗ୍ରାମ୍ ଚମଡ଼ା ତଳେ ଇଞ୍ଜେକ୍‌ଶନ୍ ଏବଂ ଅନ୍ୟାନ୍ୟ ଜୀବାଣୁ ସଂକ୍ରମଣରୁ ରକ୍ଷା ପାଇବାପାଇଁ ଆଣ୍ଟିବାଓଟିକ୍ସ ଦିଆଯାଏ । ଗୋରୁଙ୍କୁ ରାତ୍ରିର ଥଣ୍ଡା ପ୍ରହରରେ ଉତ୍ତମ ପୁଷ୍ଟିକର ଦାନାଜାତୀୟ ଖାଦ୍ୟ ଓ ଦିନରେ ସବୁଜ ଘାସ, ନଡ଼ାକୁଟା ଆଦି ଖାଇବାକୁ ଦେବା ଦରକାର । ପ୍ରଚୁର ଥଣ୍ଡା ପାଣି ପିଇବା କିମ୍ବା ପେଯତୋରାଣି ଗୋରୁଙ୍କୁ ଦିନବେଳେ ଚରାଇବା ପୂର୍ବରୁ ଓ ପରେ ପିଆଇବା ଆବଶ୍ୟକ । ଖରାଦିନେ ଗୋରୁଙ୍କ ଆରାମ ପାଇଁ ଉପଯୁକ୍ତ ଆଶ୍ରୟସ୍ଥଳ (ବାୟୁ ଚଳାଚଳ, ଛାଇ ପ୍ରଦାନ ଇତ୍ୟାଦି) ସୃଷ୍ଟି ଲାଗି ପଦକ୍ଷେପ ଗ୍ରହଣ କରିବା ଉଚିତ ।

**ଥନହରା ରୋଗ :** ଦୁଧିଆଳୀ ଗାଈଙ୍କ ପାଇଁ ଏହା ଏକ ମାରାତ୍ମକ ରୋଗ ଏବଂ କରାଇନେବ୍ୟାକ୍ଟେରିୟମ ପାଓଜିନିସ୍ ନାମକ ଜୀବାଣୁ ଦ୍ୱାରା ମୁଖ୍ୟତଃ ଏହି ରୋଗ ସୃଷ୍ଟି ହୋଇଥାଏ । ଠିକ୍ ଭାବରେ ଦୁଗ୍ଧ ନ ଦୁହିଁଲେ, ପହ୍ନାରେ କ୍ଷତ ବା ପ୍ରଦାହ ସୃଷ୍ଟି ହେଲେ, ଗୁହାଳ ଅପରିଷ୍କାର ରହିଲେ ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ଦୁଗ୍ଧ ଦୁହିଁଲେ ଏହି ରୋଗ ଖରାଦିନେ ଦେଖାଦେଇଥାଏ । ଖାଦ୍ୟାଭାବ ଯୋଗୁ ଦେହରେ ରୋଗ ପ୍ରତିରୋଧକାରୀ ଶକ୍ତି ହ୍ରାସ ପାଇଲେ, ପହ୍ନାରେ ଲୁକ୍କାୟିତ ଅବସ୍ଥାରେ ଥିବା ଜୀବାଣୁ ଏହି ରୋଗ ସୃଷ୍ଟିକରେ । କୀଟପତଙ୍ଗ, ମଶା, ମାଛି ଆଦି କାମୁଡ଼ିଲେ ମଧ ଏହି ଜୀବାଣୁ ଶରୀରରେ ସହଜରେ ପ୍ରବେଶକରି ରୋଗ କରିଥାଏ । ଖରାଦିନେ ସାଧାରଣତଃ ଛଡ଼ା ଓ ପଡ଼ିଆ ହୋଇଆସୁଥିବା ଗାଈଙ୍କଠାରେ ଏହା ମୁଖ୍ୟତଃ ଦେଖାଦେଇଥାଏ।

**ଲକ୍ଷଣ :** ଏହି ରୋଗ ହେଲେ ଗାଈ ଦୁହିଁବାକୁ ସୁଯୋଗ ଦିଅନ୍ତି ନାହିଁ । ପହ୍ନାରେ ସଂକ୍ରମିତ ଚିରଗୁଡ଼ିକ ଫୁଲି ବଡ଼ ହୋଇ ଲାଲ ଦିଶେ ଓ କଷ୍ଟ ଦିଏ । ଧୀରେ ଧୀରେ ପହ୍ନା ବା ଚିରର ଉପର କ୍ୱାର୍ଟରକୁ ଫୁଲା ବଢ଼ିଯାଏ ଏବଂ ଚିକିତ୍ସାର ବିଳମ୍ବ ଘଟିଲେ ଶେଷକୁ ବଡ଼ ଗେଟା ପରି ଟାଣ ବା କଠିନ ପରି ହାତକୁ ଲାଗେ । ବହଳ ପୂଜ ବା ଛେନା ଛିଡ଼ିଲା ପରି କ୍ଷୀର ସଂକ୍ରମିତ ଚିର ଦୁହିଁଲେ ବାହାରି ଆସେ । ଚିରର ବାଟ ସବୁଦିନ ପାଇଁ ବନ୍ଦହୋଇ ପହ୍ନାକୁ ଅକାମୀ କରିଦିଏ । (କ୍ରମଶଃ...)

–ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିକାଶ) ତଥା ସହକାରୀ ଅଧାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## କୁକୁଡ଼ା ପାଳନ



ରାଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ଦିନରୁ ୭ଦିନର କୁକୁଡ଼ା ଚିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ । ୨୧ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ । ୫୬ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ଟିକା ଦିଅନ୍ତୁ । ୧୧୨ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ବୁଷ୍ଟର ଟିକା ଦିଅନ୍ତୁ । ବର୍ତ୍ତମାନ କୁକୁଡ଼ା ଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜବେଷ୍ଟସ୍ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ । ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା ପରେ ୬ ମାସ ଅନ୍ତରରେ ଆର୍ ଟୁ ବି ଟିକା ଦିଅନ୍ତୁ। ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ ।

## ଡାଲିଜାତୀୟ ଫସଲ ଅମଳ ସମୟରେ...



ଛୁଇଁ ୮୦–୮୫ଭାଗ ପାକଳ ହୋଇଗଲେ ଅମଳକରି ଦିଅନ୍ତୁ। ଛୁଇଁ ଅଧିକ ଶୁଖିଗଲେ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡ଼ି ହୋଇପଡ଼େ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇଦେବା ଭଲ। ଏହା ମାଟିକୁ ଉର୍ବର କରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡ଼ା ୧୦ଭାଗରୁ କମ୍ ଜଳୀୟ ଅଂଶ ରହିବା ଦରକାର। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶିତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।

## ମହୁ ଚାଷ



ମହୁବାକ୍ସଗୁଡ଼ିକ ଗଛ ତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସଗୁଡ଼ିକ ଉପରେ ନଡ଼ା କିମ୍ବା ଅଖା ଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି । ତେଣୁ ନିୟମିତ ପରିଦର୍ଶନକରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭–୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳକରି ଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନକରି ବିକ୍ରୟ କରନ୍ତୁ।

# ପରିଶ୍ରମର ମୂଲ୍ୟ ମିଳିଛି

## ସଫଳ ଚାଷୀ
### ଦୟାନିଧି ସାହୁ



ଧର୍ମପତ୍ନୀଙ୍କ ସହ ଦୟାନିଧି।

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ୍‌ର ଦୟାନିଧି ସାହୁ (ମୋ : ୯୬୯୨୬୪୯୮୪୨) ଜଣେ ସଫଳ ଚାଷୀ ରୂପେ ସ୍ଥାନୀୟ ଅଞ୍ଚଳରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ଉକ୍ତ ବ୍ଲକ୍‌ର ବରି ପଞ୍ଚାୟତ ଅଧୀନ ବରିମେଳକ ଗ୍ରାମରେ ତାଙ୍କର ଜନ୍ମ। ସେ ନିଜର ସାଢେ ୪ ଏକର ଜମି ମଧ୍ୟରୁ ୨ ଏକରରେ ଦୁଇଟି ମାଛ ପୋଖରୀ କରିବା ସହ ବଳକା ଅଢ଼େଇ ଏକର ଜମିରେ ବାଇଗଣ, କଲରା, ତରଭୁଜ, ଲାଉ, ଭେଣ୍ଡି, ଲଙ୍କା, ବୋଇତାଳୁ, କୁନ୍ଦୁରୀ, ଧଣିଆ ପତ୍ର, ପୋଟଳ, ଝୁଡଙ୍ଗ, ପିତାଗମା ଇତ୍ୟାଦି ବିଭିନ୍ନ ଶାଗ କରିଛନ୍ତି । ବିଭିନ୍ନ ଫସଲ ଅମଳ ପରେ ଜମିରେ ଧାନଚାଷ ମଧ କରନ୍ତି । ଫସଲର ମୁଖ୍ୟ ଉପାଦାନ ଜଳ ଯୋଗାଣ ପାଇଁ ସେ ନିଜ କ୍ଷେତରେ ସ୍ପ୍ରିଙ୍କଲର ଓ ଡ୍ରିପ୍ ସଂଯୋଗ କରିଛନ୍ତି । ଉଦ୍ୟାନ ବିଭାଗ ପକ୍ଷରୁ ତାଙ୍କୁ ୨୦୨୦–୨୧ରେ ପନିପରିବା ସଂରକ୍ଷଣ ପାଇଁ ୪ ଲକ୍ଷ ଟଙ୍କାର ସହାୟତା ରାଶି ଏକ ପ୍ୟାକ୍ ହାଉସ ନିର୍ମାଣ ପାଇଁ ମିଳିଛି ।

ନିଜ ସମ୍ପର୍କରେ ଦୟାନିଧି କହନ୍ତି, "ପାଠ ପଢ଼ା ତ ଭଲ ହେଉଥିଲା, ତା'ସହ ବରି ହାଇସ୍କୁଲରେ ମୁଁ ଜଣେ ମେଧାବୀ ଛାତ୍ର ଥିଲି। ଏକଦା ସାର୍‌ଙ୍କୁ 'ମୁଁ ଭବିଷ୍ୟତରେ କୃଷକ ହେବି' ବୋଲି କହି ଗାଳି ଶୁଣିଥିଲି। କିନ୍ତୁ ଆଜି ମୁଁ ମୋ ଲକ୍ଷ୍ୟ ହାସଲ କରିପାରିଛି। ଭଦ୍ରକ କଲେଜରେ ଯୁକ୍ତ୨ ଶେଷ କରିବା ପରେ ଭାରତୀୟ ନୌସେନା ପାଇଁ ଚୟନ ହୋଇ ଶେଷ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲି । କିନ୍ତୁ ପାରିବାରିକ ସମସ୍ୟା ପାଇଁ ପାଠପଢ଼ାରେ ଡୋରି ବାନ୍ଧିବାକୁ ପଡ଼ିଥିଲା। କିଛି ରୋଜଗାର କରିବାକୁ ମୁଁ ବମ୍ବେ ଯାଇଥିଲି। ସେଠାରୁ ଫେରିବା ପରେ କୃଷି କାର୍ଯ୍ୟରେ ମନୋନିବେଶ କଲି। ୨୦୧୭ରୁ ମୁଁ ଏହା ସହ ଜଡ଼ିତ ଅଛି। ଚାଷକାର୍ଯ୍ୟରେ ମୋ ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟାଙ୍କ ସାହାଯ୍ୟକୁ କଦାପି ଭୁଲିପାରିବି ନାହିଁ। ଏଥିରେ ସହଯୋଗ ପାଇଁ କେତେ ଜଣଙ୍କୁ ନିଯୁକ୍ତି ଦେଇଛି। ହେଲେ ଯେଉଁ ଚାକିରି ମୁଁ କରିପାରି ନ ଥିଲି ମୋ ଝିଅ ଶ୍ରାବଣୀ ସେଥିରେ ସଫଳ ହୋଇଛି। ବର୍ତ୍ତମାନ ସେ ଭାରତୀୟ ନୌବାହିନୀ ପାଇଁ ସିଲେକ୍ଟ ହୋଇଛି। ମୋଟ ଉପରେ କହିବାକୁ ଗଲେ ମୋ ପରିଶ୍ରମର ମୂଲ୍ୟ ମିଳିଛି।" ବରି ବଜାର ବ୍ୟତୀତ ସ୍ଥାନୀୟ ବିଭିନ୍ନ ଅଞ୍ଚଳର ସାପ୍ତାହିକ ହାଟରେ ସେ ଉତ୍ପାଦନ କରିଥିବା ପନିପରିବା ବିକ୍ରି କରିଥାଆନ୍ତି। ଶିକ୍ଷିତ ଯୁବତୀଯୁବକମାନେ ଚାକିରି ପଛରେ ନ ଗୋଡ଼ାଇ କୃଷି କାର୍ଯ୍ୟ ପ୍ରତି ମନୋନିବେଶ କଲେ ବେଶ୍ ଲାଭବାନ୍ ହୋଇପାରିବେ ବୋଲି ମତ ଦିଅନ୍ତି ଦୟାନିଧି।

**– ସନ୍ତୋଷ କୁମାର ନାୟକ, ସିମୁଳିଆ**

## କୁଜିସାରୁ ଚାଷ କରୁଥିଲେ



ଅଧିକ ଅମଳକ୍ଷମ ସାରୁ କିସମ ମଧ୍ୟରେ ରହିଛି ତେଲିଆ, ମୁକ୍ତାକେଶୀ, ଟୋପି, ସାତମୁଖ ଓ ଝାଙ୍କଡ଼ି। ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରାଯାଏ। ପୁଆଗୁଡ଼ିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ୧ଏକର ଫସଲ ପାଇଁ ୪କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କି.ଗ୍ରା. ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନକରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨–୩ ଓଡ଼ ଗଭୀର ଚାଷକରି ମଇଦେଇ ମାଟି ଭଲ ଭାବରେ ଗୁଣ୍ଡକରି ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ଶଢ଼ା ଗୋବରଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା. ଯବକ୍ଷାରଜାନ , ୨୪କି.ଗ୍ରା. ଫସ୍‌ଫରସ୍,୧୬କି.ଗ୍ରା. ପଟାସ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ୧୦ଦିନ ପରେ ୨୦କି.ଗ୍ରା. ଯବକ୍ଷାରଜାନ ,୨୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ।

# ଡାଲୁଅ ଧାନରେ ରୋଗପୋକ ପରିଚାଳନା



ଡାଲୁଅ ଧାନଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବାର ସମ୍ଭାବନା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ଦିନେ ବା ୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮–୧୦ଟି ପୋକ ଲାଗିଲେ ଇମିଡାକ୍ଲୋପ୍ରିଡ୍ ୩ ମି.ଲି./୧ ଲିଟର ବା ବୁପ୍ରୋଫେଜିନ୍ ୧ ମି.ଲି./୧ ଲିଟର ପାଣିରେ ଗୋଳାଇ ଗଛମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ–୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲୋଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ୩୦ଦିନର ଗଛ ହୋଇଥିଲେ ଟ୍ରାଇକୋଗାମା ଜାପୋନିକମ୍ ପରାଶ୍ରୟୀ କୀଟର ଟ୍ରାଇକୋକାର୍ଡକୁ ଏକର ପ୍ରତି ୨ଟି କାର୍ଡ ହିସାବରେ ପ୍ରତି ସପ୍ତାହ ଅନ୍ତରରେ ଜମିରେ ପ୍ରୟୋଗ କରନ୍ତୁ ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୩/୨୦୨୫ Bhubaneswar, Wednesday, April 23/ 2025

# ଜାତୀୟ ସିନିୟର ମହିଳା ରଗ୍‌ବୀ ସେଭେନ୍ସ ଆଜିଠାରୁ



ଓଡ଼ିଶା ଦଳରେ ସ୍ଥାନ ପାଇଥିବା କିସ୍‌ର ୭ ଖେଳାଳି।

**ଭୁବନେଶ୍ୱର, ୨୨।୪ (ତପନ ସ୍ୱାଇଁ)**

ଗୁଆହାଟୀର ଇନ୍ଦିରା ଗାନ୍ଧୀ ଆଥଲେଟିକ୍ ଷ୍ଟାଡିୟମରେ ବୁଧବାର ଜାତୀୟ ସିନିୟର ମହିଳା ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଆରମ୍ଭ ହେବ। ଏଥିପାଇଁ ମନୋନୀତ ଓଡ଼ିଶା ଦଳରେ କିସ୍‌ର ୭ ଜଣ ଯାକ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡୁମୁନି ମାର୍ଣ୍ଡି, ରଞ୍ଜିତା ନାଏକ,

## ଓଡ଼ିଶା ଦଳରେ କିସ୍‌ର ୭ ଖେଳାଳି

ମାମା ନାଏକ, ତରୁଲତା ନାଏକ, ପୁଷ୍ପାଞ୍ଜଳି ଭୋଇ, ବର୍ଷାରାଣୀ ମାଝି ଓ ଗୀତାରାଣୀ ସାଇ। ଦେଶର ମୋଟ ୨୪ ରାଜ୍ୟରୁ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି। ପୁଲ୍ 'ଏ'ରେ ଛତିଶଗଡ଼ ଓ ଉତ୍ତର ପ୍ରଦେଶ ସହ ଓଡ଼ିଶା ସ୍ଥାନ ପାଇଛି। ପୁଲ୍ 'ବି'ରେ ବିହାର, ଆସାମ, ଆଣ୍ଡାମାନ ଆଣ୍ଡ ନିକୋବର, ପୁଲ୍ 'ସି'ରେ ମହାରାଷ୍ଟ୍ର, ମଣିପୁର, ମଧ୍ୟ ପ୍ରଦେଶ, ପୁଲ୍ 'ଡି'ରେ ପଶ୍ଚିମବଙ୍ଗ, ଗୁଜରାଟ, ଆନ୍ଧ୍ର ପ୍ରଦେଶ, ପୁଲ୍ 'ଇ'ରେ ଦିଲ୍ଲୀ ଚଣ୍ଡିଗଡ଼, ପୁଡୁଚେରୀ, ପୁଲ୍ 'ଏଫ୍'ରେ କେରଳ, ଉତ୍ତରାଖଣ୍ଡ, ହରିୟାଣା, ପୁଲ୍ 'ଜି'ରେ କର୍ଣ୍ଣାଟକ, ଝାଡ଼ଖଣ୍ଡ, ତେଲେଙ୍ଗାନା ଓ ପୁଲ୍ 'ଏଚ୍'ରେ ପଞ୍ଜାବ, ରାଜସ୍ଥାନ ଓ ଜମ୍ମୁ କଶ୍ମୀର ଦଳ ସ୍ଥାନ ପାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରୀୟଦର୍ଶୀ ମିଶ୍ର ଓ ସମ୍ପାଦକ ଉପେନ୍ଦ୍ର ମହାନ୍ତି ପ୍ରମୁଖ ଓଡ଼ିଶା ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ: ଲିଲମୁନୀ ହାଁସଦା, ଗୀତାରାଣୀ ସାଇ, ତରୁଲତା ନାଏକ, ମାମା ନାଏକ, ସୁନୀତା ହାଁସଦା, ସନ୍ଧ୍ୟାରାଣୀ ଟୁଡୁ, ପୁଷ୍ପାଞ୍ଜଳି ଭୋଇ, ଡୁମୁନି ମାର୍ଣ୍ଡି, ରଞ୍ଜିତା ନାଏକ, କବିତା କସ୍ତୁରୀ ପଡିହାରୀ, ଆରତୀ ମୁର୍ମୁ, ବର୍ଷାରାଣୀ ମାଝି। କୋଚ୍: ରାଜକିଶୋର ମୁର୍ମୁ, ମ୍ୟାନେଜର: ସୁନୀତା ବର୍ମା, ଫିଜିଓ: ସୌମ୍ୟାଶ୍ରୀ ମିଶ୍ର।

# ପ୍ରଜ୍ଞା, ସ୍ୱାଧୀନଙ୍କୁ ରୌପ୍ୟ

**ଭୁବନେଶ୍ୱର, ୨୨।୪ (ତପନ ସ୍ୱାଇଁ)**

କେରଳର କୋଚିଠାରେ ଚାଲିଥିବା ୨୮ତମ ନ୍ୟାଶନାଲ ଫେଡେରେଶନ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଓଡ଼ିଶାକୁ ଆଉ ୨ଟି ରୌପ୍ୟ ପଦକ ମିଳିଛି। ମଙ୍ଗଳବାର ଅନୁଷ୍ଠିତ ମହିଳା

## ନ୍ୟାଶନାଲ ଫେଡେରେଶନ ଆଥଲେଟିକ୍ସ

୧୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ ୧୩.୪୦ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ରିଲାଏନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଜ୍ୟୋତି ୟାରାଜି ୧୩.୨୩ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ତାମିଲନାଡୁର ନିତ୍ୟା ରାମରାଜ (୧୩.୪୨) ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ପୁରୁଷ ହାଇଜମ୍ପରେ ଓଡ଼ିଶାର ସ୍ୱାଧୀନ କୁମାର ମାଝି ୨.୧୪ ମିଟର କ୍ଲିୟର କରି ରୌପ୍ୟ ପଦକ ପାଇଛନ୍ତି। ମହାରାଷ୍ଟ୍ରର ସରଭେଶ ଅନିଲ କୁଶାରେ ୨.୨୬ ଓ କେରଳର ଭରତ ରାଜ ୨.୧୪ ମିଟର ସହିତ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଏଥିରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଓଡ଼ିଶା ଆଥଲେଟ୍ ନିଖିଲ ଦାସ ୨.୦୦ ମିଟର ଜମ୍ପକରି ୧୨ଶ ସ୍ଥାନରେ ରହିଛନ୍ତି। ପୁରୁଷ ଲଙ୍ଗଜମ୍ପ ଫାଇନାଲରେ ସରୁନ ପାୟାସିଂ ୭.୩୯ ମିଟର କ୍ଲିୟର କରିପାରି ୯ମ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ଏଥିରେ ତାମିଲନାଡୁର ଡାଭିଡ ପି. (୭.୯୪), ରିଲାଏନ୍ସର ଜେସୱିନ ଆଲଡ୍ରେନ (୭.୮୩) ଓ ମହମ୍ମଦ ଆନେସ (୭.୭୦) ଯଥାକ୍ରମେ ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଏଚପିସି ଆଥଲେଟ୍ ଅନିମେଶ କୁଜୁର ପୁରୁଷ ୧୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲେ।



ପଦକ ସହ ପ୍ରଜ୍ଞା ପ୍ରଶାନ୍ତି ସାହୁ।

# ୫ ମହିଳା ଚେସ୍ ଖେଳାଳିଙ୍କୁ ୧କୋଟି ଫେଲୋଶିପ୍ ଅନୁଦାନ

**ହାଇଦ୍ରାବାଦ, ୨୨।୪ (ପି.ଟି.)**

ଭାରତରେ ମହିଳା ଖେଳର ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଥିବା ୬୪ ସ୍କୋୟାର୍ସ ନାମକ ଏକ ସଂଗଠନ ମଙ୍ଗଳବାର ଇଣ୍ଟରନ୍ୟାଶନାଲ ମାଷ୍ଟର(ଆଇଏମ୍) ଭାନ୍ତିକା ଅଗ୍ରୱାଲଙ୍କ ବ୍ୟତୀତ ଅନ୍ୟ ୪ଜଣ ଉଦୀୟମାନ ଚେସ୍ ଖେଳାଳି ୧କୋଟି ଟଙ୍କାର ଫେଲୋଶିପ୍ ଅନୁଦାନ ପାଇବା ପାଇଁ ମନୋନୀତ କରିଛି। ୬୪ ସ୍କୋୟାର୍ସ ହେଉଛି ହାଇଦ୍ରାବାଦସ୍ଥିତ ପ୍ରଭାହ ଫାଉଣ୍ଡେଶନ ଏବଂ ଚେସ୍ ଷ୍ଟାର୍ଟଅପ୍ ଏମ୍‌ଜିଡି-୧ର ଏକ ମିଳିତ ପ୍ରୟାସ। ଉପକୃତ ହେବାକୁଥିବା ୫ ଖେଳାଳି ହେଲେ ଆଇଏମ୍ ଭାନ୍ତିକା, ଡବ୍ଲ୍ୟୁଏଫ୍ଏମ୍ ଶୁଭି ଗୁପ୍ତା, ଡବ୍ଲ୍ୟୁଏଫ୍ଏମ୍ ଚାର୍ଭି ଅନିଲକୁମାର ଏବଂ ଉଦୀୟମାନ ପ୍ରତିଭା ଡବ୍ଲ୍ୟୁଆଇଏମ୍ ସାରାୟୁ ଭେଲପୁଲା ଓ ଡବ୍ଲ୍ୟୁଆଏଇଏମ୍ ସାହିଥି ଭାର୍ଷିନୀ। ଫେଲୋଶିପ୍ ଅନୁଦାନ ଏହି ଖେଳାଳିମାନଙ୍କ ଏକ ବର୍ଷ ପାଇଁ ଟ୍ରେନିଂ, ଟୁର୍ନାମେଣ୍ଟରେ ଅଂଶଗ୍ରହଣ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ବ୍ୟୟ କରାଯିବ। ଏମାନଙ୍କ ମଧ୍ୟରୁ ପୂର୍ବରୁ ଅର୍ଜୁନ ପୁରସ୍କାର ବିଜେତା ଭାନ୍ତିକା ୨୦୨୩ରେ ସହାୟତା ପାଇଥିଲେ।




# ବିଶ୍ୱଭାରତୀ, ନିମପୁର ସେମିଫାଇନାଲରେ



ପ୍ଲେୟର ଅଫ୍ ଦି ମ୍ୟାଚ ଅଭିଷେକ ଯାଦବଙ୍କ ସହ ଅତିଥି ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୨୨।୪ (ତପନ ସ୍ୱାଇଁ)**

କଟକ ଜଗତ୍‌ପୁରସ୍ଥିତ ନିମପୁର ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଚାଲିଥିବା ମୁଲବେରୀ ଟ୍ୱିନ ସିଟି ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ବିଶ୍ୱଭାରତୀ କ୍ଲବ ଓ ନିମପୁର ସ୍ପୋର୍ଟ୍ସ ଆଣ୍ଡ କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ବିଶ୍ୱଭାରତୀ ୮ ଉଇକେଟରେ ୟୁନିୟନ କ୍ଲବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ୟୁନିୟନ କ୍ଲବ ୯ ଉଇକେଟରେ ୧୧୪ ରନ କରିଥିଲା। ୧୧୫ ରନ ବିଜୟ ଲକ୍ଷ୍ୟକୁ ବିଶ୍ୱଭାରତୀ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଅଭିଷେକ ଯାଦବ ୧୮ ବଲ୍‌ରୁ ବିସ୍ଫୋରକ ୫୬ ରନକରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଇଷ୍ଟକୋଷ୍ଟ ରେଲୱେ କ୍ରୀଡ଼ା ସମ୍ପାଦକ ମହମ୍ମଦ ଜାକିର, ଯୁଗ୍ମ ସମ୍ପାଦକ ଜ୍ୟୋତି ଶଙ୍କର ଓ ସିଏମ୍‌ସି ଡେପୁଟି ମେୟର ଦମୟନ୍ତି ମାଝି ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟଏକ ମ୍ୟାଚରେ ନିମପୁର ଦଳ ୧୬ ରନରେ ପଟ୍ଟନାୟକ ଆସୋସିଏଟ୍ସକୁ ହରାଇ ଦେଇଛି। ନିମପୁର ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୬୯ ରନ କରିଥିଲା। ଶାନ୍ତନୁ ମିଶ୍ର ୫୧ ଓ ରଘୁନାଥ ମଲ୍ଲ ୪୧ ରନ କରିଥିଲେ। ଜବାବରେ ପଟ୍ଟନାୟକ ଆସୋସିଏଟ୍ସ ୮ ଉଇକେଟ ହରାଇ ୧୫୩ ରନ କରିବାକୁ ସକ୍ଷମ ହୋଇଥିଲା। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଶାନ୍ତନୁ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସାମାଜିକ କର୍ମୀ ନୃସିଂହ ଚରଣ ପରିଡ଼ା ଅତିଥିଭାବେ ଯୋଗ ଦେଇଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ